ପରୀକ୍ଷକମାନେ କାର୍ଯ୍ୟ ଶେଷ କରି ଯେଉଁ ରିପୋର୍ଟ ଦେଇଅଛନ୍ତି ତହିଁରେ ସେମାନେ ଛାତ୍ରମାନଙ୍କ ଯୋଗ୍ୟତା ଦର୍ଶନରେ ଆନନ୍ଦ ପ୍ରକାଶ କରିଅଛନ୍ତି । ସେମାନେ ଲେଖି ଅଛନ୍ତି "କି ଅଧିକାଂଶ ଛାତ୍ର ସମସ୍ତ ବିଷୟରେ ଅତି ଉତ୍ତମ ଏବଂ ଉତ୍ତମ ଅଙ୍କ ପାଇ ଅଛନ୍ତି ଓ କେହିଁ ଉତ୍ତମ ଓ ସହଜ ଉତ୍ତମ ଅଙ୍କ ପାଇଅଛନ୍ତି ମାତ୍ର ଅଧମ ଅଙ୍କ କେହି ପାଇ ନାହାନ୍ତି ଓ ଏକଜଣ ଛଡା ସମସ୍ତେ ଏମନ୍ତ ପ୍ରଶଂସନୀୟ ରୂପେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯେ ଆମ୍ଭମାନଙ୍କ ବିବେଚନାରେ ହାସପାତାଲ ଆସିଷ୍ଟାଣ୍ଟ ସ୍ୱରୂପ ସେମାନେ ଔଷଧ ଓ ଅସ୍ତ୍ର ଚିକିତ୍ସା କରିବାକୁ ସମ୍ପୂର୍ଣ୍ଣରୂପେ ଯୋଗ୍ୟ ଅଟନ୍ତି ଓ ସେମାନଙ୍କୁ ସାର୍ଟିଫିକେଟ ଦେବାପାଇଁ ଆମ୍ଭେମାନେ ଅନୁରୋଧ କରୁଁ । ଯେଉଁ ଛାତ୍ରଟି ଯୋଗ୍ୟ ହୋଇ ନାହିଁ ତାହାର ନାମ ଶ୍ରୀ ଜଗନ୍ନାଥ ଘୋଷ । ଏ ବ୍ୟକ୍ତି ଅନେକ ବିଷୟରେ ଉତ୍ତମ ଏବଂ ସହଜ ଉତ୍ତମ ଅଙ୍କ ପାଇଲେହେଁ ଅନ୍ୟ ସମସ୍ତ ଛାତ୍ରଙ୍କ ତଳରେ ପଡିଅଛି ଏବଂ ପାଠ ଶୁଣିବାରେ ଓ ହାସପାତାଲ କର୍ମରେ ରୀତିମତ ଉପସ୍ଥିତ ହୋଇ ନାହିଁ ଏଥିପାଇଁ ଏହାକୁ ଆଉ ଏକବର୍ଷ ଅଧ୍ୟୟନ କରିବା କାରଣ ଆମ୍ଭେମାନେ ଅନୁରୋଧ କରୁଁ । ଉତ୍ତୀର୍ଣ୍ଣ ହେବା ଛାତ୍ରମାନଙ୍କ ମଧ୍ୟରେ ଆମ୍ଭେମାନେ ଚାରିଜଣ ଛାତ୍ର ଅର୍ଥାତ୍ ଅନ୍ନଦାଲାଲ ଘୋଷ ଲାଲ ବେହାରୀ ମଲ୍ଲିକ୍ ଜଗନ୍ନାଥ ମିଶ୍ର ଏବଂ ଫକୀର ନାୟକ (ବିଶେଷରେ ପ୍ରଥମ ଲିଖିତ ଛାତ୍ରଙ୍କୁ) ଆମ୍ଭେମାନେ ଅତ୍ୟନ୍ତ ପ୍ରଶଂସା କରୁଁ । ଏମାନେ ସମସ୍ତ ପ୍ରଶ୍ନର ଅତି ସୁନ୍ଦର ଉତ୍ତର ଦେଇ ଅଛନ୍ତି ।"

ଡାକ୍ତର ଟାମସ ସାହେବ ଆହୁରି କହିଅଛନ୍ତି କି ଛାତ୍ରମାନେ ସମସ୍ତ ପାଠ୍ୟ ବିଷୟରେ ଯେପରି ଯୋଗ୍ୟତା ଦେଖାଇ ଅଛନ୍ତି ତାହା ଦେଖି ସେ ଅତ୍ୟନ୍ତ ଚମତ୍କୃତ ହୋଇଅଛନ୍ତି ଏବଂ ତାହାଙ୍କ ବିବେଚନାରେ ଡାକ୍ତର ଷ୍ଟିଓ୍ୱାର୍ଟ ଏବଂ ତାହାଙ୍କ ସହଯୋଗିମାନେ ଭୂରି ପ୍ରଶଂସାର ଯୋଗ୍ୟ ଅଟନ୍ତି କାରଣ ସେମାନେ ବିଶେଷ ପରିଶ୍ରମ ଓ ଯତ୍ନ କରିବାରୁ ଏତେ ଅଳ୍ପ କାଳରେ ଏପରି ଶୁଭଫଳ ଲାଭ ହୋଇଅଛି ।

ଏଥି ଉପରେ ଆମ୍ଭମାନଙ୍କର ପ୍ରଶଂସା କରିବାର ପ୍ରୟୋଜନ ନାହିଁ । ଡାକ୍ତର ଷ୍ଟିଓ୍ୱାର୍ଟ ସାହେବ ଯଥାର୍ଥ କହିଅଛନ୍ତି ଯେ ଓଡ଼ିଶା ବାସିଙ୍କୁ ଅନାୟାସରେ ଶିକ୍ଷା ଦାନଦ୍ୱାରା ସୁଚିକିତ୍ସକ କରା ଯାଇ ପାରେ । ଅଧିକାଂଶ ଛାତ୍ର ସରକାରୀ କର୍ମ କରିବାକୁ ଇଚ୍ଛୁକ ଏବଂ ଡାକ୍ତର ସାହେବ ଯେମନ୍ତ ସେମାନଙ୍କ ଶିକ୍ଷା ପକ୍ଷରେ ତତ୍ପର ସେହିପରି ସେମାନଙ୍କୁ କାର୍ଯ୍ୟରେ ନିଯୁକ୍ତି ଦେବା କାରଣ ମଧ୍ୟ ଚେଷ୍ଟିତ ଅଛନ୍ତି । ଏଥି ମଧ୍ୟରେ ଏକଜଣ ଛାତ୍ର ସମ୍ବଲପୁର ଏଲାକା ସାରଙ୍ଗଡ଼ ଚିକିତ୍ସାଳୟରେ ଏବଂ ଏକଜଣ ଗୋରଧାରେ ନିଯୁକ୍ତ ହେଲେଣି ଏବଂ ଓଡ଼ିଶାର ମୋଗଲବନ୍ଦୀ ଓ ଗଡଜାତଠାରୁ ସମ୍ବଲପୁରର ଗଡଜାତ ମହାଲର ଶେଷସୀମା ପର୍ଯ୍ୟନ୍ତ ଉତ୍ତୀର୍ଣ୍ଣ ହେବା ଛାତ୍ରଙ୍କ କାର୍ଯ୍ୟ କରିବା କାରଣ ବିସ୍ତୀର୍ଣ୍ଣ କ୍ଷେତ୍ର ରହିଅଛି । ଅତଏବ ଯେଉଁମାନେ ଶିକ୍ଷା କରିବେ ସେମାନଙ୍କୁ କାର୍ଯ୍ୟର ଅଭାବ ହେବ ନାହିଁ । ଅନେକ ଛାତ୍ର ସ୍ୱାଧୀନ ଚିକିତ୍ସାଦ୍ୱାରା ଜୀବିକା ନିର୍ବାହ କରି ପାରିବେ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ମୟୂରଭଞ୍ଜ ଓ କେଉଁଝରର ମହାରାଜା ଦ୍ୱୟ ଏ ବିଦ୍ୟାଳୟର ବିଶେଷ ସାହାଯ୍ୟ କରିଅଛନ୍ତି ଏବଂ ଡାକ୍ତର ଷ୍ଟିଓ୍ୱାର୍ଟ ସାହେବ ଆଶା କରନ୍ତି କି ଏ ବିଦ୍ୟାଳୟର ଆଉ ଯାହା କିଛି ଅଭାବ ଅଛି ଏମାନଙ୍କଦ୍ୱାରା ପୂର୍ତ୍ତି ହେବ ।

ଏ ବର୍ଷ ଶେଷରେ ପ୍ରଥମ ବର୍ଷୀୟ ଶ୍ରେଣୀରେ ଜ ୭ ଣ ଦ୍ୱିତୀୟ ବର୍ଷୀୟ ଶ୍ରେଣୀରେ ଜ ୧୨ ଣ ଏବଂ ତୃତୀୟ ବର୍ଷୀୟ ଶ୍ରେଣୀରେ ଜ ୧୪ ଣ ସର୍ବସୁଦ୍ଧା ଜ ୩୩ ଣ ଛାତ୍ର ଅଧ୍ୟୟନ କରୁଥିଲେ । ଜ ୧୩ ଣ ଉତ୍ତୀର୍ଣ୍ଣ ହୋଇ ଯିବାରୁ ବାକି ଜ ୨୦ ଣ ଅଛନ୍ତି । ଆମ୍ଭେମାନେ ଭରସା କରୁଁ ଯେ ଏଥର ନୂତନ ଛାତ୍ରମାନେ ଆଗ୍ରହ ପୂର୍ବକ ଏ ବିଦ୍ୟାଳୟକୁ ଧାଇଁ ଆସିବେ ।

ପରିଶେଷରେ ଗବର୍ଣ୍ଣମେଣ୍ଟଙ୍କୁ ଏତିକି ଅନୁରୋଧ ଯେ ଏ ବିଦ୍ୟାଳୟଟି ଚିରସ୍ଥାୟୀ କରିବା ପକ୍ଷରେ ବିହିତ ବନ୍ଦୋବସ୍ତ କରି ଦେଉନ୍ତୁ ଏବଂ ଶିକ୍ଷକମାନଙ୍କୁ ଉତ୍ସାହ ଦେବା ପକ୍ଷରେ ମଧ୍ୟ ବିହିତ ବିଚାର କରନ୍ତୁ ।

---

# ସାପ୍ତାହିକସଂବାଦ ।

ନୟାଗଡର ରଜା ପଞ୍ଜାବ ପର୍ଯ୍ୟନ୍ତ ଭାରତବର୍ଷର ଅନେକ ତୀର୍ଥ ଓ ଅନ୍ୟାନ୍ୟ ସ୍ଥାନମାନ ଭ୍ରମଣକରି କୁଶଳଶରୀରରେ ଗତ ବୁଧବାର ଏ ନଗର ବାଟେ ଆପଣା ଦେଶକୁ ପ୍ରତ୍ୟାଗମନ କଲେ ।

ନରସିଂହପୁର ରଜା ଓ ପ୍ରଜାଙ୍କ ମଧ୍ୟରେ ପୁନର୍ବାର ଜ ଗୋଲମାଲ ଉପସ୍ଥିତ ହେବାରୁ ତହିଁର ତଦନ୍ତ ଓ ନିବାରଣ ନିମିତ୍ତ ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ତତ୍ତ୍ୱ କରିବାକୁ ଯାଇଅଛନ୍ତି ।

କଲିକତାର ପ୍ରେସିଡେନ୍‌ସୀ ମେଜିଷ୍ଟର ପଦରେ ବାବୁ ଗଣେଶ ଚନ୍ଦ୍ର ଚନ୍ଦ ଓ ବାବୁ ଶାଳଗ୍ରାମ ସିଂହ ନିଯୁକ୍ତ ହୋଇଅଛନ୍ତି ।

ମାନ୍ଦରାଜର ଦେଶୀୟ ଭଦ୍ର ବ୍ୟକ୍ତିମାନେ ଦୁର୍ଭିକ୍ଷର ଅନାଥ ବାଳକମାନଙ୍କ ନିମନ୍ତେ ଗୋଟିଏ ଆଶ୍ରମ ସ୍ଥାପନ କରିଅଛନ୍ତି । ଏଥିର କାର୍ଯ୍ୟ ହିନ୍ଦୁମତାନୁସାରେ ଚଳିବ ଓ ପ୍ରତିପାଳିତ ବାଳକଙ୍କ ସଂଖ୍ୟା ୫୦ ରୁ ଅଧିକ ନ ହେବ । ଏଥିର ବ୍ୟୟ ନିର୍ବାହ ସକାଶେ ମୂଳଧନ ଟ ୭୦୦୦୦ ଙ୍କା ଆବଶ୍ୟକ ଏଥିକୁ ଭେଙ୍କଟଗିରିର ରାଜା ଟ ୧୦୦୦୦ ଙ୍କା ଦେବାକୁ ସ୍ୱୀକାର କରିଅଛନ୍ତି । ଖ୍ରୀଷ୍ଟିୟାନଙ୍କ ଅନାଥାଶ୍ରମକୁ ଗବର୍ଣ୍ଣମେଣ୍ଟ ସାହାଯ୍ୟ କରନ୍ତି ହିନ୍ଦୁ ଆଶ୍ରମକୁ କାହିଁକି ସାହାଯ୍ୟ ନ ଦେବେ ?

ଚଳିତମାସ ତା ୩ ରିଖରେ ବମ୍ବାଇରେ କପା ମାସୁଲ ଉଠିବା ବିଷୟ କଥାର ନିମିତ୍ତ ସଭା ହୋଇଥିଲା । ସେ ସଭାରେ ଅନେକ ଲୋକ ଉପସ୍ଥିତ ହୋଇ ଥିଲେ । ଉକ୍ତ ବିଷୟରେ ପାର୍ଲିମେଣ୍ଟରେ ଆବେଦନ କରିବାର ସଭାରେ ଧାର୍ଯ୍ୟ ହେଲା ।

ବିଲାତର ଜଣେ ବିବି ବିବାହ ଇଚ୍ଛାରେ କୌଣସି ସାହେବ ସଙ୍ଗରେ ପ୍ରଣୟ କରୁଥିଲେ, କିନ୍ତୁ ଶୁଣିପାରିଲେ ଯେ ସେ ସାହେବଙ୍କର ସ୍ତ୍ରୀ ଓ ଦୁଇଟିପୁତ୍ର ଅଛନ୍ତି ଅତଏବ ତତ୍କ୍ଷଣାତ ବିଷ ଖାଇ ପ୍ରାଣତ୍ୟାଗ କଲେ । ହଠାତ ଅପରିଚିତ ଲୋକ ସଙ୍ଗରେ ପ୍ରେମ କରିବାକୁ ଗଲେ ଏରୂପ ବିପଦରେ ପଡିବାକୁ ହୁଏ । ସ୍ମୃ, ସ,

ସମ୍ପ୍ରତି ବାରିଷ୍ଟର ବାବୁ ରାଖାଲଚନ୍ଦ୍ର ରାୟ ଖ୍ରୀଷ୍ଟଧର୍ମ ଗ୍ରହଣ କରିଅଛନ୍ତି ଏଥି ପୂର୍ବେ ସେ ଅର୍ଥାଭାବେ ପାଗଳ ପ୍ରାୟ ହୋଇଥିଲେ ତହିଁରେ ପୁଣି ଭାର୍ଯ୍ୟା ମରିଅଛି । ତାଙ୍କ ଭାର୍ଯ୍ୟାମରଣ ଦିନୁ ଆମ୍ଭେମାନେ ଶୁଣିଥିଲୁଁ ଯେ ସେ ଶୀଘ୍ର ଖ୍ରୀଷ୍ଟଧର୍ମ ଗ୍ରହଣ କରିବେ । ଏ ଆଗେ ବ୍ରହ୍ମଜ୍ଞାନୀ ଥିଲେ । ଡାକ୍ତର ଗୋପାଳ ରାୟ ଏ ବିଷୟରେ ପ୍ରଥମେ ପଥ ଦେଖାଇ ଥିଲେ । ସ୍ମୃ, ସ,

୧ । ଏଡୁକେଶନଗେଜେଟରୁ ଅବଗତ ହେଲୁଁ ଯେ ଦକ୍ଷିଣ ଆମେରିକାରେ ଗୋବୃକ୍ଷ ନାମକ ଏକପ୍ରକାର ବୃକ୍ଷ ଅଛି । ସେଥିରୁ ଦୁଗ୍ଧ ବାହାରେ ଏବଂ ସେଠାର ଲୋକମାନେ ତାହାକୁ ଦୁଗ୍ଧ ପରି ବ୍ୟବହାର କରନ୍ତି । ସମ୍ପ୍ରତି ଜଣେ ରସାୟନବିତ୍ ପରୀକ୍ଷା କରି ଦେଖିଅଛନ୍ତି, ସେହି ଦୁଗ୍ଧରେ ଗାଈଦୁଗ୍ଧଠାରୁ ଘୃତ ବା ଚର୍ବିର ଭାଗ ଅଧିକ ଅଛି; ଏବଂ ତାହା ପୁଷ୍ଟିକର । ସେହି ଗଛ ଅତିଶୟ ବଡ଼ ହୁଏ, ତାହା ସମୁଦ୍ରର ଶହେଫୁଟ ବା ତହିଁରୁ ଅଧିକ ଉଚ୍ଚ ହୋଇଥାଏ । ଏ ଦେଶରେ ସେରୂପ ବୃକ୍ଷ ଲଗାଇବାର ଚେଷ୍ଟା କଲେ କି ହେବ ନାହିଁ ? ।

୨ । ଗତ ରବିବାର ଠିକ ସନ୍ଧ୍ୟା ଉତ୍ତାରେ ଆମ୍ଭମାନଙ୍କୁ ଏଠାରୁ ଗୋଟିଏ ଉଲ୍କାପାତ ଦେଖା ଯାଇ ଥିଲା । ତହିଁର ଆଲୁଅ ଏତେ ଉଜ୍ଜ୍ୱଳ ହୋଇ ଥିଲା ଯେ, ଏକ ମୁହୂର୍ତ୍ତ ନିମନ୍ତେ ଚନ୍ଦ୍ର ଆଲୁଅକୁ ଘୋଡାଇ ପକାଇଲା ଏବଂ କ୍ଷଣକ ବାଦ ମେଘ ଗର୍ଜନ ତୁଲ୍ୟ ତହିଁର ଘୋର ଶବ୍ଦ ଶୁଣା ଯାଇଥିଲା ।

୩ । ବିଲାତରେ ମହାରାଣୀଙ୍କର ଯେଉଁ ସବୁ ରାଜକୀୟ ଭୋଜନପାତ୍ରାଦି ଅଛି ସେ ସବୁର ମୂଲ୍ୟ ୧ କୋଟି ୮୦ ଲକ୍ଷ ଟଙ୍କାର ଉପର ହେବ । ଚତୁର୍ଥ ଜର୍ଜ କେତେ ଗୁଡିଏ ସ୍ୱର୍ଣ୍ଣପାତ୍ର ନିର୍ମାଣ କରାଇ ଅଛନ୍ତି । ତହିଁରେ ୧୪୦ ଜଣ ଲୋକ ଆହାର କରି ପାରନ୍ତି । ସେହି ରାଜା ଦସ୍ତର ବହୁମୂଲ୍ୟ ସାମଗ୍ରୀ ସଂଗ୍ରହ କରିଗଛନ୍ତି । ତାଙ୍କର ଗୋଟିଏ ନାସଦାନି

Split by PDF Splitter
Digitized by srujanika@gmail.com

ଥିଲା । ତହିଁର ମୂଲ୍ୟ ୧୦ ହଜାର ଟଙ୍କାରୁ ବେଶୀ ହେବ ସେ ଭାରତବର୍ଷରୁ ଗୋଟିଏ ବହୁମୂଲ୍ୟ ପ୍ରସ୍ତର ନିର୍ମିତ ମନ୍ଦିର ସଂଗ୍ରହ କରିଥିଲେ । ତହିଁର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊଣା ହେବ ନାହିଁ ।

ଗତମାସ ତା ୨୩ ରିଖରେ ମହାମାନ୍ୟ ଲେଫ୍‌ଟନାଣ୍ଟ ଗବର୍ଣ୍ଣର ସାହେବ କଲିକତାରୁ ଡାରଜିଲିଂକୁ ଯାତ୍ରା କରିଅଛନ୍ତି ।

ବାବୁ ଜଗମୋହନ ରାୟ ଡେପୁଟୀ କଲେକ୍ଟର ଛୁଟୀ ନେଇ କଲିକତା ଯାଇ ଥିଲେ ସେଠାରୁ ପ୍ରତ୍ୟାଗମନ କରିଅଛନ୍ତି ଆଜ ଏଠାରେ ପ୍ରବେଶ ହେବାର କଥା ଅଛି ।

କଲିକତାରେ " ନବବିଭାକର " ନାମରେ ଖଣ୍ଡିଏ ସାପ୍ତାହିକ ସମ୍ବାଦପତ୍ର ବଙ୍ଗ ଭାଷାରେ ଗତ ବୈଶାଖ ମାସରୁ ବାହାରି ଅଛି । ଏଥିର କଳେବର ଇତ୍ୟାଦି ଅବିକଳ ସୋମପ୍ରକାଶକ ପରି । ସୋମପ୍ରକାଶ ଦେହ ତ୍ୟାଗ ମାତ୍ରକେ ନିଜ ପୁଣ୍ୟବଳେ ନବବିଭାକର ରୂପରେ ଅବତୀର୍ଣ୍ଣ ହୋଇ ଅଛନ୍ତି କି ? ଯାହାହେଉ ସୁଖର ବିଷୟ ।

## ପ୍ରେରିତ ପତ୍ର ।

ମହାଶୟ !

ଗତ ସୋମବାର ଦିବସ ପ୍ରତ୍ୟୁଷରେ ପୁରୀ ସହର ଉତ୍ତରପୂର୍ବ ଭାଗ ତାଳବଣିଆ ନାମଧେୟ ସ୍ଥାନରେ ଶ୍ରୀଲ ଶ୍ରୀଯୁକ୍ତ ଆର୍ମଷ୍ଟ୍ରଙ୍ଗ ସାହେବ ମେଜଷ୍ଟର ଓ କଲଟର ଏକଗୋଟା ବାଘ ମାରି ଅଛନ୍ତି ! ଉକ୍ତ ବାଘ ଅତ୍ୟନ୍ତ ଦୁର୍ଦ୍ଦାନ୍ତ ଥିଲା ଓ ସେ ଉକ୍ତ ତାଳବଣିଆସ୍ଥ ବଣରେ ଥାଇ ସମୟେ୨ ତହିଁ ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କରେ ଗୃହପାଳିତ ପଶୁମାନଙ୍କୁ ଆକ୍ରମଣ ଓ ନଷ୍ଟ କରୁଥିବା ହେତୁ ଲୋକଙ୍କ ମନରେ ଯଥେଷ୍ଟ ଶଙ୍କା ଜନ୍ମୁଥିଲା ସାହେବ ମହୋଦୟ ଉକ୍ତ ଦୁଷ୍ଟପ୍ରାଣିକୁ ନଷ୍ଟ କରି ଲୋକଙ୍କର ଶଙ୍କା ଦୂର କରି ପ୍ରଶଂସା ଲାଭ କରିଅଛନ୍ତି ଓ ଉକ୍ତ କାର୍ଯ୍ୟ ନିମନ୍ତେ ନଗରବାସିମାନେ ସାହେବ ମହୋଦୟଙ୍କ ନିକଟରେ କୃତଜ୍ଞ ଅଛନ୍ତି ଓ ଭୂରି୨ ଧନ୍ୟବାଦ ପ୍ରଦାନ କରୁଅଛନ୍ତି ।

ପୁରୀ ୩।୫।୭୯ } ଲ । କସ୍ୟଚିତ୍ ଦର୍ଶକ

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ !

ତାରକଚନ୍ଦ୍ର ଚୂଡାମଣି ନାମକ ଜନୈକ ପଣ୍ଡିତ ପୁରୀକୁ ଆସି ଶ୍ରୀଯୁକ୍ତ ବାବୁ ରାମଗୋପାଳ ଚଟ୍ଟୋପାଧ୍ୟାୟ ମହାଶୟଙ୍କ ବଗିଚା ଘରଠାରେ ଥିବାର ଶୁଣି ଆମ୍ଭେମାନେ ଅଦ୍ୟ ତାହାଙ୍କ ସାକ୍ଷାତ କାରଣ ଯାଇଥିଲୁଁ । ତାହାଙ୍କ ନିକଟରେ ଖଣ୍ଡିଏ ବେଦାନ୍ତଶାସ୍ତ୍ରସମ୍ମତ ପୁସ୍ତକ ଦେଖିଲୁଁ । ତାହାର ନାମ 'ଆର୍ଯ୍ୟଧର୍ମ୍ମବିବେକ' । ଏହି ଗ୍ରନ୍ଥରେ ଧର୍ମ୍ମ ସମ୍ବନ୍ଧୀୟ କିଛିମାତ୍ର ନୂତନତା ନାହିଁ ସତ୍ୟ କିନ୍ତୁ ପଦ୍ୟ ରଚନା ପରିପାଟି ସୁଲଳିତ ହୋଇଅଛି । ଏଥିରେ ଅଦ୍ୱୈତବାଦ ସମ୍ପୂର୍ଣ୍ଣରୂପେ ବର୍ଣ୍ଣିତ ହୋଇଅଛି । ଏହାର ପ୍ରଚାର ହେଲେ ସର୍ବସାଧାରଣଙ୍କର ଉପକାର ହେବାର ସମ୍ଭାବନା ଅତଏବ ଯେଉଁ ବିଦ୍ୟୋତ୍ସାହୀ ମହୋଦୟମାନେ ଏଥିରେ ସାହାଯ୍ୟ ଦେବାକୁ ମାନସ କରନ୍ତି ସେମାନଙ୍କର ଉଚିତ ଯେ ଏ ଗ୍ରନ୍ଥ ମୁଦ୍ରାଙ୍କିତ ହେଲେ ସେମାନେ କେତେ ସଂଖ୍ୟକ ପୁସ୍ତକ ନେଇପାରନ୍ତି ତାହା ଜାଣି ପୂର୍ବରୁ ସ୍ୱାକ୍ଷର କରିବେ ତାହା ହେଲେ ଗ୍ରନ୍ଥ ଶୀଘ୍ର ମୁଦ୍ରାଙ୍କିତ ହେଲା ପରେ ସେମାନେ ସେହି ପୁସ୍ତକର ନିର୍ଦ୍ଧାରିତ ମୂଲ୍ୟ ପ୍ରଦାନ କରି ସ୍ୱାକ୍ଷରିତ ସଂଖ୍ୟା ଗ୍ରହଣ କରିବେ ତାହା ହେଲେ ଗ୍ରନ୍ଥ ପ୍ରଚାରର ସମୁଚିତ ଉତ୍ସାହ ପ୍ରଦାନ ହେବ ।

ଆମ୍ଭେମାନେ ଉତ୍କଳୀୟ ପଣ୍ଡିତମାନେ ବଙ୍ଗଦେଶୀୟମାନଙ୍କର ଏତେ ଆଦରଣୀୟ ବୋଲି ଜାଣି ନ ଥିଲୁଁ । କିନ୍ତୁ ବର୍ତ୍ତମାନ ଉକ୍ତ ପଣ୍ଡିତ ବାବୁ ପୁରୀବାସୀ ପଣ୍ଡିତମାନଙ୍କ ଦ୍ୱାରକୁ ଯାଇ ସ୍ୱୀୟ ପ୍ରଶଂସାପତ୍ର ସଂଗ୍ରହ କରିବାକୁ କିଛିମାତ୍ର କୁଣ୍ଠିତ ହେଉ ନାହାନ୍ତି ଦେଖି ଆମ୍ଭେମାନେ ଆହ୍ଲାଦିତ ହୋଇଅଛୁଁ ।

ଉପସଂହାରରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ପୁରୀର ବଦାନ୍ୟବର ବାବୁ ରାମଗୋପାଳ ଚଟ୍ଟୋପାଧ୍ୟାୟ ଗୋସ୍ୱାମୀ ମହାଶୟ ଉକ୍ତ ପଣ୍ଡିତଙ୍କର ଯଥେଷ୍ଟ ସତ୍କାର କରୁଅଛନ୍ତି । ବାବୁଙ୍କର ଈଦୃଶ୍ୟ ଉଦାରତା ଆମ୍ଭେମାନେ ସର୍ବଦା ସମାନ ଦେଖି ଆସୁଅଛୁଁ ।

ପୁରୀ ୧-୫-୭୯ } ଶ୍ରୀ ରାମଚରଣ ମୁଖୋପାଧ୍ୟାୟ

---

## NOTICE.

Is hereby given that 2 apprentices will be entertained in the Cuttack Collector's office and 2 in the Magistrate's office and applications for the same will be received upto the 20th. instant. Preference will be given to those who have passed L. A. or Entrance Examination.

Cuttack Collectorate }
The 9th May 1879. } P. NOLAN
*Offg. Collector & Magistrate.*

---

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଛାପାଖାନାରେ ଜଣେ ଇଂରାଜୀ କମ୍ପୋଜିଟରର ପ୍ରୟୋଜନ ହୋଇଅଛି ଯେ କି ଇଂରାଜୀ ଲେଖା ଅକ୍ଷର ଉତ୍ତମରୂପେ ପଢ଼ି ପାରୁଥିବେ ଓ ସଚ୍ଚରିତ୍ରତାର ପ୍ରମାଣ ଦର୍ଶାଇବେ ଏରୂପ ଲୋକର ଆବେଦନ ଗୃହୀତ ହେବ ।

ପ୍ରକାଶଥାଉ କି ପ୍ରଥମେ କାର୍ଯ୍ୟଶିକ୍ଷା ନିମିତ୍ତ ଟ ୪୲ ଟା ଲେଖାଏଁ ଖୋରାକି ଦିଆଯିବ ଅଳ୍ପ ଦିନରେ କାମର ଉନ୍ନତି ଦେଖାଗଲେ ତଦନୁସାରେ ଉଚିତ ବେତନ ଦିଆଯିବ ଇତି ।

୧୦ । ୫ । ୭୯ ଶ୍ରୀ ଗୌରଶଙ୍କର ରାୟ
ସେକ୍ରେଟରୀ ।

---

ଶ୍ରୀଶ୍ରୀ ୰ ହରିଃ ।
ଜ୍ୟୋତିର୍ବ୍ୱିଦଙ୍କ ବିଜ୍ଞାପନପତ୍ରିକେୟଂ ।
ଉତ୍କଳୀୟ କଟକ ନଗରନିବାସିରେଣ ସାଧିତଂ ।
ତନ୍ତ୍ରକୃତ ଜ୍ୟୋତିଷାଗ୍ରହଣଂ ।

ଶକାବ୍ଦାଃ ୧୮୦୧।୨୭ ମେଷ ଜ୍ୟେଷ୍ଠ କୃଷ୍ଣପ୍ରତିପଦ ଗତ ଦ୍ୱିତୀୟା ବୁଧବାର ରାତ୍ର ୧୧ ଘଣ୍ଟା ୧୩ ମିନିଟ ସମୟେ ଚନ୍ଦ୍ରବିମ୍ବ ଐଶାନ୍ୟେ ଜ୍ୟୋସ୍ନାକଷତ ପ୍ରବେଶ ରାତ୍ରି ୧୨ଘଣ୍ଟା ୨୪ ମିନିଟ ଗତେ ଚନ୍ଦ୍ରବିମ୍ବ ବାୟବ୍ୟକୋଣେ ନିର୍ଗମ ହେବେ । ସୂକ୍ଷ୍ମମତେ ଏହା ସାଧିତ ହେଲା ସତ୍ୟ ମିଥ୍ୟା ଜାଣିବାକୁ ହେଲେ ଶ୍ରମ ସଫଳ ହେବ । ଇତି ।

ତା ୨୬ ରିଖ ଅପ୍ରେଲ ସନ ୧୮୭୯ ମସିହା ।
ଶ୍ରୀ ରଘୁନାରାୟଣ ଜ୍ୟୋତିର୍ଭୂଷଣ ।

---

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜ୍ଞାତ କରି ଯାଉ ଅଛି ଯେ ଓଡ଼ିଶା ମେଡିକେଲ ସ୍କୁଲର ଚତୁର୍ଥ ବର୍ଷ ନିମିତ୍ତ କେତେକ ଗୋଟି ବୃତ୍ତି ଖାଲି ଅଛି, ଅଉ ମଧ୍ୟ କେତେକ ଗୋଟି ଛାତ୍ରଙ୍କୁ ବିନାବେତନରେ ଗ୍ରହଣ କରାଯିବ ଅତଏବ ଯେଉଁମାନେ ଉକ୍ତ ସ୍କୁଲରେ ଅଧ୍ୟୟନ କରିବାକୁ ଇଚ୍ଛା କରନ୍ତି ସେମାନେ ଆସନ୍ତା ଜୁନ ମାସ ତା୧ରିଖଠାରୁ ଲଗାଏତ ସେହିମାସ ତା୧୫ରିଖ ମଧ୍ୟରେ ସ୍ୱ୨ ପ୍ରଶଂସା ପତ୍ର ସହିତ ଆସି ଉକ୍ତ ସ୍କୁଲର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ମହୋଦୟଙ୍କ ନିକଟରେ ଦରଖାସ୍ତ କଲେ ଯେଉଁମାନେ ଉପଯୁକ୍ତ ହେବେ ସେହିମାନଙ୍କୁ ନବେତନାଦିରେ ଗ୍ରହଣ କରାଯିବ । ପ୍ରକାଶ ଥାଉକି ଉକ୍ତ ସ୍କୁଲ ଜୁନ ମାସ ତା୧୫ରିଖରେ ଫିଟିବ ।

୨୪ । ୪ । ୭୯ ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ହରେକୃଷ୍ଣ ଦାସ ବାଲେଶ୍ୱର | କସ୍ବା | ଟ ୨॥୰ |
| ବାବୁ ହରେକୃଷ୍ଣ ପଟ୍ଟନାୟକ କଟକ | " | ଟ ୨୲ |
| ବାବୁ ନରସିଂହ ପଟ୍ଟନାୟକ କଟକ ଅଗ୍ରିମ | | ଟ ୪୲ |
| ଶ୍ରୀଶ୍ରୀ ରାଜା କବ୍ଲେ ନସ୍ୱାଗତ | କସ୍ବା | ଟ ୬୲ |
| ବାବୁ ରାଧାନାଥ ଦାସ କଟକ | କସ୍ବା | ଟ ୬୲ |
| ବାବୁ ବସନ୍ତ ମୁର୍ଦ୍ଧା " | " | ଟ ୩୲ |
| ବାବୁ ଗୌରଚରଣ ଘୋଷ ଜଗତ୍‍ସିଂହପୁର " | | ଟ ୬୲ |
| ବାବୁ ଦାଶରଥି ସାନ୍ତସିଙ୍ଗାର ତାଳଚେର ଅଗ୍ରିମ | | ଟ ୪୲ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଶ
ସ ୨୦ ସଂଖ୍ୟା

ତା ୧୭ ଋଣ ମାହେ ମଇ ସନ ୧୮୭୯ ମସିହା । ମୂ । ଜ୍ୟେଷ୍ଠ ଦ ୫ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭॥
ମଫସଲପାଁଇ ଡାକମାସୁଲ ଟ୧।୵

ପୁଅ ବାପକୁ ମାରପକାଇବାର ଅନେକ ଉଦାହରଣ ଶୁଣା ଯାଇଅଛି ମାତ୍ର ବାପ ପୁଅକୁ ମାରିବାର ଉଦାହରଣ ଅତି ବିରଳ । ଏଥର ଦୌରାରେ ସେପରି ଏକ ମୋକଦ୍ଦମା ଆସିଥିଲା । ବାଲେଶ୍ୱର ଜିଲ୍ଲାର ଜଣେ ପଠାଣ ତାହାର ଦୁଷ୍ଟପୁତ୍ରର ମନ୍ଦକାର୍ଯ୍ୟରେ ଅତ୍ୟନ୍ତ ବିରକ୍ତ ହୋଇ ଏକଦିନ ତାହାକୁ ଘରଭିତରେ ଆପେ ଓ ଆପଣା ଗୃହର ଦୁହେଁ ମିଶି ଦୌଡରେ ବାନ୍ଧିବାର ଆରମ୍ଭ କଲେ ତାହା ଦେଳରେ ଦୌଡ ଜଟି ହୋଇ ଯିବାରୁ ତାହାର ପ୍ରାଣ ନାଶ ହେଲା । ଆସାମୀ କହେ ଯେ ସେ ପୁତ୍ରକୁ ଶାସନ କରିବା ମାନସରେ ବାନ୍ଧିଥିଲା ଓ ଅନ୍ଧକାର ଗୃହ ଥିବାରୁ ତାହାର ଅଜ୍ଞାତରେ କପର ତାହା ଗଳାରେ ଦୌଡ ବସିଗଲା । ପିତା ଆପଣା ପୁତ୍ରକୁ ହତ୍ୟାକରିବା ଅତ୍ୟନ୍ତ ଅସ୍ୱାଭାବିକ ଏବଂ ଉପରୁକ୍ତ କାରଣ ଯୁକ୍ତିଯୁକ୍ତ ହେବାରୁ ଜଜସାହେବ ଦୁଇଜଣ ଆସାମୀପ୍ରତି ୧୦ ବର୍ଷ ଲେଖାଏଁ କାରାବାସ ଦଣ୍ଡବିଧାନ କଲେ ।

---

ଗତ ଲାଟବନ୍ଦ ସମୟରେ ଏଠା ଟ୍ରେଜରୀ ଅମଲାର ଅପହରଣ ବିଷୟ ପାଠକମାନଙ୍କୁ ଏଥିପୂର୍ବେ ଜଣାଇ ଥିଲୁଁ । କଲେକ୍ଟରସାହେବଙ୍କ ଆଜ୍ଞାନୁସାରେ ଟ୍ରେଜରୀ ମହକୁମାର ଭାରପ୍ରାପ୍ତ ଡେପୋଟୀ ବାବୁ ବରଦାକାନ୍ତ ମଜୁମଦାର ଓ ଅନ୍ୟ ଏକଜଣ ଡେପୋଟୀ ବାବୁ ଗୋପୀନାଥଭଦ୍ର ଏମକଦ୍ଦମା ତଦନ୍ତକରି ଶୋମନାଥ ପଟ୍ଟନାୟକ ମୋହରର ଓ ଜଣେ ପିଅଁଦା ଉପରେ ଅପରାଧ ପ୍ରମାଣ କରି ସେ ଦୁହିଙ୍କୁ କର୍ମଚ୍ୟୁତ କରିବାର ଅନୁରୋଧ କଲେ । କଲେକ୍ଟର କାଗଜାତ ଦେଖି ଦୁଇ ଡେପୋଟୀଙ୍କ ସଙ୍ଗେ ଐକ୍ୟ ହୋଇ ମୋହରର ଓ ପିଆଦାକୁ ଗତ ଗୁରୁବାର ଦିନ କର୍ମଚ୍ୟୁତ କଲେ ଯଥେଷ୍ଟ ପ୍ରମାଣ ଅଭାବ ହେତୁ ସେମାନେ ଦଣ୍ଡବିଧି ଦାୟରୁ ମୁକ୍ତ ପାଇଗଲେ । ଆମ୍ଭମାନଙ୍କ ବିବେଚନାରେ ଏ ଆଜ୍ଞା ଉଚିତ ଓ ଯଥାର୍ଥ ହୋଇ ଅଛି ସମସ୍ତ ସମୟରେ ଏହିପ୍ରକାର ଅନୁସନ୍ଧାନ ଓ ଦଣ୍ଡ ବିଧାନ ହେଉଥିଲେ ଅମଲାଙ୍କ ଅପହରଣ ଓ ଅତ୍ୟାଚାର ଅନେକ ଊଣା ହୋଇ ଯିବ ।

---

ଗତ ବୁଧବାର ଚନ୍ଦନଯାତ୍ରା ଶେଷ ହେଲା । ଏ ଯାତ୍ରାଟି ପୂର୍ବେ ଏ ନଗରରେ ଭାରି ସମାରୋହ ସହିତ ହେଉଥିଲା । ମାତ୍ର ବର୍ତ୍ତମାନ କାଳକୁ ଅନ୍ୟାନ୍ୟ ପର୍ବପରି ଏହାର ଧୂମଧାମ ବହୁ ପରିମାଣରେ ଊଣା ହୋଇ କେବଳ ନିୟମ ରକ୍ଷାସ୍ୱରୂପ ରହିଅଛି । ଦେଓଗିରିମଠର ଯାତ୍ରା ଭଲ ହେବାର କଥା, କାରଣ ମଠର ସଦାବର୍ତ୍ତ ସମ୍ପତ୍ତି ବିସ୍ତର ମାତ୍ର ସମ୍ପ୍ରତି ଦୁଇଚେଲା ଆପଣାମଧ୍ୟରେ ମାମଲା କରି ମଠର ଉପସତ୍ୱ ସେହି ବାଟେ ଉଡ଼ାଇ ଦେବାରୁ ଯାତ୍ରା କେବଳ ନାମମାତ୍ର ରହିଅଛି । ଏକ ମଶାଲକୁ ଦୁଇ ମଶାଲ କଲବା କଷ୍ଟ । ବକ୍ସିବଜାର ଏବଂ ବନୋଦବିହାରୀଙ୍କ ଯାତ୍ରା ସାଧାରଣ ଚାନ୍ଦା ଓ ଉତ୍ସାହ ଉପରେ ନିର୍ଭର ମାତ୍ର ଲୋକଙ୍କ କଷ୍ଟ ବଢ଼ିବାରୁ ଯାହା ପାଇଁ କେହି ଯତ୍ନ କରିବାକୁ ନାହିଁ । ବଜାରମାନେ କଷ୍ଟରେ କେତେଗୁଡ଼ଏ ସୁଆଙ୍ଗ ବାହାର କରିଥିଲେ ମାତ୍ର ସାଧାରଣ ଉତ୍ସାହ ଅଭାବରେ ସେସବୁ ପୂର୍ବପ୍ରାୟ ସୁନ୍ଦର ହୋଇ ନ ଥିଲା ଓ ଉପଯୁକ୍ତ ଶୋଭାଙ୍କ ଅଭାବରୁ ନୃତ୍ୟକାରମାନେ ବିରକ୍ତ ହୋଇ ଗଣ୍ଡେ କାର୍ଯ୍ୟ ସାରି ଘରକୁ ବାହାରି ଗଲେ । ଆଜିକାଲି ସାଲତମାମୀ ସମୟରେ ହାକିମମାନେ ଲୋକଙ୍କ ଅବସ୍ଥା ଓ ଭାବ ଜାଣିବାକୁ ବ୍ୟଗ୍ର ହୋଇଥିବେ ସେମାନେ ଯେବେ ଏହିସବୁ ଯାତ୍ରା ମାନ ଦେଖନ୍ତେ ତେବେ ଜାଣିପାରନ୍ତେ ଯେ ଦିନକୁଦିନ ଲୋକଙ୍କର କିପରି ଦୁରବସ୍ଥା ଘଟୁଅଛି ଓ ଆମୋଦ ପ୍ରମୋଦ କେମନ୍ତ ଦ୍ରୁତଗତିରେ ଏ ଦେଶରୁ ପଳାୟନ କରୁଅଛି ।

---

ମାନ୍ଦ୍ରାଜ ଇଲାକା ରାଜମହେନ୍ଦ୍ରୀ ଜିଲ୍ଲା ଅନ୍ତର୍ଗତ ରମ୍ପାର ବଣୁଆଲୋକେ ପ୍ରାୟ ଦୁଇମାସ ହେଲା ବିଦ୍ରୋହାଚରଣ କରି ନାନାଦି ଉତ୍ପାତ ଓ ଗଣ୍ଡଗୋଳ ଲଗାଉ ଅଛନ୍ତି । ଆମ୍ଭେମାନେ ଭ୍ରମବଶତଃ ଏ ଘଟଣା ଏଥିପୂର୍ବେ ପାଠକମାନଙ୍କୁ ଜଣାଇ ନ ଥିଲୁଁ ବର୍ତ୍ତମାନ ଏ ବିଦ୍ରୋହର ସଂକ୍ଷେପ ବିବରଣ ଲେଖୁଅଛୁଁ । ପୁଲିସର ଅଧିକ ଆକଟ ବା ଅଯୋଗ୍ୟତା ରମ୍ପାର ଅସଭ୍ୟ

Digitized by srujanika@gmail.com

Split by PDF Splitter



ଲୋକଙ୍କୁ ଏପରି ଦୁଷ୍କର୍ମରେ ପ୍ରବର୍ତ୍ତାଇଥିବାର କଥିତ ହୁଅଇ । ସେମାନେ ଏକମେଳ ହୋଇ ଓ କେତେକ ଲୋକଙ୍କୁ ସରଦାର କରି ଗବର୍ଣ୍ଣମେଣ୍ଟ କର୍ମଚାରୀ ଓ ପ୍ରଜାବର୍ଗଙ୍କପ୍ରତି ନାନାଦି ଅତ୍ୟାଚାର କରୁଅଛନ୍ତି । ବିଦ୍ରୋହିମାନଙ୍କୁ ଦମନ କରିବାକାରଣ ବିଶେଷ ପୁଲିସ ଓ ଅଳ୍ପ ସୈନ୍ୟ ପ୍ରେରିତ ହୋଇ ଅଛନ୍ତି କିନ୍ତୁ ସେମାନେ ପର୍ବତ ଉପରକୁ ପଳାଇଲେ ଜମ୍ମା ବଣ ମଧ୍ୟକୁ ପଶିଗଲେ ପୁଲିସ ଓ ପଲଟନ ବଣା ହୋଇ ରହି ଅଛନ୍ତି ପୁଣି ଏମାନଙ୍କ ମଧ୍ୟରୁ ଅଧିକାଂଶ ଜରରୋଗରେ ଶୋଇଲେଣି । ବିଚକ୍ଷଣ ପୁଲିସ ନ ହେଲେ ବଣୁଆମାନଙ୍କୁ ବଣ ମଧ୍ୟରେ ଗୋଡ଼ାଇ ଧରିବାର କଷ୍ଟ ହେବ ।

ଅପ୍ରେଲମାସ ତା ୨୩ ରଖରେ ବିଦ୍ରୋହିମାନେ ଦଳବଦ୍ଧ ହୋଇ କୋଠା ଆକ୍ରମଣ କଲେ ପୁଲିସର ଅସିଷ୍ଟାଣ୍ଟସାହେବ ଦଳେ ପୁଲିସ ଘେନି ସେଠାକୁ ଗଲେ ମାତ୍ର ବିଦ୍ରୋହିମାନେ ନକୁମାର ଏକ ହେଡକନଷ୍ଟବଲକୁ ଦଣ୍ଡକାଲେ ସବ୍‌କଲେକ୍ଟର ଜନସନ୍‌ସାହେବ ସେମାନଙ୍କୁ ଗୋଡାଇ ଦୁଇଜଣଙ୍କୁ ହତ ଓ ଜଣକୁ ଧରିକଲେ । ବିଦ୍ରୋହିମାନେ କୋଠାରୁ ଯାଇ ବିଜାଗାପଟ୍ଟାମ ଜିଲ୍ଲାର ଏକ ପୁଲିସ ଥାନା ଆକ୍ରମଣ କଲେ । ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ଜ ୫ ଣ ହତ ଓ ଅନେକ ଆହତ ଓ କେତେ ଧୃତ ହୋଇଅଛନ୍ତି ମାତ୍ର ସରଦାରମାନେ କେହି ଏପର୍ଯ୍ୟନ୍ତ ଧରା ପଡ଼ି ନାହାନ୍ତି । ଟମ୍ମନଦରା ଓ ଜଙ୍ଗମ ସେମାନଙ୍କର ସରଦାର ଅଟନ୍ତି ସରଦାରମାନେ ଧୃତ ହେଲେ ସମସ୍ତେ ଆୟତ୍ତ ହେବେ । ରମ୍ପାରେ କେତେକ ଶାସନୀ ଓ ସୈନିକ କର୍ମଚାରୀ ଉପସ୍ଥିତ ଅଛନ୍ତି, ଭରସା ହୁଏ ଅସଭ୍ୟ ବଣୁଆମାନେ ନିକଟରେ ଶାସିତ ହେବେ ।

---

## କାବୁଲର ସମାଚାର ।

ଏତେଦିନେ ଅମିର ୟାକୁବଖାଁଙ୍କର ଚେତନା ହେଲା । ଇଂରେଜଙ୍କସଙ୍ଗେ ଯୁଦ୍ଧ କରିବାକୁ ଆଉ ତାଙ୍କର ଇଚ୍ଛା ନାହିଁ । ଯୁଦ୍ଧର ନାନାଦି ଉପାୟରେ ନିରସ୍ତ ହୋଇ ସନ୍ଧିର ବାସନାରେ କାବୁଲରୁ ପ୍ରସ୍ଥାନ କରିବାର ବୃତ୍ତାନ୍ତ ଗତ ସପ୍ତାହରେ ଲେଖିଥିଲୁଁ ବର୍ତ୍ତମାନ୍ ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ ଯେ ସେ ଗତମାସ ତା ୮ ରଖରେ ଗଣ୍ଡମକରେ ପ୍ରବେଶ ହୋଇ ତହିଁର ସମ୍ବାଦ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବଙ୍କ ଛାମୁକୁ ପଠାଇଲେ ଓ ସନ୍ଧି ସ୍ଥାପନର ଇଚ୍ଛା ପ୍ରକାଶ କଲେ । ତାଙ୍କୁ ଆଗୁଆନ କରି ଆଣିବାକୁ ମେଜର କେଭଗନରି ସାହେବ କେତେକ ସୈନ୍ୟ ସହିତ ଗଣ୍ଡମକକୁ ଗଲେ । ଇଂରେଜଙ୍କ ଛାଉଣିରୁ ଛନିମାଇଲ ପର୍ଯ୍ୟନ୍ତ ପଥ ଦୁଇପାର୍ଶ୍ୱରେ ଦୁଇଧାଡି ସେନା ଦଣ୍ଡାୟମାନ ରହିଲେ । ଏହି ପଥରେ ଅମିର ଇଂରେଜଙ୍କ ଛାଉଣିକୁ ଆସିଲେ । ଜେନରଲ ସର୍ ସାମବ୍ରାଉନ ସାହେବ ଓ ଅନ୍ୟାନ୍ୟ କର୍ମଚାରମାନେ ତାଙ୍କୁ ଛାଉଣି ମଧ୍ୟକୁ ନେଇଗଲେ ଓ ୨୧ ତୋପ ଫଏର ହେଲା । ଅମିରଙ୍କସଙ୍ଗେ ଅତି ଅଳ୍ପ ସୈନ୍ୟ ଥିଲେ ଓ ସେ ବିମର୍ଷଯୁକ୍ତ ଦିଶୁ ଥିଲେ । ସନ୍ଧିର ପ୍ରସ୍ତାବମାନ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ । ଯାହା ହେଉ ଭରସା ହୁଏ ଯେ ଆଉ ଯୁଦ୍ଧ ନ ହୋଇ ସନ୍ଧି ସ୍ଥାପନ ହେବ ।

---

## ପାକଲଆମ୍ବ ।

ଆହା କି ସୁନ୍ଦର ପଦାର୍ଥ ! ପରମେଶ୍ୱର ଏ ବର୍ଷ ଏଫସଲକୁ ଅପର୍ଯ୍ୟାପ୍ତରୂପେ ପ୍ରଦାନ କରିବାରୁ ଲୋକମାନଙ୍କୁ ଅମୃତ ଭୁଞ୍ଜାଇଲା ପରି ଅନୁଭବ ହେଉଅଛି । କାହାଣିରେ ଶୁଣା ଯାଇଥିଲା ଯେ ଏକ କାଳରେ ଲୋକଲଡୁଓ ଗୋଷଲଡୁମିଡୁଥିଲା କେହି୨ ତାହା ଭକ୍ଷଣ କରି କ୍ଷୁଧା ଓ ତୃଷାରୁ ରକ୍ଷା ପାଉଥିଲେ । ମାତ୍ର ବର୍ତ୍ତମାନ ସମୟରେ ପାକଲଆମ୍ବ ଏକାବେଳେ ଉଭୟର କାର୍ଯ୍ୟ କରୁଅଛି । ଏବର୍ଷ ଯେ ପ୍ରଚୁର ପରିମାଣରେ ପାକଲଆମ୍ବ ହୋଇଅଛି ଓ ବଡ ଲୋକଠାରୁ ଦରିଦ୍ର ପର୍ଯ୍ୟନ୍ତ ତାହା ଭୁଞ୍ଜିବାକୁ ସକ୍ଷମ ହୋଇଅଛନ୍ତି ଏହାକୁ ପରମେଶ୍ୱରଙ୍କର ଅସୀମ ଦୟାର କାର୍ଯ୍ୟ ବୋଲିବାକୁ ହେବ ଯେବେ ଏ ଫସଲ ଭଲ ହୋଇ ନ ଥାନ୍ତା ତେବେ ଯେ ଲୋକଙ୍କର କି ଦଶା ହୁଅନ୍ତା ବୋଲି ଯାଇ ନ ପାରେ କାରଣ ଆମ୍ଭେମାନେ ଦେଖୁଁ ଯେ ଆଜିକାଲି ଲୋକମାନେ ବିସ୍ତର କ୍ଲେଶ ଭୋଗ କରୁଅଛନ୍ତି । ଦେଶୀ ଓ ସାହେବୀ ଦୁଃଖ ଏତେ ଜାତ ହୋଇଅଛି ଯେ କୌଣସି ଶ୍ରେଣୀର ଲୋକ ନିସ୍ତିନ୍ତ ନାହାନ୍ତି । ମୂଲିୟାମାନେ ପ୍ରବଳ ଗର୍ମରେ ଦୁଃଖ କରି ନ ପାରିବାରୁ ବ୍ୟାକୁଳ । କୃଷିମାନେ ବର୍ଷା ଅଭାବରେ ଗାଈ ଗୋରୁ ବଞ୍ଚାଇବା ଓ କୃଷି ଆରମ୍ଭ କରିବାକୁ ନ ପାରିବାରେ ବ୍ୟାକୁଳ । ନାନା ଶ୍ରେଣୀର ଛୋଟ୨ ବଣିକ ଓ ଶିଳ୍ପକାରମାନେ ଲାଇସେନ୍ସ ଟାକ୍ସ ଦେବାରେ ବ୍ୟାକୁଳ । ବଡ଼୨ ମହାଜନମାନେ ଲାଇସେନ୍ସ ଟାକ୍ସ ହେତୁ ଦ୍ରବ୍ୟ ଉଣା ବିକ୍ରୟ ହେବା ଏବଂ ଜାଲମାନ ଶୁଷ୍କ ଯିବାରେ ବ୍ୟାକୁଳ । ଜମିଦାରମାନେ ମୌଜାଓ୍ୱାର ଜରିବ ଓ ଦାଖଲଖାରଜ ସମ୍ପର୍କୀୟ ଜରମାନା ଦେବାରେ ବ୍ୟାକୁଳ । ରାଜକର୍ମଚାରମାନେ ସାଲତମାମୀ ଦେବା ଓ ଦୁଇ ପହରଯାଏ କଚେରୀ କରିବାରେ ବ୍ୟାକୁଳ । ସମସ୍ତ ଶ୍ରେଣୀର ଲୋକ ପ୍ରଚଣ୍ଡରୌଦ୍ର ଓ ଖାଦ୍ୟ ଦ୍ରବ୍ୟର ଦୁର୍ମୂଲ୍ୟରେ ବ୍ୟାକୁଳ । ଏତେ ପ୍ରକାର କଷ୍ଟକୁ ଏକମାତ୍ର ପ୍ରତୀକାର ଆଜିକାଲି ପାକଲଆମ୍ବ ହୋଇଅଛି । ଭକ୍ଷଣ କଲା ମାତ୍ରକେ କ୍ଷଣକାଳ ନିମନ୍ତେ ପଛକେ ହେଉ ସବୁ ଦୁଃଖ ପାସୋରି ଯାଏ ଓ ମନ ତୃପ୍ତି ରସରେ ପ୍ଲାବିତ ହୁଅଇ ।

ପାକଲଆମ୍ବ କେବଳ ଦୁଃଖ ନିବାରଣର ହେତୁ ହୋଇଅଛି ଏମନ୍ତ ନୁହେ । ବନ୍ଧୁ କୁଟୁମ୍ବ ପ୍ରିୟ ଲୋକଙ୍କୁ ସନ୍ତୋଷିବାର ଅତି ଚମତ୍କାର ଉପାୟ ହୋଇଅଛି । ଦିବା ରାତ୍ର ଭାର୨ ଆମ୍ବ ଏହା ତାହା ଘରଠାକୁ ଯିବା ଆସିବା କରୁଅଛି ଓ ଏଥିରେ ଯେ ଦେବା ନେବା ବ୍ୟକ୍ତିର କେତେ ହର୍ଷ ଜାତ ହେଉଅଛି ତାହା ବର୍ଣ୍ଣନାତୀତ । ସମ୍ପାଦକମାନଙ୍କର ସମସ୍ତ ବ୍ୟାପାର କାଗଜ ଉପରେ ସୁତରାଂ ଆମ୍ଭେ ଏ ସମୟରେ ପାକଲଆମ୍ବର ପ୍ରସ୍ତାବଦ୍ୱାରା ପାଠକମାନଙ୍କୁ କାଳୋଚିତରୂପେ ସନ୍ତୋଷିବାକୁ ପ୍ରବୃତ୍ତ ହୋଇଅଛୁଁ । ଭରସା କରୁଁ ପାଠକମାନେ ଆନନ୍ଦ ଚିତ୍ତରେ ଏ ଉପହାରଟି ଗ୍ରହଣ କରିବେ ଆଉ ଯେବେ ଏହା ନିତାନ୍ତ ଅମ୍ଳ ବୋଧ ହେବ ତେବେ ଅନୁଗ୍ରହ ପୂର୍ବକ ଆମ୍ଭମାନଙ୍କର ଦୋଷ କ୍ଷମା କରି ବଜାରରୁ ସୁମିଷ୍ଟ ଆମ୍ବ ବାଛି ନେଇ ମୁହଁ ବଦଳାଇ ନେବେ ।

---

## ରେଷନୀ ଲୁଟ ଓ ପୁଲିସ ।

ଆମ୍ଭେମାନେ ଏଥିପୂର୍ବେ ମହାଜନ ଶ୍ରୀ ଶାଳଗ୍ରାମ ଭଗତଙ୍କର ରେଷନୀ ଲୁଟ ହୋଇଥିବାର ପ୍ରସଙ୍ଗ ଲେଖି ଆମ୍ଭମାନଙ୍କର ମନ୍ତବ୍ୟ ବାରନ୍ତରେ ପ୍ରକାଶ କରିବାର ପ୍ରତିଜ୍ଞା କରିଥିଲୁଁ ଅଦ୍ୟ ସେ ପ୍ରତିଜ୍ଞା ପ୍ରତିପାଳନରେ ପ୍ରବର୍ତ୍ତ ହେଉଅଛୁଁ । ରେଷନୀ ଲୁଟର ପ୍ରଥମ ଦୃଷ୍ଟାନ୍ତ ଏହା ନୁହେ, ଏ କୁତ୍ସିତ ପ୍ରାୟ ପ୍ରତିରେଷନୀରେ ଦେଖାଯାଏ । ଏହା ଏ ନଗରରେ ନୁହେ ମଫସଲରେ ମଧ୍ୟ କେବେ୨ ଦେଖାଯାଏ ।

Digitized by srujanika@gmail.com

Split by PDF Splitter



ମଫସଲ ଓ ସହର ମଧ୍ୟରେ ପ୍ରଭେଦ ଏହି ଯେ ବର ରୋଷନୀ ଘେନି କନ୍ୟା ଘରଠାରେ ପ୍ରବେଶ ହେଲାରୁ କନ୍ୟାପକ୍ଷୀୟ ଦୁଷ୍ଟଲୋକେ ରୋଷନୀ ଲୁଟ କରନ୍ତି ମାତ୍ର କନ୍ୟା ପକ୍ଷରୁ ଆଜ୍ଞା ହୋଇଥିଲେ ରୋଷନୀ ଲୁଟ ହୁଏ ନାହିଁ । ଏ ହେତୁ ମଫସଲରେ ରୋଷନୀ ଲୁଟ କ୍ୱଚିତ୍ ଘଟଇ କିନ୍ତୁ ନଗରରେ ରୋଷନୀ ଲୁଟ ନ ହେବାର କ୍ୱଚିତ୍ ଘଟଇ । ଅଧିକନ୍ତୁ ଆକ୍ଷେପର ବିଷୟ ଏହି ଯେ ରୋଷନୀ ନିର୍ଦ୍ଦିଷ୍ଟ ସ୍ଥାନ ପର୍ଯ୍ୟନ୍ତ ପହୁଞ୍ଚିବା ପୂର୍ବେ ବାଟରେ ଲୁଟ ହୋଇଯାଏ । ସଚରାଚର ଦେଖାଯାଏ ଯେ ବରପକ୍ଷୀୟ ଲୋକେ କନ୍ୟାଘର ନିକଟସ୍ଥ ହେଲେ ଅତି ଢମକରେ ଅଗ୍ରସର ହୁଅନ୍ତି ଓ ଏହା ସ୍ୱାଭାବିକ ଅଟେ । କିନ୍ତୁ ନଗରରେ ଏଥିର ବିପରୀତ ଦେଖାଯାଏ । ଅନେକ ସ୍ଥଳରେ ବର ବଡ ଯାନଜନକରେ ଆପଣା ଘରୁ ବାହାରି ଦୁଷ୍ଟ ବଜାରଙ୍କ ଦୌରାତ୍ମ୍ୟରେ ପ୍ରାୟ ଅନ୍ଧକାରରେ କନ୍ୟାଘରେ ପ୍ରବେଶ ହୁଏ । ବରକର୍ତ୍ତା କେତେ ଅର୍ଥବ୍ୟୟ ଓ କେତେ ପରିଶ୍ରମ କରି ରୋଷନୀ ପ୍ରସ୍ତୁତ କରିଥାଏ ଓ କନ୍ୟାଘର ପର୍ଯ୍ୟନ୍ତ ଆଡ଼ମ୍ବରରେ ପ୍ରବେଶ ହେବାର ତାହାର ଉଦ୍ଦେଶ୍ୟ ଥାଏ କିନ୍ତୁ ବାଟରେ ସବୁ ନଷ୍ଟ ହୁଏ ଏହା କି ତାହା ପ୍ରତି ଦୁଃଖର ବିଷୟ ନୁହେ ? ଯେତେବେଳେ ତାହାର ଏତେ ବ୍ୟୟ ଏତେ ପରିଶ୍ରମର କାର୍ଯ୍ୟ ନଷ୍ଟ ହେବାର ସେ ଦେଖୁଥିବ ସେତେବେଳେ ତାହାର ମନ ଯେପରି ସନ୍ତାପିତ ହେଉଥିବ ତାହା ସହଜରେ ଅନୁମାନ କରାଯାଇପାରେ । ଏକା ରୋଷନୀକର୍ତ୍ତାର ଯେ ଦୁଃଖ ହୁଏ ଏମନ୍ତ ନୁହେ ଦର୍ଶକବର୍ଗଙ୍କର ମଧ୍ୟ ମନସ୍ତାପ ହୁଏ । ବୃହତ୍ ରୋଷନୀ ସ୍ଥଳେ ବହୁଦୂରରୁ ଲୋକେ ଦେଖିବାକୁ ଆସିଥାନ୍ତି । ଏହି ଆମୋଦ ନିମିତ୍ତ ସେମାନେ ଘରଧନ୍ଦା ଛଡ଼ି ଶରୀରରେ କ୍ଳେଶ ସହି ପାଞ୍ଚ ସାତ କୋଶରୁ ଆସନ୍ତି କିନ୍ତୁ ରୋଷନୀ ଲୁଟ ହେଲେ ସେମାନେ କେତେ ହତାଶ କେତେ ଦୁଃଖିତ ହୁଅନ୍ତି ଏହା କହିବା ବାହୁଲ୍ୟ । ବସ୍ତୁତଃ ଆମ୍ଭେମାନେ ରୋଷନୀ ଲୁଟ ସ୍ଥଳେ ଦର୍ଶକମାନଙ୍କୁ ଦୁଃଖିତ ହୋଇ ଫେରି ଯିବାର ଦେଖିଅଛୁଁ । କେବଳ ଦୁଷ୍ଟ ଓ ମଦପ୍ରବୃତ୍ତିର ଲୋକେ ଏଥିରେ ଆହ୍ଲାଦିତ ହୁଅନ୍ତି, ପରର ସର୍ବନାଶରେ ସେମାନଙ୍କର ହର୍ଷ ଏହା ତାଙ୍କର କୁସ୍ୱଭାବସିଦ୍ଧ ।

କେହି୨ ଭ୍ରମବଶତଃ ବୋଲି ପାରନ୍ତି ରୋଷନୀ ଲୁଟରେ ରୋଷନୀକର୍ତ୍ତାର ତାଦୃଶ କ୍ଷତି ନାହିଁ କାରଣ ରୋଷନୀ ହେଲାରୁ ତହିଁର ସାମଗ୍ରୀର ଆଉ ତାଦୃଶ ମୂଲ୍ୟ ରହେ ନା ଅନେକ ଅକର୍ମଣ୍ୟ ହୋଇଯାଏ ଓ ଲୁଟ ହୋଇ ନ ଥିଲେ ରୋଷନୀକର୍ତ୍ତା ସେ ସବୁ ବାଣ୍ଟି ଦିଅନ୍ତି ଏହି ପ୍ରକାରରେ କ୍ଷତି ସାମାନ୍ୟ ଥିବାରୁ କେହି ଏଥିର ଗୁହାରି ବା ମକଦ୍ଦମା ନ କରନ୍ତି ! ଏଥିରୁ ଆମ୍ଭେମାନେ କହୁଁ ଗୁହାରି ବା ମକଦ୍ଦମା ନ କରିବାର ହେତୁ ଏଦେଶୀୟ ଲୋକଙ୍କର ଶାନ୍ତସ୍ୱଭାବ ଅଟଇ । ରୋଷନୀ ଲୁଟରୁ ଅଧିକ ଅତ୍ୟାଚାର ଅନେକ ଲୋକେ ସହି ମକଦ୍ଦମା ନ କରନ୍ତି ଏଥିପାଇଁ କଣ ସେ ଅତ୍ୟାଚାରକୁ ସାମାନ୍ୟ ବୋଲାଯିବ ? ସମସ୍ତେ ଯେ ରୋଷନୀ ସାମଗ୍ରୀ ବାଣ୍ଟନ୍ତି ଏମନ୍ତ ନୁହେ କେହି୨ ରୋଷନୀ ଉତ୍ତାରେ ତାହା ବିକି ଦିଅନ୍ତି ଓ କେହି୨ ଅନ୍ୟ ଘଟନା ସକାଶେ ସଞ୍ଚାଦ ରଖନ୍ତି । ରୋଷନୀକର୍ତ୍ତା ଯାହା ଇଚ୍ଛା ତାହା କରୁ ସେ ସାମଗ୍ରୀରେ ଅନ୍ୟର ହସ୍ତକ୍ଷେପଣ କରିବାର ଅଧିକାର ନାହିଁ ରୋଷନୀ ହେଲାରୁ ତହିଁର ମୂଲ୍ୟ ଊଣା ହେଲେହେଁ ତାହା ନଷ୍ଟ ବା ଲୁଟ କରିବାର କାହାର ଅଧିକାର ନାହିଁ । କେହି କେହି ଏବା ବୋଲିବେ ରୋଷନୀ ଅପବ୍ୟୟ ଅଟେ, କେବଳ ନିଆଁରେ କଉଡ଼ି ପୋଡ଼ି ଦେବାର, ତାହା ଲୁଟ ହେଲେ କ୍ଷତି କଣ ? ବରଂ ଭଲ; କାରଣ ତାହା ରୋଷନୀ ପକ୍ଷରେ ନିରୁତ୍ସାହଜନକ ଅଟଇ । ଏଥିରୁ ଆମ୍ଭେମାନେ କହୁଁ ଆମୋଦର ସ୍ପୃହା ସ୍ୱଭାବସିଦ୍ଧ ଏବଂ ଜାତୀୟ ଲୋକେ ଏକ୨ ଘଟନାରେ ଏକ୨ ପ୍ରକାର ଆମୋଦ କରନ୍ତି ! ଆମୋଦରୁ କେହି ଛଡ଼ ନୁହନ୍ତି ଓ ହୋଇ ନ ପାରନ୍ତି । ଏ ଦେଶରେ ବିବାହ ଉପଲକ୍ଷରେ ରୋଷନୀ ନୃତ୍ୟ ଗୀତ ଇତ୍ୟାଦି ଆମୋଦର ପ୍ରଥା ଚଳି ଆସୁଅଛି । ତଥାପି ରୋଷନୀଟି ଅପବ୍ୟୟ ଏଥିରେ ସନ୍ଦେହ ନାହିଁ ଓ ତାହା ନିବାରଣ ହେବାର ଉଚିତ କିନ୍ତୁ କି ପ୍ରକାରରେ ହେବ ? ଲୁଟରେ କି ନିବାରଣ ହୋଇ ପାରିବ ? ଦୋଷଯୁକ୍ତ କର୍ମ ରହିତ ସକାଶେ କି ଦୂଷଣୀୟ ଉପାୟ ଉଚିତ ? ନା, ଉଚିତ ନୁହେ । ପୁଣି ଏ ଭାବରେତ ରୋଷନୀ ଲୁଟ ହୁଏନା, ନା କିଛି ଲାଳସାରେ ମଧ୍ୟ ଲୁଟ ହୁଏ । ଏହା କେବଳ ମଦପ୍ରବୃତ୍ତିର ଲୋକଙ୍କ ଦେହରେ ପରର ଭଲ, ପରର ଆମୋଦ, ପରର ପ୍ରଶଂସା ସହ୍ୟ ହୁଏନା । ଆପଣାର ଲାଭ ହେଉ ନ ହେଉ ପରର କ୍ଷତି କରିବାର ସେମାନଙ୍କର ସ୍ୱଭାବ । ଏହି କୁସ୍ୱଭାବ ଓ ମଦପ୍ରବୃତ୍ତିଯୋଗୁଁ ରୋଷନୀ ଲୁଟ ହୁଅଇ । ରୋଷନୀକର୍ତ୍ତାର ଅପବ୍ୟୟ ହେଉ ବା ନ ହେଉ ସେଥିରେ ଅନ୍ୟାୟମତେ ହସ୍ତକ୍ଷେପଣ କରିବାର କାହାର ଅଧିକାର ନାହିଁ ।

ଯେପ୍ରକାରରେ ବିଚାର କର ରୋଷନୀ ଲୁଟଟି କୌଣସିରୂପେ ହେତୁବିଶିଷ୍ଟ ବା ଦୋଷଶୂନ୍ୟ ହୋଇ ନ ପାରେ ବରଂ ତାହା ଦଣ୍ଡନୀୟ ଅପରାଧ ଅଟେ । ମରହଟ୍ଟା ବା ମୋଗଲଙ୍କ ରାଜତ୍ୱରେ ଏହା ସାଜନ୍ତା କାରଣ ସେ ରାଜତ୍ୱରେ ଅପହରଣ ଓ ଅତ୍ୟାଚାରର ସୀମା ନ ଥିଲା ଯାହାର ଯାହା ଇଚ୍ଛା ତାହାହିଁ ସେ କରୁଥିଲା, ବଳହିଁ ପ୍ରବଳ ଥିଲା ମାତ୍ର ଇଂରେଜଙ୍କ ରାଜତ୍ୱରେ ଏହା ସାଜୁନାହିଁ ଯାହାଙ୍କ ରାଜତ୍ୱରେ ନ୍ୟାୟ ଓ ଶାନ୍ତି ପ୍ରବଳ, ଯାହାଙ୍କ ରାଜତ୍ୱରେ ଶରୀର ଓ ସମ୍ପତ୍ତି ରକ୍ଷାର ଏତେ ବ୍ୟବସ୍ଥା, ଯାହାଙ୍କ ରାଜତ୍ୱରେ କି ଧନୀ କି ଦରିଦ୍ର କି ସବଳ କି ଦୁର୍ବଳ ସମସ୍ତେ ସମାନ, ତାଙ୍କ ରାଜତ୍ୱରେ କେତେ ବ୍ୟୟ କେତେ ଶ୍ରମର ରୋଷନୀ ସର୍ବସାଧାରଣ ଦାଣ୍ଡରେ ଓ ସର୍ବସାଧାରଣଙ୍କ ସାକ୍ଷାତରେ ସର୍ବଦା ଲୁଟ ହେଉଥିବା ଓ ତହିଁର ନିବାରଣର କିଛି ଉପାୟ ହେଉ ନ ଥିବା ଅତି ଦୂଷଣୀୟ ଏବଂ ପୁଲିସ ପକ୍ଷରେ ବଡ ନିନ୍ଦନୀୟ ଅଟେ । କାରଣ ପୁଲିସଙ୍କ ସାକ୍ଷାତରେ ଏପରି ଲୁଟ ହୁଅଇ ଓ ସେମାନେ ତାହା ନିବାରଣ କରିବାର ଦୂରେ ଥାଉ କେହି୨ କନଷ୍ଟବଲ ଲୁଟିତ ଗିଲସ ଥଲକମଲ ବା ଫୁଲ ଘେନିଯିବାର ଦେଖାଅଛୁ ।

ଉଲ୍ଲିଖିତ ରୋଷନୀ ସଙ୍ଗରେ ଇନ୍‌ସ୍ପେକ୍ଟର ସବ୍‌ଇନ୍‌ସ୍ପେକ୍ଟର ହେଡକନଷ୍ଟେବଲ ଓ ପଲ୨ କନଷ୍ଟେବଲ ଥିଲେ ତଥାପି ରୋଷନୀ ଦୁଇଥର ଲୁଟ ହୋଇଗଲା । ପ୍ରଥମେ କିଛି ଲୁଟ ହେଲା ଓ ପୁଲିସ କିଛି ନ ବୋଲିବାରୁ ଲୁଟକାରମାନେ ଉତ୍ସାହିତ ହୋଇ ଦଣ୍ଡକ ଉତ୍ତାରେ ବାକି ରୋଷନୀ ଲୁଟ କଲେ ଓ ମାଡଗୋଳ ମଧ୍ୟ ହେଲା ଶାନ୍ତି ଓ ସମ୍ପତ୍ତି ରକ୍ଷା ପୁଲିସର ପ୍ରଧାନ କାର୍ଯ୍ୟ କିନ୍ତୁ ତାଙ୍କ ସାକ୍ଷାତରେ ସମ୍ପତ୍ତି ଓ ଶାନ୍ତି ନଷ୍ଟ ହେଲା ଓ ସେ ଏହା ନିବାରଣ ବା ଦୋଷିମାନଙ୍କୁ ଦଣ୍ଡରେ ପହଞ୍ଚାଇବାର କିଛି ଉପାୟ ନ କଲେ ବଡ ଆଶ୍ଚର୍ଯ୍ୟ । ଆମ୍ଭେମାନେ ଶୁଣିଲୁଁ ଇନ୍‌ସ୍ପେକ୍ଟର କେତେକ ଲୁଟକାରୀଙ୍କୁ ଧରିଥିଲେ ମାତ୍ର ତତ୍‌କ୍ଷଣାତ୍ ଛାଡ଼ିଦେଲେ । ଯଦ୍ୟପି ସେ ଏହା ପୁଲିସ ବିଚାର୍ଯ୍ୟ ଅପରାଧ ନୁହେବୋଲି ବୋଧ କରନ୍ତି ତେବେ ତାଙ୍କର ବଡ ଭ୍ରମ

Digitized by srujanika@gmail.com

Split by PDF Splitter

EGISTERED NO. 1



# SUPPLIMENT TO THE UTKAL DIPICA 17th. May 1879.

To the Editor of the Utkal Dipica
Cuttack.

Sir,

My attention has been drawn to an English letter which appeared in your last issue anent the Temperance Meeting of the 26th. Ultimo. I have read it carefully but contrary to my expectations, I find in it no dispassionate examination of the proceedings of that meeting but rather a very ungenerous attempt at personal exposure. Any sensible and impartial man acquainted with the proceedings of that night cannot but feel indignant as he reads the very unfair attacks made against Babu Pyari Mohan Acharyya and his co-adjutors. I do not mean to vindicate every thing that the speakers said that night, but I beg to show to those of your readers who did not attend the meeting that many of the statements of your correspondent are quite misleading and that the various charges of personality, egotism, cliquism, &c. which he has poured forth with such amiable good humour have no justification whatever.

Mr. Editor, you yourself have shown how futile and fallacious the charge of egotism is that the writer has brought against our friends of the Temperance Fraternity. It must be a very curious process indeed which has enabled him to infer rank egotism from their simple ignorance of the existence of a Temperance Society that had its being 15 years ago.

I now come to the charges of vulgarity and ill-breeding which your correspondent has directly or indirectly levelled against Babu Pyari Mohan Acharjya. In order to test the faithfulness of my impressions, I have enquired of about a dozen gentlemen that attended the meeting as to whether they consider these charges to be true. They have one and all assured me that they could by no means form so low an estimate of the very eloquent and thrilling speech delivered by Pyari Babu on the occasion. True it is that he ridiculed all drunkards and opium-smokers; but he did so in no ungentlemanly fashion. Is it ill-breeding, I ask, to expose to derision those that degrade themselves to the level of beasts and by this means to create a wholesome aversion towards the monstrous vices of drunkenness and opium-smoking? Have not great orators in times past and present employed ridicule with all its unsparing severity against the crying plagues of society? Again, holding up the beloved Hooka of the opium-smoker to public derision is by no means making one's self guilty of blasphemy. I now come to the charge of personality. Your correspondent accuses Babu Pyari Mohan of "always falling foul with certain marked Bengali gentlemen as it is his devout practice." This is a most gratuitous assertion. I fully remember what Pyari Babu said with reference to the Bengalees. He only persistently declared that it was our Bengali friends (among whom he included Deputy Magistrates, School masters and others) who had introduced drinking into the circle of the educated community of Orissa; and if in making this remark he has erred, he has erred in good company; for the very same remark was most publicly made by the remarkable Brahmo Missionary Baboo Pratap Chandra Mazumdar during his sojourn here in 1875. But is it not a fact that drinking, if not wine, has been imported into our midst by our Bengali brethern? Has not the evil example of many a Bengali sojourner done an imense amount of mischief in this respect?

As to the charges of secrecy and narrow-minded cliquism which your correspondent tries to bring home to the Secretary of the Cuttack Association and his friends, I beg to affirm that they have no foundation whatever; the facts being that prior to the convening of the Temperance Meeting, the executive Committee of the Cuttack Association had duly discussed and settled the programme of the work that was to be transacted there and had also asked two or three bona fide native gentlemen to serve on the executive Committee of the Temperance Fraternity. These gentlemen however refused to join the Committee because they said they did not like to sign any pledge. Again your correspondent very mystically says that 5 of the 9 members of the Committee "come from the body of the Secretary," perhaps meaning thereby that those 5 gentlemen are connected with the school established by Pyari Babu. I do not wish to characterize a remark like this.

Your correspondent is not content with having attacked Pyari Babu only; but goes on to characterize the other speakers as "unfledged patriots" and traducers. He also insinuatingly hints that these men are no "honest workers" but "mere *namka waste* patriots." How these groundless assertions could be made by the writer about such earnest and sincere men as Babu Sasibhusan Datta M. A. passes my poor comprehension. In the name of truth I humbly beg the writer to reconsider them and if he has goodness enough, to retract them.

There are many other remarks in the letter under comment to which I take exception; but I am afraid my reply is already too long. I must therefore conclude with an earnest prayer that your correspondent may learn to do Justice to his neighbours.

I am
Yours &c.
Justice.

ସମ୍ପୂର୍ଣ୍ଣ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୦ ଗ
ସଂ ୨୧ ଖ୍ୟା

ତା ୨୨ ରିଖ ମାହେ ମଇ ସନ ୧୮୭୫ ମସିହା । ମୂ । ଜ୍ୟେଷ୍ଠ ଦି ୧୨ ନ ସନ ୧୨୮୨ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୪୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଁଇ ଡାକମାସୁଲ ଟ୧୧୦

### ଅଶୁଦ୍ଧ ସଂଶୋଧନ ।

ଗତସପ୍ତାହ ପତ୍ରିକାର ଗେଷଣୀ ଲର୍ଡ ପ୍ରସ୍ତାବର ଶେଷଭାଗରେ "ଅସଦ୍ଭାବ" କୁ "ଅସରଲ ଭାବ" ପଢ଼ିବ ।

---

ବାଲେଶ୍ୱରରେ ଯେଉଁ ଠକ ଚକ୍ଷୁଦାତା ଲୋକଙ୍କୁ ଭଣ୍ଡିବା ପ୍ରସଙ୍ଗ ଏଥିପୂର୍ବେ ଲେଖିଥିଲୁଁ ତାହାର କୀର୍ତ୍ତି କ୍ରମେ ପ୍ରକାଶ ପାଉଅଛି ସମ୍ବାଦବାହିକା ବୋଲନ୍ତି ସେ ଯେଉଁ କ୍ଷୀଣଦୃଷ୍ଟିର ଲୋକଙ୍କ ଚକ୍ଷୁରେ ଅସ୍ତ୍ର ପ୍ରୟୋଗ କରିଥିଲା ସେମାନଙ୍କ ମଧ୍ୟରୁ କାହାର୨ ଚକ୍ଷୁ ଏକାବେଳକେ ଅକର୍ମଣ୍ୟ ହୋଇଗଲାଣି । ଅନାଡ଼ିଙ୍କ ହସ୍ତେ ଚିକିତ୍ସାର ଫଳ ଏହା ଭିନ୍ନ ଆଉ କଣ ହୋଇପାରେ ? କେତେଦିନ ହେଲା ଏଠାକୁ ଜଣେ ଚକ୍ଷୁଚିକିତ୍ସକ ଆସିଅଛି ଓ ତାହାର ନାମ ଚକ୍ଷୁଦାତା ନ ହୋଇ ଡାକ୍ତର ବୋଲି ବିଖ୍ୟାତ ହୋଇଅଛି । ଏ ଡାକ୍ତର ବାଲେଶ୍ୱରର ଠକ ଚକ୍ଷୁଦାତା ନୁହେଁଇ ? ସମ୍ବାଦବାହିକା ଅନୁଗ୍ରହପୂର୍ବକ ଠକ ଚକ୍ଷୁଦାତାର ସ୍ୱରୂପ ( ହୁଲିଆ ) ଲେଖିଥିଲେ ଠିକ ଜଣାପଡ଼ନ୍ତା । ଯାହାହେଉ ପରୀକ୍ଷିତ ଓ ପରୀକ୍ଷିତ ଡାକ୍ତରଙ୍କ ଚିକିତ୍ସା ନ ଲୋଡ଼ି ଅପରିଚିତଙ୍କ ଚିକିତ୍ସାରେ ଲୋକଙ୍କର ଏତେ ଆଦର ବଡ଼ ଆଶ୍ଚର୍ଯ୍ୟର ବିଷୟ !

---

ଆମ୍ଭେମାନେ ଶୁଣିଲୁ ସାଲେପୁର ଥାନାର ସବ୍‌ଇନ୍‌ସ୍ପେକ୍ଟର ବାବୁ ଗଣେଶଚନ୍ଦ୍ରମହାପାତ୍ରଙ୍କର ପ୍ରଥମଶ୍ରେଣୀର ସବ୍‌ଇନ୍‌ସ୍ପେକ୍ଟର ପଦରୁ ହେଡ କନଷ୍ଟବଲ ପଦକୁ ଛମାସ ସକାଶେ ଅଧୋଗତି ହୋଇଅଛି । ଏଥିର ବୃତ୍ତାନ୍ତ ଏହି-ଅସୁରେଶ୍ୱରର ଏକବାଳକା ନାକରୁ ସ୍ୱର୍ଣ୍ଣଗୁଣା ଜଣେ ସ୍ତ୍ରୀ ଛଡ଼ାଇନେଲା । ପୁଲିସରେ ଏଥିର ଏତଲା ହୁଅନ୍ତେ ଜଣେ ହେଡ କନଷ୍ଟବଲ ତଦନ୍ତ କରିବାକୁ ଗଲା ମାତ୍ର ସେ ଲାଞ୍ଚ ଖାଇ ମକଦ୍ଦମା ଉଡ଼ାଇ ଦେଲା । ଗ୍ରାମଚଉକିଆ ଏଥିର ପ୍ରତିବାଦ କରନ୍ତେ ହେଡ କନଷ୍ଟବଲ ତାକୁ ଅନେକ ମାଡ଼ ମାଇଲା । ତାହାର ପରେ ଏଥିର ସମ୍ବାଦ ସବ୍‌ଇନ୍‌ସ୍ପେକ୍ଟରଙ୍କୁ ଦେଲା ମାତ୍ର ସେ ପ୍ରଥମେ ନିଜେ ନ ଯାଇ ଜଣେ କନଷ୍ଟବଲକୁ ପଠାଇଲେ ଓ ପଶ୍ଚାତ୍ ତଦନ୍ତ କରି ଶ୍ରେଣୀକୁ ଚଲାଣ ନ କରି ମକଦ୍ଦମା ସତ୍ୟ ଥିବାର (ସି) ଫାର୍ମରେ ରିପୋର୍ଟ କଲେ । ମେଜିଷ୍ଟ୍ରେଟଙ୍କର ଆଜ୍ଞା ମତେ ଆସାମୀ ଚଲାଣ ହୋଇ ଛଅମାସ କାରାବାସର ଦଣ୍ଡ ପାଇଲା । ତହୁଁ ମେଜିଷ୍ଟ୍ରେଟ ସାହେବ ହେଡ କନଷ୍ଟବଲକୁ ଫଉଜଦାରୀ ଅର୍ପିତ କଲେ ଓ ସବ ଇନ୍‌ସ୍ପେକ୍ଟର ଏପରି ସମ୍ବାଦପାଇ ପ୍ରଥମେ ଆପେ ନ ଯିବା ଓ ଆସାମିକୁ ଚଲାଣ ନ କରିବା ଦୋଷରେ ତାଙ୍କୁ ଉପଯୁକ୍ତ ଦଣ୍ଡ ଦେଲେ ଆମ୍ଭମାନଙ୍କ ବିବେଚନାରେ ଦୋଷ ପ୍ରତି ଦଣ୍ଡ କଲଅଛି । ଗଣେଶ ବାବୁ ଅନେକଦିନର ସବ୍‌ଇନ୍‌ସ୍ପେକ୍ଟର ଓ କେତେକଥର ଏକ୍‌ଟିଂ ଇନ୍‌ସ୍ପେକ୍ଟର ହୋଇଅଛନ୍ତି । ଏପରି ସାମାନ୍ୟ ଦୋଷରେ କୋଲିନସାହେବଙ୍କ ପରି ବିବେଚକ ଓ ଦୟାଳୁ ମେଜିଷ୍ଟ୍ରେଟଙ୍କ ହସ୍ତରେ ତାଙ୍କର ଏତାଦୃଶ କଠିନ ଦଣ୍ଡ ତାହାଙ୍କର ଦୁର୍ଭାଗ୍ୟ ବୋଲିବାକୁ ହେବ ।

---

### ସର୍ଭେ ଅଭ୍ୟାଗ୍ରହ ।

ଆମ୍ଭେମାନେ ସର୍ଭେ ଅଭ୍ୟାଗ୍ରହ ପ୍ରସଙ୍ଗ ଏ ପତ୍ରିକାରେ ପୁନଃପୁନଃ ଲେଖିଅଛୁଁ । ଆମ୍ଭେମାନେ ମନେ କରିଥିଲୁଁ ସେମାନଙ୍କର ଅଭ୍ୟାଗ୍ରହ ଜମିଦାର ରୟତ ଜମିସମ୍ପର୍କୀୟ ବ୍ୟକ୍ତିମାନଙ୍କର ଉପରେ ଅଟଇ କିନ୍ତୁ ବର୍ତ୍ତମାନ ଗୋଟିଏ ଫଉଜଦାରୀ ମକଦ୍ଦମାରୁ ଅବଗତ ହେଲୁଁ ଯେ ପଥିକ ସୁଦ୍ଧା ସେମାନଙ୍କ ଅଭ୍ୟାଗ୍ରହରୁ ଖଲାସ ନାହିଁ । ଏଥିର ବୃତ୍ତାନ୍ତ ଏହି—ଚଳିତ ମାସ ତା ୧୪ ରିଖରେ ବାବୁ ହରିଶଙ୍କର ଗୃହ୍ୟ ଗୋଟିଏ ଗାଡ଼ିରେ ଆପଣାର ଏକ ପିଲାଭାଇ ଓ କେତେକ ସାମଗ୍ରୀ ଏଠାରୁ ଅସୁରେଶ୍ୱର ପ୍ରଗନା ଦୀକ୍ଷିତପଡ଼ାସ୍ଥ ଆପଣା ଘରଠାକୁ ପଠାଇ ଥିଲେ । ତହୁଁ ଆରଦିନ ପ୍ରଭାତରେ ପଥରେ କୁଳଆଟିଠାରେ ଗାଡ଼ି ଚଲି ଯାଉଥିଲା କେତେକ ସର୍ଭେ ଅମିନ ଗାଡ଼ିବାନକୁ ଗାଡ଼ି ରହିବାରୁ ସେ କହିଲା ଯେ ଗାଡ଼ି ବାବୁଙ୍କର ସେ ସେମାନଙ୍କୁ ଗାଡ଼ି ଦେଇ ନ ପାରେ । ତହୁଁ ଅମିନମାନେ ବଳପୂର୍ବକ ଗାଡ଼ି ନେବାକୁ ଉଦ୍ୟତ ହେବାରୁ ସେ ପ୍ରତିବାଦ କରିବାରେ ଜଣେ ଅମିନ ତାକୁ ଚପେଟାଘାତ କଲାରୁ ସେ ଭୀତ ହୋଇ ନିରସ୍ତ ରହିଲା ତହୁଁ ଅମିନ-

Digitized by srujanika@gmail.com

Split by PDF Splitter



ମାନେ ବଳପୂର୍ବକ ପିଲ୍ଲବାବୁଙ୍କୁ ଗାଡ଼ିରୁ ଓହ୍ଲାଇ ଦେଲେ ଓ ସାମଗ୍ରୀସବୁ ବାହାର କରି ଫୋପାଡ଼ି ଦେଇ ଆପଣା ଓ ସରକାରୀ ଦ୍ରବ୍ୟମାନ ବୋଝାଇ କରି ଗାଡ଼ି କଟକକୁ ଆଣିଲେ । ଗାଡ଼ିବାନ, ସେ ପିଲ୍ଲ ଓ ତାହାର ଚାକର ଅପରାହ୍ନ ଚାରିଘଣ୍ଟା ପର୍ଯ୍ୟନ୍ତ ସଡ଼କରେ ପଡ଼ି ରହି ଆଉ ଗୋଟିଏ ଗାଡ଼ି କରି ଘରକୁ ଗଲେ । ତା ୧୭ ରିଖରେ ଗାଡ଼ିବାନ କଟକରେ ପ୍ରବେଶ ହୋଇ ହରଗଙ୍କର ବାବୁଙ୍କୁ ଏ ସମାଚାର ଜଣାଇବାରୁ ସେ ଛାଉଣୀର ପୁଲିସରେ ସମ୍ବାଦ ଦେଲେ । ସେତେବେଳକୁ ଅମିନମାନେ ଗାଡ଼ି ନେଇ ଆସି କଦମରସୁଲରେ ଥିଲେ ହେଡ଼ କନଷ୍ଟବଲ ସେଠାକୁ ଯାଇ ଦେଖିଲେ ଗାଡ଼ି ସେଠାରେ ଅଛି ଓ ସେଥିରେ ଅମିନମାନଙ୍କର ଓ ସରକାରୀ ଦ୍ରବ୍ୟମାନ ଅଛି । ସେ କଗ୍ରହୁସେନ ସର୍ଜେ ଇନସ୍ପେକ୍ଟର ଓ ଅନ୍ୟ ଛଅଜଣ ଅମିନଙ୍କୁ ବାନ୍ଧିର ଚାହିଭ ମଧ୍ୟେ ଯିଭ କରି ଆଣିଲେ ଓ ସେମାନେ ଗାଡ଼ିକର୍ତ୍ତାର ବିନା ଅନୁମତିରେ ବଳପୂର୍ବକ ଗାଡ଼ି ଆଣିଥିବାର ପ୍ରମାଣ ପାଇବାରୁ ସେମାନଙ୍କୁ ଚୋରୀ ଅପରାଧରେ ଜଏଣ୍ଟମେଜିଷ୍ଟ୍ରେଟଙ୍କ ହଜୁରକୁ ରବିବାର ଦିନ ଚାଲାଣ କଲେ । ଚୋରୀ ଅପରାଧରେ ଜାମିନ ନାହିଁ ମାତ୍ର ସନ୍ଦେହ ସ୍ଥଳେ ଜାମିନ ନେବାର ମେଜିଷ୍ଟ୍ରେଟଙ୍କର ସ୍ୱେଚ୍ଛାଧୀନ । ଆସାମିମାନେ ଜାମିନ ଦେବାକୁ ଅପାରଗ ଥିବାରୁ ଜଏଣ୍ଟମେଜିଷ୍ଟ୍ରେଟ ସେମାନଙ୍କୁ ମୁଚ୍ଲିକାରେ ସେ ଦିନ ଛାଡ଼ି ଦେଲେ । ତହିଁ ଆରଦିନ (ତା୧୯ଶେଖ) ମକଦ୍ଦମାର ବିଚାର ହେଲା । ବାଦୀ ଆପଣା ବର୍ଣ୍ଣନା ପୋଷକଭାବେ ଉତ୍ତମ ପ୍ରମାଣ ଦେଲେ । ଆସାମିମାନେ ଉତ୍ତର କଲେ ସାହେବଙ୍କର ଚପରାସୀ ଗାଡ଼ି ଧରି ଆଣି ସେମାନଙ୍କୁ ଦେଲା, ସେମାନେ ସେଥିରେ ସରକାରୀ ସାମଗ୍ରୀ ବୋଝାଇ କରି କଟକ ଆଣିଲେ ଗାଡ଼ିବାନ ସଙ୍ଗରେ ଆସି ବଳଦମାନଙ୍କୁ ଖୁଆଇଲା ଓ ଆଠଅଣା ଖର୍ଚ୍ଚା ନେଇଅଛି । ଜଏଣ୍ଟମେଜିଷ୍ଟ୍ରେଟ ବିଚାର କରି ଛଅଜଣ ଆସାମିଙ୍କୁ ସମ୍ପୂର୍ଣ୍ଣରୂପେ ମୁକ୍ତ ଦେଲେ ଓ ଯେଉଁ ଜଣକ ମାରପିଟ କରିଥିଲା ତାକୁ କେବଳ ସେହି ଦୋଷରେ ବିଚାରାଧୀନ ରଖି ପିଲ୍ଲ ବାବୁଙ୍କୁ ସାକ୍ଷୀ ସ୍ୱରୂପ ସମନ କଲେ ।

ବାଦୀ ପକ୍ଷର ଉକିଲମାନେ ତର୍କ କଲେ ଯେ ଏମକଦ୍ଦମା ଚୋରୀ ତଳେ ଆସୁଅଛି ତାହା ନ ହେଲେ ଅନଧିକାର ପ୍ରବେଶ କିମ୍ବା ଅନ୍ୟାଯ୍ୟ ଅବରୋଧ ତଳେ ଆସିବ । ସେମାନେ ଅନେକ ଯୁକ୍ତି କଲେ ଓ ହେତୁମାନ ଦର୍ଶାଇଲେ ମାତ୍ର ଜଏଣ୍ଟମେଜିଷ୍ଟ୍ରେଟ ସବୁ କାଟିଦେଲେ । ସେ ଶେଷରେ ମକଦ୍ଦମାର ଉପର୍ଯ୍ୟୁକ୍ତ ବିବରଣ ଲେଖି ବୋଲନ୍ତି ଅମିନମାନଙ୍କର କର୍ତ୍ତା ସର୍ଭେଅର ସାହେବ ଏକଶତ ଗଜ ଅନ୍ତରରେ ଥିବା ପ୍ରତ୍ୟକ୍ଷେ ଗାଡ଼ିବାନ କିମ୍ବା ସେ ପିଲ୍ଲ କି ଚାକର କେହି ତାଙ୍କୁ ଏ କଥା ଜଣାଇଲେ ନାହିଁ କିମ୍ବା ଥାନା ସେଠାରୁ କେବଳ ଦେଢ଼ମାଇଲ ଅନ୍ତର ହେଲେହେଁ ଥାନାରେ କେହି ସମ୍ବାଦ ଦେଲେ ନାହିଁ । ଏ ହେତୁ ଆମ୍ଭେ ବାଧ୍ୟ ହୋଇ ବୋଲୁଅଛୁଁ ଯେ ଗାଡ଼ିବାନ ଓ ଚାକର କଥା ବଢ଼ାଇ କହୁଅଛନ୍ତି । ସେମାନଙ୍କ ଅସମ୍ମତିରେ ଗାଡ଼ି ଧରା ହୋଇଥିବାରେ କିଛି ସନ୍ଦେହ ନାହିଁ ମାତ୍ର ସେମାନେ ସେଥିରୁ ବଳପୂର୍ବକ ବହିଷ୍କୃତ ହୋଇଥିବା ଓ ସେମାନଙ୍କର ଦ୍ରବ୍ୟାଦି ଫୋପଡ଼ା ହୋଇଥିବାର ସ୍ପଷ୍ଟ ବାହୁଲ୍ୟ ବର୍ଣ୍ଣନା ଅଟେ । ଗାଡ଼ି ବଳଦର ତତ୍ତ୍ୱାବଧାରଣ କରିବା ସକାଶେ ଗାଡ଼ିବାନ ତହିଁ ପଛେ ନ ଆସିବାର ବଡ଼ ଆଶ୍ଚର୍ଯ୍ୟସ୍ଥଳ ଅଟେ । ତାହାର ପ୍ରଭୁ (ମୁନିବ) ଏ ବ୍ୟାପାରଟିକୁ ଗୁରୁତରସ୍ୱରୂପ ଦେଖିବାରୁ ସେ କିଛି କଥା ଲୁଚାଇଅଛି ଓ କିଛି ଅଧିକକରି କହିଅଛି । ସେବିଷୟର ଆଉ ବିଚାର ଆବଶ୍ୟକ ନ ରହେ, ବାଦୀର କଥାମାନ ସତ୍ୟ ହେଲେହେଁ ଏମକଦ୍ଦମା ଚୋରୀତଳେ ଆସୁ ନାହିଁ କାରଣ ଚୋରୀ କରିବା ସକାଶେ ଆସାମିମାନଙ୍କର ଲେଶମାତ୍ର ଅଭିପ୍ରାୟ ନ ଥିଲା । ସେମାନେ ସରକାରୀ ଅମିନ ଅଟନ୍ତି ଓ ଚହଲ କଟକକୁ ଆସିବାର ଆଜ୍ଞା ପାଇଥିଲେ । ତଥାଚ ଗାଡ଼ିସ୍ୱାମିର ବିନା ଅନୁମତିରେ ଏପରି ଗାଡ଼ି ଧରି ଆଣିବା ଆଇନସିଦ୍ଧ ନୁହେ ଓ ଏଥିରେ କ୍ଷତିଗ୍ରସ୍ତ ବ୍ୟକ୍ତି ସେମାନଙ୍କ ନାମରେ ଦେୱାନୀ ଅଦାଲତରେ ନାଲିଶ କରିପାରେ । ଜଣେ ମାନ୍ୟବନ୍ତ ମୁସଲମାନର ଚୋରୀ କରିବାର ମାନସ ଥିଲା ଏକଥା ଅକର୍ମଣ୍ୟ ଅଟେ । ଚୋରୀ ଅପରାଧର ବର୍ଣ୍ଣନାନୁସାରେ ମଧ୍ୟ ଏହା ଚୋରୀ ହେଉନାହିଁ, କାରଣ ସେଥିରେ ଅସରଳଭାବ ଆବଶ୍ୟକ ଓ ଅନ୍ୟାଯ୍ୟମତେ ତାହାର ସମ୍ପୂର୍ଣ୍ଣ ହାନି ବା ତାହାର ଲାଭ କରାଇବାର ଅସରଳଭାବ ଅଟେ । ଏସ୍ଥଳେ ଚୋରୀ କରିବା କିମ୍ବା ଗାଡ଼ିକର୍ତ୍ତାର ସମ୍ପୂର୍ଣ୍ଣ ହାନି କରାଇବାର ଆସାମିମାନଙ୍କର ମାନସ ନ ଥିଲା । ସେମାନେ ସରଳଭାବରେ କେବଳ କିଛିକାଳ ବ୍ୟବହାର ସକାଶେ ଗାଡ଼ି ଆଣିଥିଲେ ଉତ୍ତାରେ ଫେରି ଦିଅନ୍ତେ ଓ ମଧ୍ୟ ଗାଡ଼ିବାନକୁ ଭଡ଼ା ଯାଚିଥିଲେ ଏସ୍ଥଳେ ସେମାନଙ୍କର କାର୍ଯ୍ୟକୁ ଚୋରୀ ବୋଲି ଯାଇ ନ ପାରେ । ଅନଧିକାର ପ୍ରବେଶ ଅଚଳନ୍ତି ସମ୍ପତ୍ତି ପକ୍ଷରେ ଚଳନ୍ତି ସମ୍ପତ୍ତିପକ୍ଷରେ ନୁହେ । ଅନ୍ୟାଯ୍ୟ ଅବରୋଧ ମଧ୍ୟ ଘଟି ନାହିଁ କାରଣ କାହାରିକୁ ଅଟକ କିଆ ଯାଇ ନାହିଁ ପିଲ୍ଲ ଓ ଚାକର ଇତ୍ୟାଦି ଯେଉଁ ଆଡ଼େ ଇଚ୍ଛା ସେହି ଆଡ଼େ ଯାଇ ପାରନ୍ତେ ।

ଜଏଣ୍ଟମେଜିଷ୍ଟ୍ରେଟଙ୍କର ସାର ମୀମାଂସା ଏହି ଯେ, (୧) ବାଦୀର ସାକ୍ଷିମାନେ ପ୍ରକୃତ ବୃତ୍ତାନ୍ତକୁ ବାହୁଲ୍ୟ କରି କହିଅଛନ୍ତି (୨) ମକଦ୍ଦମା ଚୋରୀ କିମ୍ବା କୌଣସି ଫୌଜଦାରୀ ଅପରାଧ ନୁହେ ।

ପ୍ରଥମ ମୀମାଂସା ସମ୍ପର୍କରେ ଆମ୍ଭେମାନେ ଦେଖୁଁ ଯେ ଜଏଣ୍ଟମେଜିଷ୍ଟ୍ରେଟ ଉକ୍ତେ ସ୍ୱୀକାର କରିଅଛନ୍ତି ଗାଡ଼ିବାନ ଇତ୍ୟାଦିଙ୍କ ବିନା ସମ୍ମତିରେ ଗାଡ଼ି ଧରା ହୋଇଅଛି । ଯେଉଁସ୍ଥଳେ ଗାଡ଼ିବାନ ଇତ୍ୟାଦି ଗାଡ଼ି ଦେବାକୁ ଅସମ୍ମତ ଥିଲେ ସେସ୍ଥଳେ ସେମାନେ ଗାଡ଼ିରୁ ଆପଣା ସାମଗ୍ରିମାନ କଦାପି ଆପଣା ସୁଖେ ବାହାର କରି ନେଇ ନ ଥିବେ । ଆସାମିମାନେ ଆପଣା ସାମଗ୍ରୀ ବୋଝାଇ କରିବା କାରଣ ବାଦୀର ସାମଗ୍ରୀସବୁ ଗାଡ଼ିରୁ ଫୋପାଡ଼ି ଦେଇଥିବେ ଓ ଏଥିରେ ବାଦୀ ପକ୍ଷୀୟ ବ୍ୟକ୍ତିମାନେ ପ୍ରତିବାଦ କରିଥିଲେ ବହିଷ୍କୃତ ହୋଇଥିବେ । ଏକଥାରେ କିଛି ଅସମ୍ଭବ ଓ ବିଚିତ୍ର ନାହିଁ ଏପରି ଘଟଣାରେ ଏହାଇ ହୋଇଥାଏ । ପିଲ୍ଲବାବୁର ତତ୍ତ୍ୱାବଧାରଣ ଅପେକ୍ଷା ଗାଡ଼ିର ତତ୍ତ୍ୱାବଧାରଣ ଅଧିକ ନୁହେ । ପିଲଟିକୁ ଅପନ୍ତରରେ ଛାଡ଼ି ଦେଇ ଗାଡ଼ିବାନ କିପରି ଗାଡ଼ିସଙ୍ଗରେ ଆସନ୍ତା । ପିଲ୍ଲଙ୍କରେ ଗାଡ଼ିବାନ ସହିତ ଜ ୨ ଣ ମାତ୍ର ଥିଲେ ଜଣେ ଗାଡ଼ି ଅନ୍ୱେଷଣକୁ ଯାଇଥିଲେ ଅନ୍ୟଜଣକ ପିଲ୍ଲ ଓ ସାମଗ୍ରୀ ପାଖରେ ଅବଶ୍ୟ ରହିଥିବ ଏହା ସଙ୍ଗତ ବୋଧ ହେଉଅଛି ଓ ଏହାଇ ଗାଡ଼ିସଙ୍ଗେ ଗାଡ଼ିବାନ ନ ଆସିବାର କାରଣ ହୋଇପାରେ । ଅତଏବ ସାକ୍ଷିମାନେ ବାହୁଲ୍ୟ ବର୍ଣ୍ଣନା କରିଥିବାର ବୋଧ ହେଉ ନାହିଁ ।

ଦ୍ୱିତୀୟ ମୀମାଂସା ପକ୍ଷରେ ଜଏଣ୍ଟମେଜିଷ୍ଟ୍ରେଟଙ୍କର ମୂଳ କଥା ଏହି ଯେ ଆସାମିମାନେ କିଛିକାଳ ସକାଶେ ଗାଡ଼ି ନେଇଥିଲେ ଓ ପଶ୍ଚାତ୍ ଫେରିଦିଅନ୍ତେ । ଏଥିକୁ ମରଗନ ସାହେବ ଓ ମେକ୍‌ଫର୍ସନ ସାହେବଙ୍କର ଟୀକା-

Digitized by srujanika@gmail.com

ଯୁକ୍ତ ଦଣ୍ଡବିଧି ଆଇନର ୩୭୮ ପୃଷ୍ଠାରେ ସ୍ପଷ୍ଟ ଲେଖାଅଛି ଯେ କୌଣସି ଦ୍ରବ୍ୟ ଦ୍ରବ୍ୟସ୍ୱାମୀ ବିନା ଦଖଲକାରୀଠାରୁ ଚିରକାଳ ସକାଶେ ଅନ୍ତର କରିବା ଇଚ୍ଛା ଚୋରୀ ଅପରାଧ ପାଇଁ ଆଇନମତେ ଆବଶ୍ୟକ ନ ରଖେ ସେଥିରେ କେବଳ ଅସରଳଭାବର ଆବଶ୍ୟକ । କୌଣସି ବ୍ୟକ୍ତିର କିଛି ଦ୍ରବ୍ୟ ନ ନେଲେ ସେ ତାହାଁର ଭୋଗରୁ ଯେ ଲଭ ବା ସୁବିଧା ପାନ୍ତା ସେ ଲଭ ବା ସୁବିଧାରୁ ତାକୁ ବଞ୍ଚିତ କରିବାଦ୍ୱାରା ତାହାର ଅନ୍ୟାଯ୍ୟ ହାନି ଜନ୍ମାଇବା ଅଭିପ୍ରାୟରେ ତାହାର ସେ ଦ୍ରବ୍ୟ ନେବା "ଅସରଳଭାବ" ଅଟେ । ବ୍ୟବସ୍ଥାକାରମାନେ ଆନ୍ତରିକ କହି ଅଛନ୍ତି ଚିରକାଳ ସକାଶେ ସମ୍ପତ୍ତି ନେବାର ଇଚ୍ଛା ବିଧିବଦ୍ଧ କଲେ ବଡ ଅସୁବିଧା ଓ ଅନିଷ୍ଟ ଘଟିବ କାରଣ କୌଣସି ବ୍ୟକ୍ତି କାହାର ଘଡି ଚୋରୀ କରି ନେବ ଧରାପଡିଲେ ସେ କହିବ ଯେ କିଛି କାର୍ଯ୍ୟବଶତଃ କିଛି ଦିନ ପାଇଁ ଘଡି ଆଣି ଥିଲି କାର୍ଯ୍ୟ ଶେଷରେ ଫେରି ଦିଅନ୍ତି । ସେ ଏଥିର କିଅଭି ପ୍ରମାଣ ଦେଲେ ଦଣ୍ଡନୀୟ ହୋଇ ନ ପାରିବ । ଏହା କି ବାଞ୍ଛନୀୟ ? ନା, କଦାପି ନୁହେ । କେହି ଘୋଡାଟିଏ ଚୋରୀ କରି ନେବ ଧରା ପଡିଲେ କହିବ ଯେ ଆଠ ଦଶ ବର୍ଷ ଉତ୍ତାରେ ଘୋଡା ଫେରି ଦେବାର ମୋହର ଇଚ୍ଛାଥିଲା । ତେବେ କି ତାକୁ ଛାଡି ଦେବାକୁ ହେବ ? ଏହି ଘଟନାମାନ ଦୃଷ୍ଟିରେ ବ୍ୟବସ୍ଥାକର୍ତ୍ତା ଚିରକାଳ ପାଇଁ ସମ୍ପତ୍ତି ନେବାର ଇଚ୍ଛାକୁ କାଟି ଦେଇ ଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଉପର୍ଯ୍ୟୁକ୍ତ ଟୀକା ଓ ଦୃଷ୍ଟାନ୍ତ ଅନୁସାରେ ଏ ମକଦ୍ଦମାଟି ଚୋରୀ ତଳେ ସ୍ପଷ୍ଟ ଆସୁ ଅଛି । କିନ୍ତୁ ପକ୍ଷରେ ଦ ୩୪୯ ଓ ୩୫୦ ଧା ଲିଖିତ ଅପରାଧ ଯୁକ୍ତ ବଳ ପ୍ରକାଶର ବର୍ଣ୍ଣାନୁସାରେ ଏମକଦ୍ଦମାରେ ସମସ୍ତ ଆସାମିଙ୍କ ପ୍ରତି ଦ ୩୫୨ ଧା ଖଟି ଥାନ୍ତା କାରଣ ସମସ୍ତେ ବଳ ପ୍ରକାଶ ପୂର୍ବକ ଗାଈ ନେଇଥିଲେ । ଜଏଣ୍ଟମେଜଷ୍ଟର ବାରିଷ୍ଟର ଅଟନ୍ତି ସେ ଯେ ଆଇନର ସୂକ୍ଷ୍ମ ମର୍ମକୁ ବୁଝି ନ ପାରି ଏମକଦ୍ଦମାକୁ କୌଣସି ଫୌଜଦାରୀ ଅପରାଧ ସ୍ୱରୂପ ଗ୍ରହଣ ନ କଲେ ବଡ ଆଶ୍ଚର୍ଯ୍ୟର ବିଷୟ । ଆମ୍ଭେମାନେ ସହସା କହୁଁ ଯେ ଏ ମକଦ୍ଦମାରେ ନ୍ୟାୟ ଓ ବିଚାରର ତ୍ରୁଟି ହୋଇ ଅଛି ଓ ଏହା ବଡ ଆକ୍ଷେପର ବିଷୟ ଅଟେ । ଅମିନମାନଙ୍କର ଅତ୍ୟାଚାର ବିଷୟ ସମସ୍ତଙ୍କଠାରୁ ସର୍ବଦା ଶୁଣାଯାଏ । ଏ ଦେଶୀୟ ଲୋକେ ଶାନ୍ତସ୍ୱଭାବ ବଶତଃ ଅତ୍ୟାଚାର ସହି ମକଦ୍ଦମାରେ ମତି ବଳାନ୍ତି ନାହିଁ । ଯଦ୍ୟପି କେହି ସାହସପୂର୍ବକ ମକଦ୍ଦମା କଲା ସେ ଅନ୍ୟାଯ୍ୟମତେ ହାରିଲା ଏଅବସ୍ଥାରେ ଦୁଃଖି ପ୍ରଜାଙ୍କର ଆଉ ନିସ୍ତାର ନାହିଁ ! ପୁଣି ମକଦ୍ଦମାର ଯୁକ୍ତିବେଳେ ଜଏଣ୍ଟମେଜଷ୍ଟର କହିଲେ ଏମକଦ୍ଦମାରେ କିଛି "ଯୁଲମ" ହୋଇଅଛି ମାତ୍ର "ଯୁଲମ" ନ ହେଲେ ସରକାରୀ କର୍ମ ଚଳେ ନାହିଁ । ଅତ୍ୟାଚାରୀ ଅମିନମାନେ ଏପରିକଥା ଶୁଣି କାହିଁକି ଆହୁରି ଅଧିକ ଅତ୍ୟାଚାର ନ କରିବେ ? ବିଚାରାଳୟରେ ବିଚାରପତିଙ୍କର ଏପରି ଅନ୍ୟାଯ୍ୟ ଓ ଆଇନବିରୁଦ୍ଧ କଥା ଅତି ଦୂଷଣୀୟ ଓ ଅନିଷ୍ଟକର ଅଟେ । ଏ ସମ୍ବନ୍ଧରେ ଆହୁରି କିଛି କହିବାର ଆମ୍ଭମାନଙ୍କର ମାନସ ଅଛି, ବାରାନ୍ତରେ ପ୍ରକାଶ କରିବୁଁ ।

———

ଆମ୍ଭମାନଙ୍କର ଖୋର୍ଦ୍ଧାସ୍ଥ ସଂବାଦଦାତା ଲେଖିଅଛନ୍ତି-ଏଠାରେ ଯେପରି ଚନ୍ଦନଯାତ୍ରା ହୁଏ ସେପରି କୌଣସି ସ୍ଥାନରେ ନାହିଁ ସମସ୍ତେ ପାଳ କରି କରନ୍ତି ଅକ୍ଷୟତୃତୀୟାଠାରୁ ଦୋକାନଦାର ଓ ଗ୍ରାମବାସୀ ପ୍ରଧାନବ୍ୟକ୍ତିମାନେ ଏକ ଏକ ଦିନ ପାଳଦ୍ୱାରା ଯେଝା ଶକ୍ୟ ଅନୁଯାୟୀ ଦଶବିଂଶ ଟଙ୍କା ଖର୍ଚ୍ଚ କରି ସାମାନ୍ୟରୂପେ ଯାତ୍ରା ସମାଧାନ କରୁଥିଲେ ସବଡିବିଜନ ଅମଲା ଓ ସବ୍‌ଡେପୁଟୀ ବାବୁ ନାରାୟଣଚନ୍ଦ୍ର ନାୟକ ତାଙ୍କ ପାଳଦିନ ଏକଶ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦାଦ୍ୱାରା ପ୍ରାପ୍ତ ହୋଇ ଋପକୁ ଝାଲେଶୀ ବାଡା ତହିଁରେ ଦୀପାବଳୀ ଖଞ୍ଜି ଗୋଟିଏ କୁଞ୍ଜ କରି ତହିଁ ମଧ୍ୟରେ ଶ୍ରୀ ରାଧାବଲ୍ଲଭଠାକୁରଙ୍କୁ ବିଜେ କରାଇ ଥିଲେ ଭଉଁରୀ ଫେରିଲାବେଳେ ବଡ ଶୋଭା ହେଲା । କାହ୍ନୁସାଗର ନାମକ ପୁଷ୍କରିଣୀ ତୀର ତରଫରେ କପାନଣ୍ଡି ଯୋଗରସପୁଡିଆ ତେଲସଂଯୁକ୍ତରେ ଜଳୁ ଥିଲା ଗୋଟିପୁଅ ଓ କଟକ ବାଈ ଓ କୃଷ୍ଣଲୀଳା ଓ ଶବର ଶବରୁଣୀ ଦଶ ବାରଦଫା ନାଚ କରୁଥିଲେ ଓ ପାଏକମାନେ ଫଉଖେଳ ଓ କୁସ୍ତିଗିରମାନେ ନାନା ପଟାଖେଳ ଖେଳୁଥିଲେ ପାଞ୍ଚଶାଖା ଓଗେର ରୋଷନାଇ ଓ ତେଲିଙ୍ଗି ବାଦ୍ୟ ଓ ହାଡିବାଜା ପ୍ରାୟ ଏକଶତକ ଥିଲେ ପୁଷ୍କରିଣୀ ତଟରେ ଦୁଇଜାଗା ମଜଲସ ଖମ୍ବଡିଆ ଓ ଏକ ତରଫରେ ଏକ ଘଉଟି ଥିଲା ତହିଁରେ ଗିଲାସମାନ ଜାଳ ପୁଷ୍ପରେ ସ୍ଥାନ ମଣ୍ଡଣି କରି ଉତ୍ତମ ବିଛଣା ଓ ଟେବଲ ଚଉକୀ ସ୍ଥାପନ କରି ତହିଁରେ ଗୋଲାପଜଳ ଓ ଅତରଦାନୀ ଓ ଚନ୍ଦନ ଓ ପାନଖିଲମାନ ଏକ ରୂପାପାତ୍ରରେ ରଖିଥିଲେ । ସମସ୍ତେ ବସି ମଧ୍ୟରେ ଉକ୍ତ ନଟକାରମାନଙ୍କଦ୍ୱାରା ନୃତ୍ୟ କରାଉଥିଲେ ସେଠାକୁ ଏଠା ଜଏଣ୍ଟ ମେଜଷ୍ଟର ଓ ଗ୍ରାଯୁତ ଫିଲପି ସାହେବ ଓ ଟେଲର ସାହେବଙ୍କୁ ଆମନ୍ତ୍ରଣ କରି ଆଣିବାରେ ଉକ୍ତ ସାହେବମାନେ ସଭା ମଧ୍ୟରେ ଆସନ ଓ ପାନ ଚନ୍ଦନ ଅତର ଓ ଗୋଲାପଜଳ ଗ୍ରହଣ କରି ନୃତ୍ୟ ଦେଖି ସେମାନଙ୍କୁ କିଛି ମୁଦ୍ରା ଦେଇ ଆନନ୍ଦରେ କୋଠିକୁ ଗଲେ ଠାକୁର ପଟୁଆରକରି ଯିବା ସମୟେ ଆଗରେ କଲର ଘୋଡା ଓ ଷଣ୍ଢ ଓ ସିଂହ ଓ ବୁଢ଼ା ବୁଢ଼ୀ ତା ପଛେ ହାଉବାଜା ତା ପଛେ ଚଢ଼େୟୀ ଚଢ଼ୋଣୀ ତା ପଛେ ସଂକୀର୍ତ୍ତନ ଚାରିଦଫା ତା ପଛେ ଠାକୁର ଉକ୍ତ ନୃତ୍ୟକାରମାନେ ନୃତ୍ୟ କରୁଥାନ୍ତି ସମସ୍ତ ଅମଲା ଓ ହାକିମ ଓ ପୁଲିସ ହିଫାଜତ କରୁଥାନ୍ତି ଦେଖଣାହାରୀ ପାଞ୍ଚହଜାରରୁ ଊର୍ଦ୍ଧ୍ୱ ମନୁଷ୍ୟ ହୋଇଥିଲେ କିଛି ଆପଦ ହୋଇ ନାହିଁ ସେଦିନ ରାତ୍ର ଭୋର ହେଲା ଦୋସରଦିନ ବନ୍ଦୋବସ୍ତ ଅମଲା ଓ ଅମିନ ଚେନମେନମାନେ ଟ ୨୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ଉପରଲିଖିତ ବିଧି ସିବାଏ ଗିଲାସଝାଡ଼ ଓ ବମ୍ବାଜି ଓଗେର ଦାଣ କରିଥିଲେ ରାତ୍ର ଭୋରତକ ଯାତ୍ରା ଶେଷ ପରେ ସ୍ନାନ କରି ସମସ୍ତ ଅମଲା ଓ ଭଦ୍ରବ୍ୟକ୍ତିମାନଙ୍କୁ ପକ୍ୱାନ୍ନସାମଗ୍ରୀ ଓ ପାକଲା ଆମ୍ବ ଭୋଗ କରି ଭୋଜନ ଦେଲେ ତହିଁର ପରଦିବସ ପୁଲିସ ଅମଲା ଓ କନେଷ୍ଟବଲମାନେ ଉପରଲିଖିତ ସମାରୋହରେ ବିଶେଷ ତେଲ ରୋଷନାଇ କରି ଯାତ୍ରା ସମାପ୍ତ କଲେ କୌଣସି ଅନିଷ୍ଟ ହୋଇ ନାହିଁ ।

ଗତମାସ ତା ୧୭ ରିଖରେ ଏ ଅଞ୍ଚଳରେ ଅଳ୍ପ ଅସରାଏ ପାଣି ବର୍ଷି ଅଛି ତହିଁରେ ଚାଷ ହେବ ନାହିଁ ଝଡ଼ ପ୍ରବଳ କେବଳ ଆମ୍ବ ବିଶେଷ ମିଳୁଥିବାରୁ ଲୋକମାନେ ଖାଇ ଦିନପାତ କରୁଅଛନ୍ତି ଏହି ଜ୍ୟେଷ୍ଠମାସ ମଧ୍ୟରେ ବରଷା ନ ହେଲେ କୃଷି ହୋଇ ନ ପାରିବ ଦୁର୍ଭିକ୍ଷ ହେବାର ସମ୍ଭାବନା ଅଟେ ବର୍ତ୍ତମାନ ଟ ୧ କୁ ମୋଟଚାଉଳ ସେ ୧୦ ର ଓ ସରୁଚାଉଳ ସେ ୮ ର ଲେଖାଏ ମିଳୁଅଛି ଆମ୍ବ ସରିଗଲେ ଚାଉଳ ଆହୁରି ଗିରାନା ହେବ ।

ଖୋର୍ଦ୍ଧା ମଧ୍ୟରେ ମାଳତଳ ଘୋରବନ ପର୍ବତ ସେଠା ଜଳବାୟୁ ନିତାନ୍ତ ଖରାପ ହେବାରୁ ସେଠାକୁ ଯେତେ ଅମିନ ଚେନମେନ ଯାଇଥିଲେ ତହିଁମଧ୍ୟରୁ ଅନେକ ବ୍ୟକ୍ତି ଜ୍ୱର ବିମା-

Split by PDF Splitter
Digitized by srujanika@gmail.com

## CORRESPONDENCE.

To the Editor of the Utkal Dipica

Cuttack.

Sir,

In these grilling days with a temperature rising above 100° under shade, and when the people, half denuded, are panting for ice and other cooling drinks, it is neither rhyme nor reason on the part of our young friends of the Cuttack Association to talk of a Temperance movement. For no one cares about pegs this weather, or any harangue or babblement on their good or deleterious effects. The inauguration of a movement like this is indeed very much wished for in almost every part of India where drunkeness has prevailed to an enormous extent. And although Orissa has been but very little affected with it, the establishment of a Temperance Society will do not a little in counteracting the influence of this pernicious evil. The only way of effecting this end is by gentle persuasion. But the young members of the Cuttack Fraternity who, whatever their objects may be, seem more anxious to gain a name—and that of "Patriot,"—seem resolved to carry out their intention with a spirit most distasteful, holding out threats to those who happen to differ from them in sentiments; and publishing their names in newspapers with an intent to hold them up to public ridicule. This line of action adopted by them evidently tends to shew a weak mind, and will, I apprehend, mar the cause of that great good, in laying the foundation of which, they have been so instrumental. Cavillings and bullyings, like the flirtations of a coquette, may be pleasant things to the juveniles or those who have known little of the world; but they seldom achieve any great end. If my young friends therefore wish to be the real workers in the field, I would advise them to learn modesty and prudence, and cast off hauteur and arrogance which far from elevating the character of a man, gnaw at the root of all his true greatness. They should know that they are not the only men in this country whose words, however good and wise, the public would be ready to accept as *commands*, or whose wishes as soon as expressed, would be complied with. They would bear in mind that if wishes were horses, beggars would ride.

It is now half past nine, and the day is getting hotter, so I bid you, Mr. Editor, good bye.

Yours sincerely
Quidnunc.

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମାନ୍ୟବରେଷୁ ।

ମହାଶୟ !

ଆପଣ ସ୍ୱୟଂ କିମ୍ବା ଆପଣଙ୍କ ବହୁସଂଖ୍ୟକ ପାଠକଗଣଙ୍କ ମଧ୍ୟେ କେହି ପାଠକ ଅନୁଗ୍ରହପୂର୍ବକ ନିମ୍ନଲିଖିତ ପ୍ରଶ୍ନର ପ୍ରତ୍ୟୁତ୍ତର ଦେଲେ ଚିରକାଳ ବାଧ୍ୟ ସ୍ୱୀକାର କରିବୁଁ ଯଥା;— କେହି ଉତ୍କଳବାସୀ (କ୍ଷେତ୍ରି, କରଣ, ବୈଶ୍ୟ ଇତ୍ୟାଦି) କୌଣସି କାର୍ଯ୍ୟବଶତଃ କିମ୍ବା ପ୍ରୟୋଜନବଶତଃ ବଙ୍ଗଦେଶକୁ ଆସିବାକୁ ହେଲେ ଏବଂ ସେସ୍ଥାନରେ ସ୍ୱଦେଶୀ ବ୍ରାହ୍ମଣ ଦୁଷ୍ପ୍ରାପ୍ୟ ହେଲେ ବଙ୍ଗଦେଶୀୟ ବ୍ରାହ୍ମଣ ପାକରେ ଭୋଜନ କରିପାରିବ କି ନାହିଁ ?

ଏକାନ୍ତ ବଶମ୍ବଦ

୩।୫।୭୯ କେହି ଉତ୍କଳଦେଶୀୟ ବିଦେଶୀ

---

ମହାଶୟ !

ଆମ୍ଭ ନାମରେ ବେନାମୀ କରି ଆପଣଙ୍କ ନିକଟକୁ କୌଣସି ବ୍ୟକ୍ତି ପତ୍ର ପଠାଇଥିଲ ସେ ଚିଠି ବେରଙ୍ଗ ଥିବାରୁ ଆପଣ ଗ୍ରହଣ ନ କରିବାରୁ କଲିକତା ଡେଲିବର ଅଫିସରୁ ଆମ୍ଭଠାକୁ ଫେରିଛି ଆସିଲା । ଆମ୍ଭେ ଅତିଶୟ ଆଶ୍ଚର୍ଯ୍ୟ ହେଲୁଁ । ଯେହେତୁ ଏ ବିଷୟ ଅନୁସନ୍ଧାନ କରିବାପାଇଁ ଏକଜଣ ମନୁଷ୍ୟ ଉଦରଙ୍ଗ ପଠାଇଲୁଁ କାରଣ ଉଦରଙ୍ଗ ମୋହର ଥିବାରୁ ଯେଉଁ ବ୍ୟକ୍ତି ଅନୁସନ୍ଧାନପାଇଁ ଯାଇଥିଲେ ସେ କୌଣସିମତେ ପତ୍ରପ୍ରେରକଙ୍କୁ ଧରିଲେ ବେନାମୀ ପତ୍ରପ୍ରେରକ ନାମ ଭାଗୀରଥୀ ମହାନ୍ତି ତାହାର ପିତାର ନାମ ବଳଭଦ୍ର ମହାନ୍ତି ଗୃହ ଉଦରଙ୍ଗ ସାହାପୁର ତାହାର ବୟସ ୧୬ କିମ୍ବା ୧୮ ସେ ବ୍ୟକ୍ତି ଏହିପରି ଆଚରଣ କରେ ଏଥିପାଇଁ ଆପଣଙ୍କୁ ଜଣାଉଅଛୁଁ ଆପଣ ଆମ୍ଭ ପତ୍ର ଯଦ୍ୟପି ପାନ୍ତି ବିଚାର କରି କାର୍ଯ୍ୟ କରିବେ ଅବିକଳ ପତ୍ର ଆପଣଙ୍କ ନିକଟକୁ ପଠାଇଲୁଁ ଆପଣ ଦୀପିକାରେ ଏପରି ହାଲ ଓ ଆପଣଙ୍କ ମନ୍ତବ୍ୟ ପ୍ରକାଶ କରି ଆମ୍ଭ ନାମର ପତ୍ର ସମୁଦାୟ ଫେରାଇ ପଠାଇଲେ ଅନ୍ୟ ଯେ ବିଚାର ଥିବ ତାହା କରିବୁଁ । ଇତି ।

ବଶମ୍ବଦ

୨୫।୪।୭୯ ଶ୍ରୀ ଗୋବିନ୍ଦବଲ୍ଲଭ ଗୁପ୍ତ
ଜମିଦାର କାଉପୁର

---

☞ ମୂଲପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED No. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ ଶ
ସଂ ୨୨ ସଂଖ୍ୟା

ତା ୩୧ ରଖ ମାହେ ମଇ ସନ ୧୮୭୯ ମସିହା । ମୂ । ଜ୍ୟେଷ୍ଠ ୱ ୧୯ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୷
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୷
ମଫସଲପାଇଁ ଡାକମାସୁଲ ଟ୧୷

ଏତେଦିନେ ଇନ୍ଦ୍ରଦେବତାଙ୍କର ଦୟା ହେଲା ଏସପ୍ତାହରେ ଏନଗରରେ ଯଥେଷ୍ଟ ବରଂ ଅତିରିକ୍ତବର୍ଷା ହୋଇଅଛି ଓ ଏହିପରି ଅନ୍ୟାନ୍ୟ ସ୍ଥାନରେ ହୋଇ ବଲି ଅପାଗିଅ ହୋଇଅଛି ମାସ ଆଉ ଅଧିକା ବର୍ଷା ନ ହେଲେ କିଛି କ୍ଷତି ହେବ ନାହିଁ । ଅକ୍ଷୟତୃତୀୟାରୁ ଧାନବୁଣା ଆରମ୍ଭ ହେବାର ପ୍ରାଚୀନ କଥା ଅଛି କିନ୍ତୁ ଏବର୍ଷ ସାବଶୀ ଅମାବାସ୍ୟା ପର୍ଯ୍ୟନ୍ତ ବିଲରେ ଜାର ପଡିଲା ନାହିଁ । ମେମାସରେ ନାଲ ବନ୍ଦ ହେଉ ନ ଥିଲେ ଏତେ ଅସୁବିଧା ହେଉ ନ ଥାନ୍ତା । ବାଉକମାଷ୍ଟରୀ କର୍ମଚାରୀମାନେ କି ସକାଶେ ଅପ୍ରେଲମାସରେ ନାଲ ବନ୍ଦ ନ କରି ମେମାସରେ କରନ୍ତି ଆମ୍ଭେମାନେ ବୁଝି ନ ପାରୁଁ । ଯାହା ହେଉ ଏଣିକି ଇନ୍ଦ୍ର ପାଳିଲେ କୃଷିକର୍ମ ଉତ୍ତମରୂପେ ଚଳିବ ।

---

ସର୍ଭେ ଅଭିଯୋଗର ମକଦ୍ଦମାରେ ଯେଉଁ ଜଣକ ପ୍ରତିବାଦୀ ମାରପିଟ ଦୋଷରେ ଦଣ୍ଡବିଧି ଆଇନର ଦ ୩୫୨ ଧାରାନୁସାରେ ବିଚାରାଧୀନ ଥିଲା ତାହା ଉପରେ ଜଏଣ୍ଟମେଜିଷ୍ଟ୍ରେଟ ସାହେବ ଗତ ସୋମବାର ଦିନ ଟ ୩୦ ଜରିମାନା କଲେ । ଯାହା ହେଉ ଅଭିଯୋଗରଙ୍କ ମଧ୍ୟରୁ ଜଣେ ହେଲେ ଯେ କିଛି ଦଣ୍ଡ ପାଇଲା କିଞ୍ଚିତ୍ ସୁଖର ବିଷୟ । ଗାଡ ଧଇଲେବା କୌଣସି ଅପରାଧ ନ ଥିବାର ଜଏଣ୍ଟ ମେଜିଷ୍ଟ୍ରେଟ ଯେ ସିଦ୍ଧାନ୍ତ କରି ସମସ୍ତ ଆସାମିଙ୍କୁ ମୁକ୍ତି ଦେଇଅଛନ୍ତି ତହିଁ ବିରୁଦ୍ଧରେ ବାଦୀ ପକ୍ଷରୁ ଅପିଲ ହୋଇଅଛି ଅତଏବ ଏ ମକଦ୍ଦମାରେ ଆମ୍ଭମାନଙ୍କର ଆଉ କିଛି ମନ୍ତବ୍ୟ ପ୍ରକାଶ କରିବାର ଉଚିତ ନୁହେ ।

---

ଆମ୍ଭେମାନେ ଏଠାରେ ମାଦକ ସେବନ ନିବାରଣୀ ସଭା ସ୍ଥାପନ ହେବା ପ୍ରସଙ୍ଗ ଏଥି ପୂର୍ବେ ଲେଖି ଥିଲୁଁ ଓ ଭରଷା କରିଥିଲୁଁ ଯେ ଏ ସଭାଦ୍ୱାରା କିଛି ଉପକାର ହେବ ମାତ୍ର ସଭାର ଏକ ଅଧିବେଶନର କାର୍ଯ୍ୟ ଦେଖି କିଛି ହତାଶ ହୋଇ ଅଛୁଁ । ଗତ ସପ୍ତାହରେ ପ୍ରତିଜ୍ଞାପତ୍ର ଇତ୍ୟାଦି ଧାର୍ଯ୍ୟ କରିବା ନିମନ୍ତେ ପଧାଣୀ ବାବୁଙ୍କ ସ୍କୁଲ ଗୃହରେ ମାଦକ ନିବାରଣକାରିମାନଙ୍କର ସଭା ହୋଇଥିଲା ମାତ୍ର ମାଦକ ସେବନକାରୀମାନେ ଏକତ୍ରିତ ହେଲେ ଯେଣୁ ବକବକ ହୁଅନ୍ତି ଓ ଗୋଲମାଲ କରନ୍ତି ସେହି ପରି ଦେଖା ଗଲା । କେହି ସଭ୍ୟ ସେକ୍ରେଟରିଙ୍କୁ ଅପମାନିତ କଲେ ଓ ସେ ଗ୍ଲାନ୍ୱିତ ହୋଇ ତତ୍କ୍ଷଣାତ ଇସ୍ତଫା ଦେବାକୁ ବସିଲେ । ଯାହାର ମନକୁ ଯାହା ଆସିଲା ସେ ତାହା କହିଲା । ନିୟମ ଓ ଶୃଙ୍ଖଳା ଲେଶ ମାତ୍ର ନ ଥିଲା । ଯେଉଁ ସଭ୍ୟମାନେ ତମାଖୁ ଖାନ୍ତି ନାହିଁ ସେମାନେ ତମାଖୁ ନିଷେଧ କଲେ । ଯେଉଁମାନେ ତମାଖୁ ଖାନ୍ତି ସେମାନେ ବିଶେଷତଃ ଜଣେ ଗୁଣ୍ଡିଖିଆ ବ୍ୟକ୍ତି ଅସ୍ତବ୍ୟସ୍ତ ହୋଇ କଡ଼ା ପ୍ରତିବାଦ କଲେ । ଏହି ପରି ଗଣ୍ଡଗୋଲରେ ସଭା ଭାଙ୍ଗିଲା । ଏଥିର କାରଣ ଏହି ଯେ ସଭାପତିଙ୍କ ଭିନ୍ନ ପ୍ରାୟ ଆଉ କେହି ବୟୋଧିକ ବିବେଚକ ଓ କାର୍ଯ୍ୟକ୍ଷମ ବ୍ୟକ୍ତି ସଭାରେ ନ ଥିଲେ । ଯାହା ହେଉ ଏଥିର ଉଦ୍ୟମକାରୀମାନେ ନିରସ୍ତ ନ ହୋଇ ଚେଷ୍ଟା କରୁଥାନ୍ତୁ କାଳେ ଫଳ ପ୍ରାପ୍ତ ହୋଇ ପାରିବ ।

---

ଏଥିପୂର୍ବେ ଆମ୍ଭେମାନେ କପାମାସୁଲ ଓ ଟାକ୍ସ ଇତ୍ୟାଦି ବିଷୟରେ ଭାରତବର୍ଷୀୟ ସଭାର ପ୍ରତିନିଧିମାନଙ୍କୁ ମହାମାନ୍ୟ ଲର୍ଡ ସାହେବଙ୍କର ଅପମାନସୂଚକ ପ୍ରତ୍ୟୁତ୍ତର ପ୍ରସଙ୍ଗ ପାଠକମାନଙ୍କୁ ଜଣାଇ ଅଛୁଁ । ଏ ବିଷୟ ଯେତେ ଭାରତବର୍ଷରେ ବଡ ଆନ୍ଦୋଳନ ହେଲା ଓ ପ୍ରାୟ ସମସ୍ତ ପତ୍ରିକାମାନେ ଏକମୁଖ ହୋଇ ଲାଟସାହେବଙ୍କର ଉତ୍ତରକୁ ଦୋଷଯୁକ୍ତ ମଣିଲେ ଓ ନିନ୍ଦାକଲେ । ବର୍ତ୍ତମାନ ପାର୍ଲିମେଣ୍ଟ ସଭାରେ ଏ ପ୍ରସଙ୍ଗ ପଡି ଥିବାର ପତ୍ରିକାମାନଙ୍କରୁ ଅବଗତ ହୋଇ ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ମେମ୍ବର ଡୋନେଲ ସାହେବ ପ୍ରସ୍ତାବ କରିଅଛନ୍ତି ଯେ ଏ ସଭାର ବିବେଚନାରେ ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀଙ୍କର ପ୍ରତିନିଧି ଲାଟସାହେବ ଏପରି ଉପଯୁକ୍ତ ଓ ମାନ୍ୟବନ୍ତ ପ୍ରଜାବର୍ଗଙ୍କୁ ଏପରି ଅବଜ୍ଞତ ଓ ଅନିଷ୍ଟକର ପ୍ରତ୍ୟୁତ୍ତର ଦେବାର ବଡ ଦୁଃଖର ବିଷୟ ଅଟଇ । କିନ୍ତୁ ଏଥିର ତର୍କବିତର୍କ ହେଲେ ଯେଉଁ ମେମ୍ବରମାନଙ୍କର ଦୁଃଖୀ ଭାରତବର୍ଷୀ-

Digitized by srujanika@gmail.com

Split by PDF Splitter



ଯୁଙ୍କ ପ୍ରତି ସହାନୁଭୂତି ଅଛି କେବଳ ସେମାନେ ଓଡୋନେଲ ସାହେବଙ୍କ ମତର ପୋଷକତା କରିବେ । ଯେବେ ଏପରି ହେବେ ପାର୍ଲିମେଣ୍ଟରୁ ଅଧିକ ଭରସା ନାହିଁ ।

ଏହା ଲେଖିବା ଉତ୍ତାରେ ଆମ୍ଭେମାନେ ଅବଗତ ହେଲୁଁ ଆମ୍ଭମାନଙ୍କ ପୂର୍ବ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସର ଜର୍ଜ କାମ୍ବେଲ ସାହେବ କହିଅଛନ୍ତି କି ସେ ପାର୍ଲିମେଣ୍ଟ ସଭାରେ ପ୍ରସ୍ତାବ କରିବେ କପା ମାସୁଲ ସଂକ୍ରାନ୍ତରେ ଲର୍ଡ ସାହେବଙ୍କର କାର୍ଯ୍ୟ ଆଇନ ସଙ୍ଗତ ନୁହେ ଓ ସ୍ୱେଚ୍ଛାଧୀନ ଶାସନର ଲକ୍ଷଣ ଓ ଆପଦଜନକ ଅଟେ । କାମ୍ବେଲ ସାହେବ ଏ ଦେଶରେ ଥିବା ସମୟରେ ସମସ୍ତେ ତାଙ୍କୁ ସ୍ୱେଚ୍ଛାଚାରୀ କହୁଥିଲେ ବର୍ତ୍ତମାନ ସେ ଅନ୍ୟ ସ୍ୱେଚ୍ଛାଚାର ଶାସନକୁ ନିନ୍ଦା କରୁଅଛନ୍ତି ଅତି ଆନନ୍ଦର ବିଷୟ । ଏହା କାଳଗତର ମହିମା ବୋଲିବାକୁ ହେବ । ପାର୍ଲିମେଣ୍ଟରେ ଏଥିର ତର୍କବିତର୍କ ହୋଇ କି ଫଳ ହେବ ତହିଁକି ଲୋକେ ଚାତକ ପରି ଚାହିଁ ଅଛନ୍ତି । କିନ୍ତୁ ବର୍ତ୍ତମାନ ଜଣାଗଲା ଯେ ବିଲାତର ସେକ୍ରେଟେରୀଙ୍କ ଆଦେଶାନୁସାରେ ଲର୍ଡ ସାହେବ କପା ମାସୁଲ ଉଠାଇ ଅଛନ୍ତି ।

---

ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷ ପାଣ୍ଠି ଆତ୍ମସାତ୍ କରିବା ବିଷୟରେ ମାନ୍ଦ୍ରାଜ ନିବାସିମାନେ ପାର୍ଲିମେଣ୍ଟରେ ଆବେଦନ କରିଅଛନ୍ତି । ଏଥିର ବୃତ୍ତାନ୍ତ ଏହି ଯେ ଗବର୍ଣ୍ଣମେଣ୍ଟ ଲାଇସେନ୍‌ସଟାକ୍ସ ବସଣି କରିବାରେ ପ୍ରତିଜ୍ଞା କରିଥିଲେ ଯେ ଏ ଟାକ୍ସ ଟଙ୍କା ଦୁର୍ଭିକ୍ଷ ନିବାରଣ ପାଇଁ ସଞ୍ଚିତ ହୋଇ ରହିବ ଅର୍ଥାତ୍ ଦୁର୍ଭିକ୍ଷ ପଡିଲେ ଦୁର୍ଭିକ୍ଷ ପୀଡିତ ଲୋକଙ୍କ ସାହାଯ୍ୟରେ ଉକ୍ତ ଟଙ୍କା ବ୍ୟୟ ହେବ । ଏହି ଆଶା ଦେଖାଇ ଗବର୍ଣ୍ଣମେଣ୍ଟ ଟାକ୍ସ ସଂଗ୍ରହ କଲେ ମାତ୍ର ବର୍ଷକରୁ ଊର୍ଦ୍ଧ୍ୱ କାଳ ଗତ ନ ହେଉଣୁ ସରକାର ତାହା ଅନ୍ୟାନ୍ୟ ବିଷୟରେ ବ୍ୟୟ କଲେ । କାବୁଲ୍ ଯୁଦ୍ଧ ଓ ରୁପାର ମୂଲ୍ୟ ହ୍ରାସ ଏଥିର ମୂଳ କାରଣ ଅଟଇ । ଆବେଦନକାରମାନେ ଲେଖନ୍ତି ଗବର୍ଣ୍ଣମେଣ୍ଟଙ୍କର ଅର୍ଥକଷ୍ଟ ଆମ୍ଭେମାନେ ସାବଧାନପୂର୍ବକ ବିବେଚନା କରିଅଛୁଁ ତଥାଚ ଗବର୍ଣ୍ଣମେଣ୍ଟ ପ୍ରତିଜ୍ଞା ଲଙ୍ଘନ କରିବାର ଉଚିତ କିମ୍ବା ଆବଶ୍ୟକ ନ ଥିଲା । ବିଲାତ ଓ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର ବ୍ୟୟ ବ୍ୟବସ୍ଥା ଅସନ୍ତୋଷଜନକ ମତେ ହେଉ ଥିବାରୁ ଅର୍ଥକଷ୍ଟ ଘଟିଅଛି ଏଥିପାଇଁ ଭାରତବର୍ଷର ଟାକ୍ସଦାତାମାନେ ଦାୟୀ ନୁହନ୍ତି ଓ ଦୁର୍ଭିକ୍ଷ ନିବାରଣ ସକାଶେ ଯେ ଲାଇସେନସ୍ ଟାକ୍ସ ଗୃହୀତ ହୋଇଅଛି ତାହା ଅନ୍ୟ କାର୍ଯ୍ୟରେ ଲଗି ନ ପାରେ । ଆବେଦନକାରମାନେ ଆହୁରି ବୋଲନ୍ତି କୌଣସି ବାଙ୍କ ଅବା ବ୍ୟବସାୟୀ କମ୍ପାନୀ ଅଂଶିମାନଙ୍କ ସହିତ ଯେ ନିୟମ କରିଥାନ୍ତି ତହିଁର ଅନ୍ୟଥା କଲେ ଯେପରି ଅବିଶ୍ୱାସୀ ହୁଅନ୍ତି ସେହିପରି ଗବର୍ଣ୍ଣମେଣ୍ଟ ଆପଣା ପ୍ରତିଜ୍ଞା ଲଂଘନ କଲେ ସର୍ବସାଧାରଣରେ ଅବିଶ୍ୱାସର ଭାଜନ ହେବେ । ଆବେଦନକରମାନେ ଯଥାର୍ଥ କହିଅଛନ୍ତି ଯେହେତୁ ଛଅମାସ ପୂର୍ବେ ଭାରତବର୍ଷୀୟ ସଭା କପାମାସୁଲ ଆବେଦନରେ ଟାକ୍ସ ବସଣିର ପ୍ରତିବାଦ କରିଥିବାରୁ ମହାମାନ୍ୟ ଲର୍ଡସାହେବ କ୍ରୋଧାନ୍ୱିତ ହୋଇ କହିଥିଲେ ଯେ ଦାରୁଣ ଦୁର୍ଭିକ୍ଷର କବଳରୁ ଲୋକମାନଙ୍କୁ ରକ୍ଷାକରିବା ନିମନ୍ତେ ଟାକ୍ସ ଧାର୍ଯ୍ୟ ହୋଇଅଛି ଏ ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ନ ରଖି ଦୋଷାରୋପ କରିବା ବଡ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ । କିନ୍ତୁ ଏ କଥା କେବଳ ତାଙ୍କର ମୁଖରେ ରହିଲା କାର୍ଯ୍ୟରେ ଏଥିର ବିପରୀତ ହେଲା ଯେଉଁ କାର୍ଯ୍ୟପାଇଁ ଟାକ୍ସ ବସିଲା ତହିଁରେ ତାହା ବ୍ୟୟ ନ ହୋଇ ଅନ୍ୟ କାର୍ଯ୍ୟରେ ବ୍ୟୟ ଅନୁଚିତ ଓ ଅନ୍ୟାୟ ଏଥିରେ ସନ୍ଦେହ ନାହିଁ ତେବେ "ସ୍ୱର୍ଗକୁ ନିଶୁଣି ନାହିଁ, ବଡଲୋକଙ୍କୁ ଉତ୍ତର ନାହିଁ" ।

---

## କାବୁଲସନ୍ଧି ସମାଚାର ।

ଏପର୍ଯ୍ୟନ୍ତ ନିଷ୍ଠୁର ବ୍ୟାପାର ଯୁଦ୍ଧସମାଚାର ଲେଖୁଥିଲୁଁ ଆଜି ଅତି ଆନନ୍ଦପୂର୍ବକ ସନ୍ଧିସମାଚାର ପାଠକମାନଙ୍କୁ ଜଣାଉଅଛୁଁ । ଅମିର ୟାକୁବଖାଁ ଇଂରେଜଙ୍କ ଛାଉଣୀକୁ ଆସିଲା ଉତ୍ତାରୁ ଅମିର ଓ ଇଂରେଜ କର୍ମଚାରଙ୍କ ମଧ୍ୟରେ କେତେକଦିନ ପର୍ଯ୍ୟନ୍ତ ପରସ୍ପର କଥୋପକଥନ ଓ ସନ୍ଧି ବିଷୟରେ ତର୍କ ବିତର୍କ ହୋଇ ଏହି ନିୟମ ସ୍ଥିର ହୋଇଅଛି ଯେ କାବୁଲରେ ଜଣେ ରେସିଡେଣ୍ଟ (ଇଂରେଜ କର୍ମଚାରୀ) ରହିବେ ଆଫଗାନିସ୍ଥାନର ଅନ୍ୟ ଦେଶ ସହିତ ସମ୍ବନ୍ଧରେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତୃତ୍ୱ ରହିବ ଏବଂ ଖାଇବରଠାରୁ ଲଣ୍ଡିକୋଟାଲ ପର୍ଯ୍ୟନ୍ତ ଓ କୁରମଠାରୁ ଅଲିଶେର ପର୍ଯ୍ୟନ୍ତ ପ୍ରଦେଶ ଇଂରେଜଙ୍କର ଅଧିକାରରେ ରହିବ । କାନ୍ଦାହାରକୁ ଗବର୍ଣ୍ଣମେଣ୍ଟ ରଖିବେ ନାହିଁ ମାତ୍ର ତକାନ୍ତ ବିଚ୍ଛେଦନ ରହିବେ । ଏ ପ୍ରଦେଶମାନ ଗବର୍ଣ୍ଣମେଣ୍ଟ ଭାରତବର୍ଷ ସଙ୍ଗେ ମିଶାଇବେ ନାହିଁ କେବଳ ସନ୍ଧିର ନିୟମମାନ ପ୍ରତିପାଳନ କରାଇବା ସକାଶେ ଆପଣା ଅଧିକାରରେ ରଖିଥିବେ ଓ ଏଥିର ବଦଳା ପ୍ରତ୍ୟେକ ବର୍ଷକୁ ଛଅଲକ୍ଷଟଙ୍କା ଅମିରଙ୍କୁ ଦେବେ । ଆମ୍ଭମାନଙ୍କ ବିବେଚନାରେ ଏ ନିୟମରେ ଗବର୍ଣ୍ଣମେଣ୍ଟଙ୍କର ମାନରକ୍ଷା ଓ ମାନସ ସଫଳ ହୋଇଅଛି ଓ ଏଥିରେ ଅମିର ମଧ୍ୟ ସନ୍ତୁଷ୍ଟ ହୋଇଅଛନ୍ତି । ଯାହା ହେଉ କୌଣସିରୂପେ କଳ ଭାଙ୍ଗିବା ଭଲ । ଆଉ ଗୋଟିଏ ବିରକ୍ତିଜନକ ବିଷୟ ଏହି ଯେ ଅମିର କାବୁଲରୁ ଆସିଲାରୁ ତାଙ୍କ ବିମାତାପକ୍ଷୀୟଲୋକେ ସେଠାରେ ବଡ ଗଣ୍ଡଗୋଳ ଓ ଉତ୍ପାତ ଲଗାଇଅଛନ୍ତି । ଏହା ଶୁଣି ଅମିର କାବୁଲକୁ ଫେରି ଯିବାକୁ ଉଦ୍ୟତ ଥିଲେ ମାତ୍ର ଇଂରେଜ କର୍ମଚାରମାନେ ସନ୍ଧିକାର୍ଯ୍ୟ ସମ୍ପୂର୍ଣ୍ଣରୂପେ ଶେଷ ହେବା ପର୍ଯ୍ୟନ୍ତ ତାଙ୍କୁ ଅଟକାଇ ରଖିଲେ । ସନ୍ଧିସ୍ଥାପନ ହେଲେ କାବୁଲର ଅନ୍ତର୍ବିବାଦ ନିବାରଣ ହେବା କେଉଁମାଏ । ତାହା ଅମିରଙ୍କୁ ବଳାଇଲେ ଇଂରେଜଙ୍କୁ ବଳାଇବ ନାହିଁ ।

---

## ଗଡ଼ଜାତର ଜଳକଷ୍ଟ ।

ଆମ୍ଭେମାନେ ଗତ ମୟୂରଭଞ୍ଜ ପତ୍ରିକାରୁ ଅବଗତ ହେଲୁଁ ଯେ ସେଠାର ମହାରାଜା ଆପଣା ଗଡଠାରୁ ବାଲେଶ୍ୱରକୁ ଯେଉଁ ସଡ଼କ ନିର୍ମାଣ କରିଅଛନ୍ତି ତହିଁରେ ଜଳକଷ୍ଟ ନିବାରଣ ସକାଶେ ସଡ଼କ ଦୁଇପାଖରେ ଯେଉଁ ସ୍ଥାନମାନଙ୍କରେ ପୁରାତନ ପୁଷ୍କରିଣୀମାନ ଅଛି ସେସମସ୍ତର ସଂସ୍କରଣ ବିଷୟରେ ମନୋଯୋଗୀ ହୋଇଅଛନ୍ତି । ଅମ୍ଭେମାନେ ଏ ସମ୍ବାଦ ଶୁଣି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ମହାରାଜାଙ୍କର ଦେଶର ସମସ୍ତ ହିତକର କାର୍ଯ୍ୟଠାରୁ ଏହାକୁ ଗୁରୁତର ଜ୍ଞାନ କରୁଁ । କାରଣ ଲୋକଙ୍କର ସୁଖ ସ୍ୱଚ୍ଛନ୍ଦତା ଲୋଡିବା ପୂର୍ବରୁ ପ୍ରାଣରକ୍ଷାର ଉପାୟ କର୍ତ୍ତବ୍ୟ ଯେବେ ଶରୀର ଜୀବନରେ ନ ରହିଲା ତେବେ ସୁଖ ସ୍ୱଚ୍ଛନ୍ଦତା କେଉଁଠାରେ ?

ଗଡ଼ଜାତର ଜଳକଷ୍ଟ କେତେ ଭୟଙ୍କର ତାହା ମୁଗଲବନ୍ଦୀ ଲୋକଙ୍କୁ ଉତ୍ତମରୂପେ ଜଣା ଅଛି କି ନାହିଁ ସନ୍ଦେହ । ମୁଗଲବନ୍ଦୀରେ ନଦୀମାନଙ୍କରେ ଜଣା ହେଉ ପଛକେ ବର୍ଷ ଯାକ ଜଳ ଥାଏ । ଅଳ୍ପମୂଲ୍ୟରେ କୂପ ଖୋଳାଯାଇ

Digitized by srujanika@gmail.com

ପାରେ ବୋଲି ପ୍ରାୟ ଗୃହସ୍ଥମାନଙ୍କେ ଆପଣା୨ ଖଞ୍ଜାରେ ପ୍ରୟୋଜନାରୂପ କୂଅ ଖୋଳାଇ ଥାଅନ୍ତି । ଏପରି ଧାର୍ମିକ ଲୋକେ ଅବଶ୍ୟ ପୁଷ୍କରଣୀମାନ ଖୋଳାଇବାକୁ ନିବୃତ୍ତ ନାହାନ୍ତି । କିନ୍ତୁ ଗଡ଼ଜାତର ଅବସ୍ଥା ଏଥିର ସମ୍ପୂର୍ଣ୍ଣ ବିପରୀତ । ଗଡ଼ଜାତର ନାଳମାନ କେବଳ ବୃଷ୍ଟି ହେବା ସମୟରେ ଜଳପୂର୍ଣ୍ଣ ହୁଅଇ ଓ ଦୁଇ ଏକଦିନ ବର୍ଷା ନ ହେଲେ ଶୁଖିଯାଏ । ପଥୁରିଆମାଟି ଓ ଅନେକ ସ୍ଥାନରେ ପଥର ଥିବା ହେତୁ କୂଅ ଖୋଳାଇବା ସାମାନ୍ୟବ୍ୟୟର କାର୍ଯ୍ୟ ନୁହଇ । ଏଣୁ ରାଜା ଛଡ଼ା ଆଉ ଧନୀ ଲୋକ ଅତି ବିରଳ ସୁତରାଂ ସାଧାରଣ ଉପକାର ନିମିତ୍ତ ପୁଷ୍କରଣୀ ଇତ୍ୟାଦି ଖୋଳାଇ ଦେବା ଲୋକ ନାହାନ୍ତି । ପୂର୍ବେ ରାଜାମାନେ ନାନାସ୍ଥାନରେ ପୁଷ୍କରଣୀମାନ ଖୋଳାଇଥିବାର ଚିହ୍ନ ପାଇଯାଏ କାରଣ ଅନେକ ପୋତା ପୋଖରୀମାନ ଅବଶ୍ୟ ବିଦ୍ୟମାନ ରହିଅଛି ମାତ୍ର ବର୍ତ୍ତମାନର ରାଜାମାନେ ସେ ଧର୍ମକୁ ଏକାବେଳକେ ପାସୋରି ଅଛନ୍ତି ନୂଆ ପୁଷ୍କରଣୀ ଖୋଳାଇବା ଦୂରେ ଥାଉ ଯେତେ୨ ପୁରୁଣା ପୁଷ୍କରଣୀମାନ ଅଛି ତହିଁରୁ କାହାର ପଙ୍କୋଦ୍ଧାର କରି ଲୋକଙ୍କ ବ୍ୟବହାର ଯୋଗ୍ୟ କରିଦେବାର ଦେଖାଯାଉ ନାହିଁ ଜଳ ମନୁଷ୍ୟର ପ୍ରାଣ ଏହି ହେତୁରୁ ତାହାର ଏକ ନାମ ଜୀବନ ହୋଇଅଛି । ଯେଉଁଠାରେ ଜଳର ଅଭାବ ସେଠାରେ ପ୍ରାଣୀ ବଞ୍ଚିବାର ଯେ ଅତୀବ ଅସମ୍ଭବ ଏକଥା ବୋଲିବା ବାହୁଲ୍ୟ । ଆମ୍ଭେମାନେ ଦେଖିଅଛୁଁ ଯେ ଗଡ଼ଜାତର ଏକ୨ ଗ୍ରାମର ଲୋକ ଏକକୋଶ ବା ଦେଢ଼କୋଶ ବାଟରେ ଥିବା ନାଳରୁ ବାଲି ଖୋଳି ପାଣି ବୋହି ଆଣି କାର୍ଯ୍ୟ ନିର୍ବାହ କରନ୍ତି । ସେ ପାଣି ମଧ୍ୟ ଦୋଷ ଶୂନ୍ୟ ନୁହଇ । ଏପ୍ରକାର ଅବସ୍ଥାରେ ଲୋକସଂଖ୍ୟା ବୃଦ୍ଧି ହେବା କୌଣସିରୂପେ ସମ୍ଭବଇ ନାହିଁ । କେବଳ ଇତରଜାତିର ଲୋକମାନେ ଏ ଦାରୁଣ କଷ୍ଟ ସହି ଏକପ୍ରକାରରେ ନିର୍ବାହ କରୁଅଛନ୍ତି ।

ଇଦାନୀଂ ଶୁଣାଯାଏ ଯେ ଏକ୨ ରାଜା କେଲଖାନା ସ୍କୁଲଘର କଚେରୀଘର ବା ପାନ୍ଥଶାଳା ବା ସଡ଼କ ଆପଣା ରାଜଧାନୀରେ ନିର୍ମାଣ କରି ପ୍ରଶଂସାର ଭାଜନ ହେଉଅଛନ୍ତି । ଆମ୍ଭେମାନେ ଏସମସ୍ତକୁ ନିନ୍ଦା କରୁ ନାହୁଁ ମାତ୍ର ଏସବୁ କାର୍ଯ୍ୟରେ ବହୁତର ଟଙ୍କା ବ୍ୟୟ କରିବା ପୂର୍ବେ ପ୍ରଜାମାନଙ୍କର ଜୀବନରକ୍ଷାର ଉପାୟ କରିବା ଉଚିତ ଏହିକଥା ଆମ୍ଭେମାନେ କହୁଅଛୁଁ । ଆଗେ ଲୋକସଂଖ୍ୟା ବୃଦ୍ଧିର ଉପାୟ କରି ପଛେ ସେମାନଙ୍କର ସୁଖସ୍ୱଚ୍ଛନ୍ଦତାର ଉପାୟ ହେବ । ଦୁଃଖର ବିଷୟ ଯେ କୌଣସି ରାଜା ଏପ୍ରକାର ହିତକର କାର୍ଯ୍ୟର ଅନୁଷ୍ଠାନ କରୁ ନାହାନ୍ତି । ପ୍ରଜାଙ୍କଠାରୁ କର ଆଦାୟ କରି କେହି ତାହା ତୀର୍ଥଭ୍ରମଣରେ କେହି ଅନାବଶ୍ୟକୀୟ ଦ୍ରବ୍ୟ କ୍ରୟ କରିବାରେ କେହି ନଗଦ ଟଙ୍କା ଜମା କରିବାରେ କେହି କ୍ଷଣିକ ସୁଖ ଲାଭରେ ଅଥବା କେହି ଦାଣ୍ଡରୁ ଯଶ କିଣି ଆପଣା ଗୌରବ ବର୍ଦ୍ଧନରେ ବ୍ୟୟ କରୁଅଛନ୍ତି ମାତ୍ର ଯେଉଁ ପ୍ରଜାଙ୍କ ହେତୁ ଏସମସ୍ତ କରିବାକୁ ସମର୍ଥ ହେଉଅଛନ୍ତି ତାହାଙ୍କ ଅଭାବ ମୋଚନ ପକ୍ଷରେ କଉଡ଼ିମାତ୍ର ବ୍ୟୟ କରୁ ନାହାନ୍ତି । ଜଳାଶୟମାନ ନିର୍ମାଣ କରିବା ଆମ୍ଭମାନଙ୍କ ପ୍ରାଚୀନ ଧର୍ମାନୁସାରେ ପ୍ରଧାନ କର୍ତ୍ତବ୍ୟକର୍ମ ହେଉଅଛି ଏବଂ ତହିଁର ଉପକାରିତା ଅବଶ୍ୟ ସମ୍ପୂର୍ଣ୍ଣରୂପେ ପ୍ରତ୍ୟକ୍ଷ ହେଉଅଛି କିନ୍ତୁ କି ଦୁଃଖର ବିଷୟ ଯେ କୌଣସି ଗଡ଼ଜାତରାଜାଙ୍କର ଏଥିପକ୍ଷରେ ଦୃଷ୍ଟି ପଡୁ ନାହିଁ । ଆମ୍ଭେମାନେ ରାଜାମାନଙ୍କୁ ଅନୁରୋଧ କରୁଁ ଯେ ସମସ୍ତ କର୍ମ ପଛକୁ ପକାଇ ଅଗ୍ରେ ଆପଣା୨ ରାଜ୍ୟର ପୁରାତନ ପୁଷ୍କରଣୀମାନ ସଂସ୍କାର କରନ୍ତୁ ଏବଂ ନୂତନ କୂପ ଓ ପୁଷ୍କରଣୀ ଖୋଳାଇବାରେ ଯତ୍ନଶୀଳ ହେଉନ୍ତୁ । ଏଥିରେ ସେମାନଙ୍କର ଐହିକ ଓ ପାରତ୍ରିକ ଉଭୟପ୍ରକାରର ମଙ୍ଗଳ ସାଧନ ହେବ ।

---

# ସାପ୍ତାହିକସଂବାଦ ।

ଏନଗରକୁ ଯେଉଁ ଚକ୍ଷୁଚିକିତ୍ସକ ଅସିଅଛି ସେ ବାଲେଶ୍ୱରର ଚକ୍ଷୁଦାତା ଗୋଷ୍ଠୀ । ଏଠାରେ ମଧ୍ୟ ତାହାଠାରୁ ଅନେକ ଲୋକ ପାଉଅଛନ୍ତି ଓ ଯଥେଷ୍ଟ ଅର୍ଥ ଦେଉଅଛନ୍ତି କିନ୍ତୁ କେହି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲଭିବାର ଦେଖା ଯାଉ ନାହିଁ । ତାହା ଚିକିତ୍ସାରେ ବାଲେଶ୍ୱରରେ ଯେପରି କେତେ ଲୋକ ଚକ୍ଷୁ ହରାଇ ବସି ଅଛନ୍ତି ପରଶେଷେ ସେ ପରି ନଘଟେ । ଅତଏବ ସାବଧାନ! ସାବଧାନ!

୧୭ ତାରିଖ ମେ—ପୁନା ହାଇ ସ୍କୁଲ ବଗଡ ମଙ୍ଗଳବାର ରାତ୍ର ୧୦ ଘଣ୍ଟା ସମୟରେ ଅଗ୍ନି ଲାଗି ଭସ୍ମୀଭୂତ ହୋଇ ଯାଇ ଅଛି । ଯେତେବେଳେ ପୁନାସ୍ଥ ସମସ୍ତ ଲୋକ ଏହି ଭୟାବହ ବ୍ୟାପାର ଦେଖି ବ୍ୟସ୍ତ ଥିଲେ; ଏମନ୍ତ ସମୟରେ ବୁଧୱାର ରାଜବାଟୀରେ ଅଗ୍ନି ଲାଗିଲା । ସରକାରୀ କାଗଜପତ୍ରସହ ବୁଧୱାର ରାଜବାଟୀ, ଟଲୋଟ କୋର୍ଟ, ପୋଲିସ ଅଫିସ ମାନ, ଦେଶୀୟ ଲାଇବ୍ରେରୀ ଏବଂ ଗବର୍ଣ୍ଣମେଣ୍ଟଙ୍କ ପୁସ୍ତକାଳୟ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇ ଯାଇଅଛି । ବିଶ୍ରାମ ବାଗ ରାଜବାଟୀ, ଲାଇବ୍ରେରୀ ସରଞ୍ଜାମ ସହିତ ନଷ୍ଟ ହୋଇ ଯାଇ ଅଛି । ଅଦ୍ୟ ସକାଳେ ଫ୍ରି ଚର୍ଚ୍ଚ ସ୍କୁଲରେ ନିଆଁ ଲାଗିଥିଲା କେବଳ ପକାଗୃହଟି ରକ୍ଷା ପାଇ ଅଛି । ଯେଉଁମାନେ ସେ, ସମୁଦାୟରେ ଅଗ୍ନି ସଂଯୋଗ କରିଥିଲେ ସେମାନଙ୍କୁ ଗିରଫ୍ତାର କରି ଯାଉଅଛି ଓ ଏଥି ସକାଶେ ସେଠାରେ ବଡ଼ ଗୋଳମାଳ ଲାଗିଅଛି । ଚତୁର୍ଦ୍ଦିଗସ୍ଥ ଡକାଏତମାନେ ଧୃତ ହୋଇ ନାହାନ୍ତି ।

ରଙ୍ଗୁନର ଚଳିତମାସ ତା ୧୪ ରିଖର ତାରଡାକ ସମ୍ବାଦରୁ ଜଣାଯାଏ ଯେ ବ୍ରହ୍ମଦେଶର ରାଜା କଲିକତାଠାକୁ ମହାମାନ୍ୟ ଲାଟସାହେବଙ୍କ ସହିତ ସନ୍ଧିର ନିୟମମାନ ଧାର୍ଯ୍ୟ କରିବାକାରଣ ଦୂତ ପଠାଇବେ । ଏଠାରେ ଏଥିର ସନ୍ତୋଷଜନକମତେ ବ୍ୟବସ୍ଥା ନ ହେଲେ ରାଜା ବିଲାତକୁ ଦୂତ ପଠାଇବେ । ଯାହା ହେଉ ରାଜାଙ୍କର ସୁବୁଦ୍ଧି ହୋଇଅଛି । ପୁନଶ୍ଚ ଶୁଣିଲୁଁ ରାଜଦୂତ କଲିକତାରେ ପ୍ରବେଶ ହୋଇ ସିମଲାକୁ ଯାଉଅଛନ୍ତି ।

ନ୍ୟୁଜିଲାଣ୍ଡ ଯୁଦ୍ଧସମ୍ପର୍କରେ ବିଶେଷ ସମ୍ବାଦ ନାହିଁ । ଇଂରେଜଙ୍କର ସୈନ୍ୟ ଆଉ ଅଗ୍ରସର ହୋଇ ନାହାନ୍ତି । ବୋୟରମାନେ ପୂର୍ବବତ୍ ଏକ ମେଳ ନ ଥାଇ ବର୍ତ୍ତମାନ ଭିନ୍ନ୨ ହୋଇ ଅଛନ୍ତି । ସେମାନେ ସ୍ୱାଧୀନ ରହିବା ପ୍ରାର୍ଥନାରେ ଆବେଦନପତ୍ର ସର ବାର୍ଟଲ ଫେରିଙ୍କଠାରେ ସମର୍ପଣ କରିଅଛନ୍ତି ମାତ୍ର ସାହେବପ୍ରଶଂସିତ ସେମାନଙ୍କ ପ୍ରାର୍ଥନାର ପୋଷକତା କରିବାକୁ ଅସମ୍ମତ ହୋଇ ଅଛନ୍ତି ।

ହିନ୍ଦୁପେଟ୍ରିଅଟ ଗୋଟିଏ ଆଶ୍ଚର୍ଯ୍ୟ କଥା ପ୍ରକାଶ କରିଅଛନ୍ତି । ବୀରଭୂମଜିଲାର ଅନ୍ତର୍ଗତ ପାପୁରନାମକ ଗ୍ରାମରେ (ଉକ୍ତ ସ୍ଥାନ ବୋଲପୁର ଷ୍ଟେସନଠାରୁ ଆଠମାଇଲ ଦୂର ଅଟେ) ଗୋଟିଏ ଛଅବର୍ଷର ମୁସଲମାନ ବାଳକ ଲୋକମାନଙ୍କୁ ଆଶ୍ଚର୍ଯ୍ୟ ଦେଖାଉଅଛି । ନାନାପ୍ରକାର ପୀଡ଼ାଗ୍ରସ୍ତ ଲୋକେ ସେହି ବାଳକ ନିକଟକୁ ଯାଇ ଔଷଧ ପ୍ରାପ୍ତ ହେଉଅଛନ୍ତି ପ୍ରତିଦିନ ଦୁଇ ତିନିହଜାର ମନୁଷ୍ୟ ତାହା ନିକଟକୁ ଯାଉଅଛନ୍ତି ସେହି ବାଳକ ଗୋଟିଏ ଯଷ୍ଟି ରୋଗିମାନଙ୍କ ଦେହରେ ଛୁଆଁଇ ଦିଏ ଏବଂ ଗଛର ମୂଳ ପତ୍ର ପ୍ରଭୃତି ରୋଗିମାନଙ୍କୁ ଔଷଧସ୍ୱରୂପ ଦିଏ, ଏବଂ ତାହା ଘରପାଖ ପୋଖରୀରେ ସମସ୍ତଙ୍କୁ ସ୍ନାନ କରାଇବାକୁ କହେ । ଆଶ୍ଚର୍ଯ୍ୟ ବାଳକ ଏତେଲୋକ ସମ୍ମୁଖରେ କିଛିମାତ୍ର ଭୟ କରେ ନାହିଁ ।

ଢାକାର ନାଜିର ବଜାରରେ ୧୫୦ କି ୨୦୦ ଗୋଟା ଘର ଚଳିତମାସ ତା୧୧ରିଖରେ ପୋଡିଯାଇଅଛି । ତା୧୩ରିଖରେ ସେଠାରେ ଘୋର ବତାସ ହୋଇ କିଛି ବିଶେଷ କ୍ଷତି କରିଅଛି । ତାକାପ୍ରତି ଅଗ୍ନି ଓ ପବନ ଦୁହିଙ୍କର କୋପ କାହିଁକି ?

୧ । ସୁଲଭସମାଚାରରୁ ଅବଗତ ହେଲୁଁ ଯେ ଗତ ଅପ୍ରେଲମାସ ତା୨୨ରିଖେ ମୁଙ୍ଗେରରେ ଗୋଟିଏ ଅତି ଘୋରତର ହତ୍ୟାକାଣ୍ଡ ହୋଇ ଯାଇଅଛି । ଦୁଇଜଣ ବଙ୍ଗାଳୀ ଯୁବା ଏବଂ ଜଣେ ହିନ୍ଦୁସ୍ଥାନୀ ଫେରିପଣ୍ଡ ବାଟ ନିକଟସ୍ଥ ଏକ ପଡିଆରେ ଶୋଇଥିଲେ । ପ୍ରାତଃକାଳରେ ସେହି ତିନିଜଣ ହତ ଓ ଶୋଣିତାକ୍ତ ଦେଖାଗଲେ । ହତ୍ୟାକାରୀ ଯେଉଁ ଅସ୍ତ୍ରଦ୍ୱାରା ହତ୍ୟା କରିଥିଲା ଘଟନାକ୍ରମେ ତାହା ସେହି ସ୍ଥାନରୁ ମିଳିଅଛି । ସେଠାର ପୁଲିସ ଇନସ୍ପେକ୍ଟର ବାବୁ ମହେନ୍ଦ୍ରନାଥ ଘୋଷାଲଙ୍କ ଯତ୍ନଦ୍ୱାରା ଏହି ହତ୍ୟାକାରୀ ଧୃତ ହୋଇଅଛି । କେଉଁ କାରଣରେ ଏହି ହତ୍ୟାଟି ହୋଇଅଛି ତଦ୍ୱିଷୟରେ ବିଶେଷ ଅନୁସନ୍ଧାନ କରିବାର ଉଚିତ ।

୨ । ସେଦିନ ସେଓ୍ୱାଲଦା ଷ୍ଟେସନରେ ବଡ କୌତୁକାବହ ଘଟନା ହୋଇ ଯାଇଅଛି । ଗାର୍ଥସାହେବଙ୍କର ଜଣେ ଚପରାସୀ ବେଲ ଗୋଟାକ ସମୟରେ ଇଡେନସାହେବଙ୍କ ନାମର ଏକ ଚିଠି ଡାକରେ ପକାଇ ଦେବାକୁ ଯାଉଥିଲା ।

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୯ଶ
ସ ୨୩ ଖ୍ୟା
ତା ୫ ରଖ ମାହେ ଜୁନ ସନ ୧୮୭୫ ମସିହା । ମୂ । ଜ୍ୟେଷ୍ଠ ଦ ୨୬ ନ ସନ ୧୨୮୬ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୦
ମଫସଲପାଇଁ ଡାକମାସୁଲ ଟ୧୧୦

ବଙ୍ଗଲାର ନାନାଜିଲା ଏବଂ ଅନ୍ୟାନ୍ୟ ସ୍ଥାନରୁ ଯେଉଁ ହିନ୍ଦୁ ଛାତ୍ରମାନେ କଲିକତାକୁ ପଢିବାକାରଣ ଗମନ କରନ୍ତି ସେମାନଙ୍କ ବସା ନିମିତ୍ତ ହିନ୍ଦୁଛାତ୍ର ବାସ ନାମରେ ଗୋଟିଏ ଅଟ୍ଟାଳିକା କଲିକତା ନଗର ମଧ୍ୟରେ ନିର୍ମାଣ କରିବା ଅତ୍ୟନ୍ତ ଆବଶ୍ୟକ ବିବେଚନାକରି ଶ୍ରୀଯୁକ୍ତ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏକ ସଭା ଆହ୍ଵାନକରି ଚେନ୍ଦା ସଂଗ୍ରହ କରୁଥିବା ବିଷୟ ଏଥିପୂର୍ବେ ଲେଖିଥିଲୁଁ ଉକ୍ତ ସଭାରୁ ନିଯୁକ୍ତ ହୋଇଥିବା କମିଟୀଙ୍କ ପ୍ରାର୍ଥନାମତେ ଏ ଜିଲାରୁ ଚେନ୍ଦା ସଂଗୃହୀତ ହେବାକାରଣ ଗତ ରବିବାର ଏଠାରେ ସଭା ହୋଇ ପ୍ରାୟ ଟ ୩୦୦୦ ଙ୍କା ଚେନ୍ଦା ସ୍ୱାକ୍ଷରିତ ହୋଇଥିଲା ସଭାରେ ଅତି ଅଳ୍ପଲୋକ ଉପସ୍ଥିତ ଥିଲେ । ଯେଉଁମାନେ ସଭାରେ ଉପସ୍ଥିତ ନ ଥିଲେ ଅଥଚ ଚେନ୍ଦା ଦେବାକୁ ସକ୍ଷମ ସେମାନଙ୍କଠାରୁ ଚେନ୍ଦା ସଂଗ୍ରହ କରିବାସକାଶେ ଏକ କମିଟୀ ନିଯୁକ୍ତ ହୋଇଅଛି ତହିଁର ସଭାପତି ବାବୁ ଅନ୍ନଦାପ୍ରସାଦ ଘୋଷ ଓ ସମ୍ପାଦକ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଅଟନ୍ତି ।

ଏହି ସଭାରେ ବାବୁ ଅନ୍ନଦାପ୍ରସାଦ ଘୋଷ ଶ୍ରୀମତୀ ହାରକେଶ୍ୱରୀଙ୍କ ମୃତ କନ୍ୟା ଏଲାଇଜଙ୍କ ସ୍ମରଣାର୍ଥ ଟ ୨୦୦୦ ଙ୍କା ଚେନ୍ଦା ସଂଗ୍ରହ କଲେ । ଏ ବିଷୟର ଚିଠୀ ବିଲାତରୁ ଭାରତବର୍ଷର ଗବର୍ଣ୍ଣର ଜେନେରଲଙ୍କଦ୍ୱାରା ଆମ୍ଭମାନଙ୍କ କମିଶ୍ନରଙ୍କ ଯୋଗେ ଆସିଥିଲା । ଚେନ୍ଦାଦ୍ୱାରା ଯେତେଟଙ୍କା ସଂଗୃହୀତ ହେବ ତହିଁରେ ହେସିଡେନ୍ସି ନଗରରେ ଗୋଟିଏ ହାସପାତାଲ ନିର୍ମାଣ ହେବ ।

---

ଅନଗୁଳର ତହସିଲଦାର ବାବୁ ନନ୍ଦନ ପଟ୍ଟନାୟକ ମା ୧୫ ସର ଛୁଟୀ ନେଇଅଛନ୍ତି । ତାହାଙ୍କ କର୍ମରେ ଜଣେ ଏକଟିଂ ରହିବ । ଏ କର୍ମର ବେତନ ଉଚ୍ଚ ଥିବାରୁ ଅବଶ୍ୟ କେତେ ଲୋକ ପ୍ରାର୍ଥୀ ହେବେ ମାତ୍ର ଆମ୍ଭେମାନେ ବୁଝୁଅଛୁଁ କି ଯେପ୍ରକାର ଉପଯୁକ୍ତ ଲୋକ ଏ କର୍ମରେ ନିଯୁକ୍ତ ହେବା ବାଞ୍ଛନୀୟ ଅଟେ ସେତଲ ଲୋକ କେହି ପ୍ରାର୍ଥୀ ହେଉ ନାହାନ୍ତି ତହିଁର କାରଣ ଏହି ଯେ ଅନଗୁଳର ଜଳ ବାୟୁ ଭଲ ନୁହଇ ଯେ ବ୍ୟକ୍ତି ସିବ ସେ ପୀଡିତ ହେବ ଏପ୍ରକାର ଅନେକ ଲୋକଙ୍କର ବିଶ୍ୱାସ ଓ ବାସ୍ତବରେ ତାହା ନିତାନ୍ତ ଅମୂଳକ ନୁହଇ । ଏଥିର କିଛି ପ୍ରତିବିଧାନ କରିବା ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କର ନିତାନ୍ତ କର୍ତ୍ତବ୍ୟ ତାହାଙ୍କ ଅଧୀନରେ କନ୍ଦମାଳ ଅନଗୁଳ ଓ ବାଙ୍କି ଏପରି ତିନୋଟି ତହସିଲଦାରୀ ଅଛି । କନ୍ଦମାଳ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଅନଗୁଳ ତହୁଁ ଊଣା ହେଲେ ମଧ୍ୟ ସ୍ୱାସ୍ଥ୍ୟକର ନୁହଇ ଓ ବାଙ୍କି ସ୍ୱାସ୍ଥ୍ୟକର ଅଟଇ । କାର୍ଯ୍ୟରେ ତାରତମ୍ୟ ଅଛି । ଅଥଚ ତିନିସ୍ଥାନର ବେତନ ସମାନ । ଏ ବନ୍ଦୋବସ୍ତ ଭଲ ହୋଇ ନାହିଁ କିନ୍ତୁ କେବଳ ବେତନ ବଢାଇ ଦେଲେ ଯେ କନ୍ଦମାଳ ଓ ଅନଗୁଳ ସକାଶେ ଭଲଲୋକ ମିଳିବେ ଏହା ମଧ୍ୟ ସମ୍ଭବ ନୁହଇ କାରଣ ଯେ ବ୍ୟକ୍ତି ଦୁଇଶ ଟଙ୍କାକୁ ଘେନିବ ନାହିଁ ତାହାପକ୍ଷରେ ଆଉ ଶ ୧ ପଚାଶ ବଡ଼ କଥା ନୁହଇ । ଅତଏବ ଆମ୍ଭେମାନେ ବିବେଚନା କରୁଁ ଯେ ଉପରଲିଖିତ ତିନିସ୍ଥାନର ତହସିଲଦାରଙ୍କର ତିନିବର୍ଷରେ ଥରେ ଲେଖାଏ ବଦଳୀର ନିୟମ କରିବା ଉଚିତ ଏପରି ହେଲେ କୌଣସି ତହସିଲଦାର ଏକାବେଳକେ ତିନିବର୍ଷରୁ ଅଧିକ କାଳ ଏକ ଅସ୍ୱାସ୍ଥ୍ୟକର ସ୍ଥାନରେ ରହିବ ନାହିଁ ଓ ତିନିବର୍ଷ ଉତ୍ତାରୁ ତିନିବର୍ଷ ସ୍ୱାସ୍ଥ୍ୟକର ସ୍ଥାନରେ ରହି ଆପଣାର ଶାରୀରିକ ଅବସ୍ଥା ମଧ୍ୟ ଭଲ କରି ନେଇପାରିବ । ଏକ ବ୍ୟକ୍ତିକୁ ଅଧିକ କାଳ ମନ୍ଦସ୍ଥାନରେ ପକାଇ ରଖିବା ଗବର୍ଣ୍ଣମେଣ୍ଟଙ୍କର ନିଷ୍ଠୁରତା ଅଟଇ ସୁତରାଂ ଏଥିର ପ୍ରତିବିଧାନ ଆବଶ୍ୟକ ।

ଏପରି ନିୟମ ହେଲେ ବେତନବୃଦ୍ଧି ସ୍ଥାନ ବିବେଚନାରେ ନ ହୋଇ ଦୀର୍ଘକାଳ ଶ୍ରେଣୀ ଦୃଷ୍ଟିରେ ହେବାର ଉଚିତ । ଯେମନ୍ତ କେତେକ ମହକୁମାରେ ଏକବର୍ଷ ବା ଦୁଇବର୍ଷ ଉତ୍ତାରୁ କର୍ମକାରମାନଙ୍କର କିଛି୨ ବେତନ ବଢାଇବାର ନିୟମ ଅଛି ସେହିପରି ତହସିଲଦାରଙ୍କର ବେତନ ବୃଦ୍ଧିର ନିୟମ ହେଲେ ଉପଯୁକ୍ତ ଲୋକମାନେ ତହସିଲଦାରୀ ପଦପଦକୁ ଆକୃଷ୍ଟ ହେବେ ଓ ଜଳ ବାୟୁର ବାଧା ବର୍ତ୍ତମାନ ପରି ବୋଧ ହେବ ନାହିଁ ।

---

Digitized by srujanika@gmail.com

## ବମ୍ବେ ଡକାୟତି ।

ବମ୍ବେ ବିଭାଗ ଅନ୍ତର୍ଗତ ପୁନା ଜିଲାର ଡକାୟତି ଓ ଘରପୋଡ଼ର ସଂକ୍ଷେପ ସମ୍ବାଦ ଆମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଏ ଡକାୟତି କ୍ରମେ ଭୟଙ୍କର ହୋଇଉଠିଲା ଓ ଡକାୟତମାନେ କି ଧନୀ କି ଗରିବ ଲୋକମାନଙ୍କର ଘର ଲୁଟିବାରେ ରହିଲେ ଓ ଏଥିରେ ସନ୍ତୁଷ୍ଟ ନ ହୋଇ ଘରପୋଡ଼ିବା ଆରମ୍ଭ କଲେ । ଏ ଡକାୟତମାନଙ୍କ ମଧ୍ୟରେ କେତେକ ଶିକ୍ଷିତ ଓ ଭଦ୍ରବ୍ୟକ୍ତି ମଧ୍ୟ ଅଛନ୍ତି ସେମାନେ ସରଦାର ହୋଇଅଛନ୍ତି । ପୁଲିସ ସେମାନଙ୍କୁ ଦମନ କରିବାରେ ଅପାରଗ ହେବାରୁ ପଲ୍‌ଟନର ସାହାଯ୍ୟ ନିଆ ହୋଇଅଛି କିନ୍ତୁ ଡକାୟତମାନେ ଭୀତ ନ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ଡରାଇବା କାରଣ ଘୋଷଣାପତ୍ର ପ୍ରଚାର କରୁଅଛନ୍ତି । ତହିଁର ମର୍ମ ନିମ୍ନଲିଖିତ ପ୍ରକାରଅଟଇ । ଯଥା;—

### ବମ୍ବେ ଗବର୍ଣ୍ଣମେଣ୍ଟ ପ୍ରତି ଆବେ ।

ଆମ୍ଭେମାନେ ବଡ଼ ନାୟକର ଦଳଭୁକ୍ତ ବ୍ୟକ୍ତି ଅଟୁଁ । ନିକଟବର୍ତ୍ତୀ ଗ୍ରାମମାନ ଲୁଟି ବର୍ତ୍ତମାନ ପୁନା ନଗରକୁ ଆସିଅଛୁଁ କେଣେ ତୁମ୍ଭର ସୈନ୍ୟ ଆମ୍ଭମାନଙ୍କୁ ଖୋଜୁ ଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଦେଉଅଛୁଁ ଯେ ଏ ବର୍ଷ ଯଥେଷ୍ଟ ଶସ୍ୟ ହୋଇଥିଲେହେଁ ଦୁର୍ଭିକ୍ଷ ଭାବରେ ଖାଦ୍ୟସାମଗ୍ରୀ ବିକ୍ରୟ ହେଉଅଛି । ଧନୀବ୍ୟକ୍ତିଙ୍କୁ ଛାଡ଼ି ମରହଟ୍ଟା ଦେଶର ସମସ୍ତ ଲୋକେ "ରୋଜଗାର" ନ ପାଇବାରୁ ଅତି ଦୁରବସ୍ଥାରେ ଅଛନ୍ତି ଓ ମଧ୍ୟ ଗବର୍ଣ୍ଣମେଣ୍ଟ ସେମାନଙ୍କର ସର୍ବସ୍ୱ ହରି ନେଇ ସେମାନଙ୍କୁ କଙ୍ଗାଳ କରିଅଛନ୍ତି । ଗବର୍ଣ୍ଣମେଣ୍ଟ କେବଳ ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିଙ୍କୁ କର୍ମ ଯୋଗାଇ ଅଛନ୍ତି, ଅବଶିଷ୍ଟ ଲୋକେ ଅନାହାରରେ ମରୁ ଅଛନ୍ତି କିମ୍ବା ଡକାୟତ ହେଉଅଛନ୍ତି । ଜ୍ୟୋତିଷମାନେ କହନ୍ତି ଆଗାମୀ ବର୍ଷ ଭାରି ଦୁର୍ଭିକ୍ଷ ପଡ଼ିବ, ଏ ସ୍ଥଳେ ଗବର୍ଣ୍ଣମେଣ୍ଟ ବେରୋଜଗାରମାନଙ୍କୁ ରୋଜଗାର ବା କର୍ମ ନ ଯୋଗାଇଲେ, ବ୍ୟାପାର ବାଣିଜ୍ୟର ସୁବିଧା କରି ନ ଦେଲେ ଇଂରେଜ କର୍ମଚାରୀମାନଙ୍କର ଉଚ୍ଚ ବେତନକୁ ଊଣ ନ କଲେ, ଆମ୍ଭମାନଙ୍କୁ କର୍ମ ବା ଆହାର ନ ଯୋଗାଇଲେ ଆମ୍ଭେମାନେ ଲୁଟ କରିବାରୁ କ୍ଷାନ୍ତ ନ ହେବୁଁ ବରଂ ଇଂରେଜମାନଙ୍କର ଘର ଲୁଟିବୁଁ । ଆମ୍ଭେମାନେ ଯେତେ ଧନ ସଂଗ୍ରହ କରୁଅଛୁଁ ତଦ୍ୱାରା ସାହସିକ ଅନୁଚରଗଣ ସମବେତ କରି ଅବିଲମ୍ବନ ଓ ଇଂରେଜମାନଙ୍କୁ ବଧ କରିବୁଁ । ଗବର୍ଣ୍ଣର ସାହେବ ଆମ୍ଭମାନଙ୍କ କଥା ନ ଶୁଣିଲେ ତାଙ୍କର ପ୍ରାଣ ନେବୁଁ । ଜଜ ସାହେବ ଦୁଃଖୀ ବ୍ୟକ୍ତିଙ୍କୁ ଦଣ୍ଡ ଦେଇଥିବାରୁ ତାଙ୍କୁ ଫାଶୀ ଦେବୁଁ । ପୁଲିସ ଡକାୟତମାନଙ୍କ ସମ୍ମୁଖବର୍ତ୍ତୀ ହୋଇ ନ ପାରି କେତେକ ନିର୍ଦ୍ଦୋଷୀ ବ୍ୟକ୍ତିଙ୍କୁ ଧରି ଅଛନ୍ତି । ଆଗାମୀ ବର୍ଷ ଦୁର୍ଭିକ୍ଷ ପଡ଼ିଲେ ପ୍ରାୟ ସମସ୍ତେ ଅନାହାରରେ ମରିବେ କିମ୍ବା ପ୍ରାଣ ରକ୍ଷା ପାଇଁ ଆମ୍ଭମାନଙ୍କ ପରି ଅବଲମ୍ବନ କରିବେ । ଏହି ପ୍ରକାରରେ ଆମ୍ଭମାନଙ୍କର ଦଳ ବୃଦ୍ଧି ହେବ । ଏକଦଳରେ ଶହେରୁ ସହସ୍ର ପର୍ଯ୍ୟନ୍ତ ରହିବେ ଏହି ପ୍ରକାରରେ ଦଳ ଦଳ ହୋଇ ଚତୁର୍ଦ୍ଦିଗ ଉଚ୍ଛନ୍ନ କରିବୁଁ ଓ ମଧ୍ୟ ସମସ୍ତେ ମିଶି ବିଦ୍ରୋହ ଜାତ କରାଇବୁଁ ତୁମ୍ଭର ସୈନ୍ୟ ଏକଦଳକୁ ଦମନ କଲେ ଅନ୍ୟଦଳ ଅନ୍ୟ ଦିଗରେ ବାହାରିବେ । ହେ ଲାଟ ସାହେବ ! ଶିବାଜିଙ୍କର କାଣ୍ଡକୁ ମନେ କରି ସାବଧାନ ହୁଅ ଓ ଲୋକମାନଙ୍କୁ ରୋଜଗାର ବା ଆହାର ଦିଅ ନଚେତ୍ ତୁମ୍ଭଙ୍କୁ ନରକକୁ ପଠାଇ ଦେବୁଁ । ତୁମ୍ଭର ମୁଣ୍ଡ ଆଣିଦେବା ନିମନ୍ତେ ସହସ୍ରେ ଟଙ୍କା ପୁରସ୍କାର ଯାଚିଅଛୁଁ । ଯଦ୍ୟପି ତୁମ୍ଭେ ଆମ୍ଭ କଥା ନ ଶୁଣ ଅବା ନିରୂପିତ ସମୟରେ ମଗ୍ ନ ପଡ଼ ତେବେ ତୁମ୍ଭର ବଧ ପାଇଁ ଅନ୍ୟ ସମୟ ନିରୂପିତ ହେବ । ଏଥିର ପ୍ରତିଲିପି ପୁନାର କଲେକ୍ଟର, ଗବର୍ଣ୍ଣର ଓ ସମ୍ପାଦକମାନଙ୍କଠାକୁ ପଠାଇ ଅଛୁଁ ଇତି ।

ଏ ଘୋଷଣା ପ୍ରକାଶ ହିତାରୁ ମରହଟ୍ଟା ସମୟର ଦୁଇଗୋଟି ରାଜବାଟି ଓ ସରକାରୀ ପୁସ୍ତକାଳୟ ପଣ୍ଡାଘର ଇତ୍ୟାଦ ଅଗ୍ନିସାତ୍ ହେଲା । ଜ ୨୦୦ ଣ ଶସ୍ତ୍ରଧାରୀ ଡକାଏତ ରାଓବାହାଦୁର ପୂର୍ବ ଦେୱାନ ଗଣେଶ ପନ୍ତଙ୍କ ଘରେ ପଶି କେତେ ଜଣ ପ୍ରହରୀଙ୍କୁ ପ୍ରାଣରେ ମାରି ଟ ୭୫୦୦୦ଙ୍କା ମୂଲ୍ୟର ସମ୍ପତ୍ତି ଘେନି ଗଲେ । ଗୃହସ୍ଥ ବ୍ୟକ୍ତିମାନେ ମଧ୍ୟ ଆଘାତ ପ୍ରାପ୍ତ ହୋଇଅଛନ୍ତି । ଏହି ପ୍ରକାରରେ ଡକାଏତମାନେ ଅନେକ ଧନୀବ୍ୟକ୍ତିଙ୍କର ଘର ଲୁଟି ଲକ୍ଷ ଟଙ୍କା ସଞ୍ଚୟ କରିଅଛନ୍ତି ଏବଂ ଲୋକମାନଙ୍କର ଘର ଓ ସରକାରୀ କଚେରୀ ଓ ରାଜବାଟିମାନ ପୋଡ଼ି ଅନେକ ଦ୍ରବ୍ୟ ନଷ୍ଟ କରିଅଛନ୍ତି ଏଥିରେ ଲୋକେ ବଡ଼ କାତର ଅଛନ୍ତି । ସେମାନେ କୌଣସିଠାରେ ସମୁଦାୟ ଗ୍ରାମ ଲୁଟି ନେଉଅଛନ୍ତି ଓ ଏତେ ସାହସୀ ହୋଇଅଛନ୍ତି ଯେ ଦିନବେଳେ ସୁଦ୍ଧା କୌଣସିଠାରେ ଡକାୟତି କରୁଅଛନ୍ତି । ଏସବୁର ବିସ୍ତାରିତ ବିବରଣ ସ୍ଥାନାଭାବ ହେତୁ ଲେଖି ନ ପାରିଲୁଁ ।

ଗବର୍ଣ୍ଣମେଣ୍ଟ କି ଛାର ନେତ୍ର ଡକାଏତଙ୍କ ଡମକାଣରେ ଡମକିବେ ? ସେମାନଙ୍କୁ ଶାସିତ କରିବାରେ କି ସକ୍ଷମ ନ ହେବେ ? ଡକାଏତଙ୍କୁ ଦମନ କରିବାର ଯଥାର୍ଥ ଉପାୟ ହେଉଅଛି ଓ ମଧ୍ୟ କେତେଦୂର ସଫଳ ହୋଇଅଛି । ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ମେଜର ଡାନିୟଲ ସାହେବ ଗୋଟିଏ ଜଣ ଡକାଏତଙ୍କୁ ଆକ୍ରମଣ କରି ସେମାନଙ୍କର ସରଦାର ଦୋଓଲତ ରାଓ ଓ ଅନ୍ୟ ଜ ୪ ଣଙ୍କୁ ହତ ଓ ଅନେକଙ୍କୁ ଆହତ ଓ ଜ ୪ ଣଙ୍କୁ ଧୃତ କରିଅଛନ୍ତି ଓ ଲକ୍ଷେ ଟଙ୍କାର ଲୁଣ୍ଠିତ ଦ୍ରବ୍ୟ ପ୍ରାପ୍ତ ହୋଇଅଛନ୍ତି । ଏ ଆକ୍ରମଣରେ ଜ ୩ ଣ କନଷ୍ଟବଲ ଆଘାତ ପାଇଅଛନ୍ତି । ଏହି ପ୍ରକାରରେ ପୁଲିସ ଓ ପଲଟନର ଯତ୍ନରେ ଆଉ କେତେକ ଡକାଏତ ମଗ୍ ପଡ଼ିଅଛନ୍ତି ଓ କେତେକ ଧୃତପଡ଼ ଦୋଷ ସ୍ପର୍ଦ୍ଦ ହୋଇଅଛନ୍ତି ଓ କେତେକ ଛଦ୍ମବେଶ ହୋଇ ପଳାଇଅଛନ୍ତି । ଦୋଷ ସ୍ପର୍ଦ୍ଦ ବ୍ୟକ୍ତିଙ୍କ ମଧ୍ୟରେ ହରନାୟକ ଓ ଅନ୍ୟ କେତେକ ସରଦାର ଅଛନ୍ତି । କେତେକ ବ୍ରାହ୍ମଣ ଧୃତପଡ଼ ଘରପୋଡ଼ା ସ୍ୱୀକାର କରିଅଛନ୍ତି । ଏ ଅପରାଧରେ କେତେକ ବ୍ୟକ୍ତି ଦୋଷ ସ୍ପର୍ଦ୍ଦ ହୋଇଅଛନ୍ତି । ହରନାୟକ ଅନେକ ଡକାଏତି କରିଥିବାର ନିଜେ ସ୍ୱୀକାର କରିଅଛି । ଧୃତ ଘରପୋଡ଼ାଙ୍କ ଜବାବରୁ ଜଣାଯାଏ ଯେ ସେମାନେ କେରୋସାଇନ ତେଲ ଯୋଗେ କୋଠାଘରମାନ ପୋଡ଼ି ଦେଇଅଛନ୍ତି । କଚେରୀଘରେ ସିନ୍ଧରେ ପ୍ରବେଶ ହୋଇ କାଗଜ ଇତ୍ୟାଦ ଡ୍ରବର ଭିତରେ ଅନେକ କେରୋସାଇନ ତେଲ ଢାଳି ନିଆଁ ଲଗାଇଲେ, ତାହା ଜଳିବାରୁ ଗୃହରେ ନିଆଁ ଧରିଲା । ପୁନାର ଲୋକେ ନାଗ ହେବା ପାଇଁ କାହିଁକି ଏତେ ଦୁଷ୍କର୍ମରେ ପ୍ରବୃତ୍ତ ହୋଇଅଛନ୍ତି । ଆମ୍ଭେମାନେ ଭରସାକରୁଁ ଡକାଏତମାନେ ବହୁତ ଦଣ୍ଡ ପାଇଁ ଅବିଳମ୍ବେ ଶାସିତ ହେବେ ଓ ପୁନାରେ ଶାନ୍ତି ବଜାୟ କରିବ ।

---

## ସରକାରୀ ଜୁଲମ ।

"ଜୁଲମ ନ ହେଲେ ସରକାରୀ କର୍ମ ଚଳଇ ନାହିଁ" ଏ କଥା ଏଠା ଜଏଣ୍ଟମେଜିଷ୍ଟ୍ରର ଗ୍ଲାସ୍ଟୁଡ ହାଣ୍ଡଲ ସାହେବ କହିଥିବା ପ୍ରସଙ୍ଗ ପୂର୍ବ

Split by PDF Splitter
Digitized by srujanika@gmail.com

ସ୍ପ୍ରାଇଟରେ ସର୍ଗେ ଅତ୍ୟାଚାର ପ୍ରସ୍ତାବରେ ଉଲ୍ଲେଖ କରିଥିଲୁଁ । ତଦ୍ବିଷୟରେ ଆମ୍ଭମାନଙ୍କର ଆଉ ଯେ ମନ୍ତବ୍ୟ ଥିଲା ତାହା ବର୍ତ୍ତମାନ ପ୍ରକାଶ କରୁଅଛୁଁ । ଯେତେବେଳେ ଜଏଣ୍ଟ-ମେଜିଷ୍ଟ୍ରେଟ କହିଲେ ଏ ମକଦ୍ଦମାରେ କିଛି ଜୁଲମ ହୋଇଅଛି ମାତ୍ର ବେଶୀ ନୁହେ ସେତେବେଳେ ବାଦୀ ଉତ୍ତର କଲେ ହଜୁର ଜୁଲୁମ ସ୍ୱୀକାର କଲେ ମାତ୍ର ତହିଁର ପ୍ରତୀକାର କରୁ ନାହାନ୍ତି । ତହୁଁ ସାହେବ କହିଲେ ସରକାରୀ କର୍ମପାଇଁ ଜୁଲମ ହୋଇଅଛି ଓ ପଲଟନ ଗଲା ବେଳେ ଏହିପରି ଅନେକ ଗାଡ଼ି କୁଲି ବେହେରା ବଲପୂର୍ବକ ଧରାଯାଏ । ଆମ୍ଭେମାନେ କହୁଁ କୌଣସି ସମୟରେ କାହାରିକୁ ବଲପୂର୍ବକ ଶ୍ରମ କରାଇବାର ଦୋଷ ଅଟେ ଓ ଏହେତୁ ଦଣ୍ଡବିଧି ଆଇନରେ ତହିଁର ଦଣ୍ଡ ବିଧାନ ହୋଇଅଛି । ତେବେ ପଲଟନ ଯିବା ଆସିବା ସମୟରେ ଏ ଦୋଷ ଛେଡ଼େ ଧର୍ତ୍ତବ୍ୟ ନୁହେ କାରଣ ପଲ-ଟନ ସଙ୍ଗେ ଏଠା ଲୋକେ ଯିବାକୁ ଭୟ କରନ୍ତି ଗାଡ଼ିବାନ୍ କୁଲି ଇତ୍ୟାଦିମାନେ ଅଜ୍ଞ ଓ ଭୀରୁ ଅଟନ୍ତି । ସେମାନଙ୍କର ଆଶଙ୍କା ଏହି ଯେ ପଲଟନ ସଙ୍ଗରେ ଗଲେ କାଳେ ଦେଶାନ୍ତରିତ ହେବାକୁ ପଡ଼ିବ କିମ୍ବା ରଣଭୂମିରେ ପ୍ରାଣ ଯିବ ଏହି ଭୟରେ ସେମାନେ ପଲଟନ ଯିବା କଥା ଶୁଣିଲା ମାତ୍ରକେ ଗାଡ଼ି ବଳଦ ଲୁଚାନ୍ତି ଓ ଆପେ ଲୁଚି ବୁଲନ୍ତି ଓ ନିୟମିତ ମୂଲ ଅପେକ୍ଷା ଅଧିକ ଯାଚିଲେହେଁ ସେମାନେ ଯିବାକୁ ଇଚ୍ଛୁକ ହୁଅନ୍ତି ନାହିଁ । ଏ ସ୍ଥଳେ ବଳ ନ ଚଳାଇଲେ ସରକାରୀ କର୍ମ ଚଳିବ, ଏହେତୁ ପଲଟନ ଗତାଗତ ସମୟରେ ବଲେ କୁଲି ଇତ୍ୟାଦି ଧରିବା ଗୋ-ଟିଏ ଆଇନଦ୍ୱାରା ବିଧିବଦ୍ଧ ହୋଇଅଛି । ତଥାଚ ଭଲ କର୍ମଚାରୀମାନେ ଦୁଃଖୀ ଗାଡ଼ିବାନଙ୍କ ପ୍ରତି ତାଦୃଶ କଠିନ ବ୍ୟବହାର କରନ୍ତି ନାହିଁ । ଆଉ କାହା କଥା ଦୂରରେ ଥାଉ ବିମସ୍ ସାହେ-ବଙ୍କ ପରି ପ୍ରତାପଶାଳୀ ମେଜିଷ୍ଟ୍ରେଟ ସେମାନଙ୍କ ପ୍ରତି ସୁବିଚାର କରିଅଛନ୍ତି । ସେ ଏଠାରେ ଥିବା ସମୟରେ ପଲଟନ ଥରେ ଦକ୍ଷିଣ ପର୍ଯ୍ୟନ୍ତ ଗାଡ଼ି ଚାହିଁଥିଲେ ଗାଡ଼ିବାନ୍‌ମାନେ ସେ ପର୍ଯ୍ୟନ୍ତ ଯିବାକୁ ଅନିଚ୍ଛୁକ ହେବାରୁ ବିମସ୍ ସାହେବ ସେମାନଙ୍କୁ ନ ବଲାଇ ପଲଟନକୁ ମନା କରି ଦେଲେ । ତହୁଁ ଅନ୍ୟ ବନ୍ଦୋବସ୍ତ ହେଲା ।

ସେ ଯାହାହେଉ ପଲଟନ ଯିବା ଓ କେତେକ ଅମିନ ମଫସଲରୁ କଟକ ଆସିବା ଏ ଦୁଇକଥା ମଧ୍ୟରେ ଅନେକ ଅନ୍ତର । ପୁଣି ପଲଟନ ଯିବା ସମୟରେ ବ୍ୟବସାୟୀ ଗାଡ଼ିବାଲାମାନଙ୍କୁ ଧରାଯାଏ । କେହି ଭଦ୍ରଲୋକ ଗାଡ଼ିରେ କୌଣସି-ଠାକୁ ଯାଉଥିଲେ ତାଙ୍କୁ ଗାଡ଼ିରୁ ଉଠାଇ ଦେଇ ତାହାର ଗାଡ଼ିକୁ ବଲପୂର୍ବକ ଧରିବାର କଦାପି ଶୁଣା ଯାଇ ନାହିଁ । କିନ୍ତୁ କେତେକ ସାମାନ୍ୟ ଆମିନ କୁଲିଆରୁ କଟକ ଆସିବାପାଇଁ ଏହା ହେଲା ଓ ଜଏଣ୍ଟ ମେଜିଷ୍ଟ୍ରେଟଙ୍କ ବିଚାରରେ ତହିଁରେ କିଛି ଦୋଷ ନ ଘଟିଲା । କୁଲିଆ କଟକରୁ କେବଳ ୧୮ ମାଇଲ ଅନ୍ତର ସେ-ଠାରୁ ଏଠାକୁ ଗାଡ଼ି ଇତ୍ୟାଦି ସର୍ବଦା ଗତାୟାତ ହେଉଅଛି । ସେ ଅଞ୍ଚଳରେ ଗାଡ଼ି ଅପ୍ରାପ୍ତ ନୁହଇ ଅମିନମାନେ ସମୁଚିତ କେରାୟା ଯାଚି ଗାଡ଼ି ଅନ୍ୱେଷଣ କରିଥିଲେ ଅବଶ୍ୟ ପାଇ-ଥାନ୍ତେ । ଆସାମିମାନେ ଆଠଖଣ୍ଡ ଗାଡ଼ି ପାଇ ଥିବାର ସ୍ୱୀକାର କରିଅଛନ୍ତି ଚେଷ୍ଟା କରିଥିଲେ କି ଆଉ ଖଣ୍ଡେ ପାଇ ନ ଥାନ୍ତେ ? ଗାଡ଼ି ନ ପାଇଥିଲେ କୁଲି ପାଇଥାନ୍ତେ ଓ କୁଲିଦ୍ୱାରା ସେମାନଙ୍କ ବୋଝ ଇତ୍ୟାଦି ସହଜରେ ଆସି ଥାନ୍ତା । ଆସାମିମାନେ ଏପରି ଚେଷ୍ଟା କରି ନିଷ୍ଫଳ ହୋଇଥିବାର ଜବାବରେ କହି ନାହାନ୍ତି ତଥାଚ ସେମାନେ ଏକ ଭଦ୍ରପଥିକର ଗାଡ଼ିକୁ ବାଟରେ ଧରି ବଲପୂର୍ବକ ସେ ଭଦ୍ରଲୋକ ଓ ତାହାର ସାମଗ୍ରୀ ସବୁ ଗାଡ଼ିରୁ ବାହାର କରି ଗାଡ଼ିକୁ ଘେନି ଗଲେ ଓ ତାହା ଜଏଣ୍ଟମେଜି-ଷ୍ଟ୍ରେଟଙ୍କ ବିଚାରରେ କୌଣସି ଅପରାଧ ନ ହୋଇ ସରକାରୀ କର୍ମ ଉପଲକ୍ଷରେ ଆବଶ୍ୟକ ଓ ଉଚିତ ବୋଧ ହେଲା !! ହାଣ୍ଡଲସାହେବ ନିଜେ ଗାଡ଼ି ବା ବଗିରେ କୌଣସି ସ୍ଥାନକୁ ଯାଉ ଥାନ୍ତେ ପଥରେ କେହି ସରକାରୀ କର୍ମ ସକାଶେ ତାଙ୍କୁ ଗାଡ଼ିରୁ ବାହାର କରି ଦେଇ ତାଙ୍କ ଗାଡ଼ିକୁ ବଲପୂର୍ବକ ଘେନି ଯାନ୍ତା । ସାହେବ ମହୋଦୟ କେତେ କଷ୍ଟରେ ପଡ଼ନ୍ତେ ତାହା ତାଙ୍କ ମନ ଜାଣନ୍ତା । ସେତେବେଳେ କି ସେ ଏ ପ୍ରକାର ଭାବ ପ୍ରକାଶ କରନ୍ତେ ଅର୍ଥାତ୍ ସରକାରୀ କର୍ମ ସକାଶେ ଜୁଲମରେ କିଛି ଦୋଷ ନାହିଁ ?

ବିନା ଜୁଲମରେ ସରକାରୀ କର୍ମ ଚଳି ନ ପାରେ ହାଣ୍ଡଲ ସାହେବଙ୍କର ଏପରି ସଂସ୍କାର ଅତି ଭ୍ରମଯୁକ୍ତ ଅଟେ । ଯଦ୍ୟପି ଅନ୍ୟର କର୍ମ ଅତ୍ୟାଚାର ବ୍ୟତିରେକେ ଚଳଇ ଓ କେହି ଅତ୍ୟାଚାର କଲେ ଦଣ୍ଡନୀୟ ହୁଅଇ ତେବେ ସରକାରୀ କର୍ମ କାହିଁକି ବିନା ଅତ୍ୟାଚାରରେ ଚଳିବ ନାହିଁ ଓ କେହି କର୍ମଚାରୀ ଅତ୍ୟାଚାର କଲେ କାହିଁକି ଦଣ୍ଡନୀୟ ହେବ ନାହିଁ ? ସର-କାର କଉଡ଼ି ଦେବାରେ କାତର ନୁହନ୍ତି ବରଂ ସାଧାରଣ ଲୋକଙ୍କ ଅପେକ୍ଷା ଅଧିକ କଉଡ଼ି ଦିଅନ୍ତି । ସରକାରୀ ନାଲ ଓ ବାରିକପାଷ୍ଟଘର ଅନ୍ୟାନ୍ୟ କର୍ମରେ ଅଧିକ ମୂଲ ମିଳୁଥିବାରୁ ମୂଲିଆମାନେ ଆଗ୍ରହପୂର୍ବକ ସେ କାର୍ଯ୍ୟମାନ ଲୋଡ଼ୁଅଛନ୍ତି । ଏହି ହେତୁ ପୂର୍ବାପେକ୍ଷା ବର୍ତ୍ତମାନ ମୂଲିଆଙ୍କ ମୂଲ ଅନେକ ବୃଦ୍ଧି ହୋଇଅଛି ଓ ଅନ୍ୟଲୋକ ମୂଲିଆଟିଏ ପାଇବାର କଠିନ । କେବଳ ସରକାରୀ କ୍ଷୁଦ୍ର କର୍ମଚାରୀମାନେ ବୃଥା ଅହଂକାରପୂର୍ବକ ଆପଣାକୁ ବଡ଼ ମନେ କରନ୍ତି ଅପରଙ୍କୁ ଆଧିପତ୍ୟ ଦେଖାଇବା ଓ କିଛି ଲାଭ କରିବାକୁ ଚାହାନ୍ତି । ଏ ଘେନି ସେମାନେ ଅତ୍ୟାଚାର କରନ୍ତି । ନଚେତ୍ ସରକାରୀ କର୍ମ ହେତୁ ଅତ୍ୟାଚାର ଆବଶ୍ୟକ ହୁଏ ନାହିଁ । ଯଦି ବାସ୍ତବରେ ଆବଶ୍ୟକ ଥାନ୍ତା ତେବେ ତହିଁପାଇଁ ଦଣ୍ଡବିଧି ଆଇନରେ ବର୍ଜିତ ବିଧାନ ହୋଇଥାନ୍ତା । ଏହା ନ ହୋଇ ତହିଁର ଦଣ୍ଡ-ବିଧାନ ଅଛି ହାଣ୍ଡଲ ସାହେବ ବର୍ତ୍ତମାନ ବର୍ଜିତ ବିଧାନ କରି ନ ପାରନ୍ତି । ସର୍କାରଙ୍କର ନିୟମ ଅନୁସାରେ ବିବେଚନା ପୂର୍ବକ ଚଳିଲେ ସର-କାରୀ କର୍ମ ସକାଶେ କଦାପି ଜୁଲମ ଆବଶ୍ୟକ ହେବ ନାହିଁ ଓ ହେଲେ ତାହା ଦୋଷ । ବିଚାରପତିଙ୍କ ସମ୍ମୁଖରେ ରାଜା ପ୍ରଜା ଉଭୟ ସମାନ ! ସରକାରୀ କର୍ମରେ ଅତ୍ୟାଚାର ହେଲେ ତାହା ଅପରାଧସ୍ୱରୂପ ନ ଘେନି ଓ ଅତ୍ୟାଚାର ଆବଶ୍ୟକ ବୋଲି ବିଚାରାଳୟରେ ବ୍ୟକ୍ତ କରିବା ବିଚାରପତି ବିଶେଷତଃ ବାରିଷ୍ଟର ବିଚାରପତିଙ୍କ ପକ୍ଷରେ ବଡ଼ ନିନ୍ଦନୀୟ ଅଟଇ । ଏଥିରେ ଅତ୍ୟାଚାରୀମାନେ ଉତ୍ସାହ ପାଇବାର ସମ୍ଭବ ଏହେତୁ ଆମ୍ଭେମାନେ ପୁନଶ୍ଚ କହୁଁ ଯେ ବିଚାରାଳୟରେ ଏପରି କଥା କହିବାରେ ହାଣ୍ଡଲ ସାହେବ ବଡ଼ ଭୁଲିଅଛନ୍ତି ।

ଏ ପ୍ରସ୍ତାବ ଲେଖିବା ଉତ୍ତାରେ ଶୁଣିଲୁଁ ହାଣ୍ଡଲ ସାହେବ ନିଜେ ଏକଜଣ ଆସାମିକୁ ମାରପିଟ ଦୋଷରେ ଦଣ୍ଡ ଦେବା ସମୟରେ ତାକୁ ସମ୍ବୋଧନ କରି କହିଲେ ତୁମ୍ଭେମାନେ ଯେ ଏପରି ଅତ୍ୟାଚାର କରୁଅଛ ଏହା ବଡ଼ ମନ୍ଦ, ଭବିଷ୍ୟତରେ ଏପରି କଲେ ତୁମ୍ଭମାନଙ୍କୁ କଠିନ ଦଣ୍ଡ ଦିଆଯିବ । ଯାହା ହେଉ ସାହେବ ମହୋଦୟ ଯେ ଆପଣା ଭ୍ରମ ପଶ୍ଚାତ୍ ବୁଝି ପାରି ଅତ୍ୟାଚାରୀ ଅମିନମାନଙ୍କୁ ଚେତାଇ ଦେଲେ ସୁଖର ବିଷୟ ।

Digitized by srujanika@gmail.com

Split by PDF Splitter

REGISTERED NO. 1

103

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୦ ଶ । ସ ୨୪ ଖ୍ୟା

ତା ୧୯ ରିଖ ମାହେ ଜୁନ ସନ ୧୮୭୫ ମସିହା । ମୁ । ଆଷାଢ଼ ବ ୨ ନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୮୦
ମଫସଲପାଇଁ ଡାକମାସୁଲ ଟ୧୫୦

ଗତମାସର ତା ୧ ରିଖର ଉତ୍କଳଗେଜେଟ ଯାହା ଉକ୍ତମାସ ତା ୨୭ ରିଖରେ ବାହାରିଲା ତହିଁରେ ଦେଖିଲୁଁ ଯେ କାଞ୍ଜିହାଉସମାନ ଇଜାରା ଦେବା କାରଣ ଏଠା ମାଜିଷ୍ଟ୍ରେଟ ସାହେବ ଇସ୍ତାହାର ଦେଉଅଛନ୍ତି । ପ୍ରାୟ ଏସବୁ ଇଜାରା ଦିଆଯାଉଅଛି । ଏ ଗୋଟିଏ ନୂଆ ଚାଲିଣ ଓ ଆମ୍ଭମାନଙ୍କର ଭୟ ହେଉଅଛି ଯେ ଏଥିରେ ଉପକାର ନ ହୋଇ ବରଂ ଅପକାର ହୋଇପାରେ । ଇସ୍ତାହାରରୁ ଜଣାଯାଏ ଯେ କାଞ୍ଜିହାଉସ ମୋହରରମାନଙ୍କୁ ମାସକୁ ଟ ୭ଙ୍କା ଲେଖାଏ ବେତନ ଦିଆଯାଏ ବୋଧ ହୁଅଇ କଞ୍ଜିହାଉସର ଆୟ ସେପରି ହୁଅଇ ନାହିଁ ବୋଲି ଇଜାରା ଦେବା ନିୟମ ହୋଇଅଛି ଯେବେ ତାହା ହୋଇଥାଏ ତେବେ ଇଜାରାଦାର ଆୟ ବୃଦ୍ଧି କରିବାର ଚେଷ୍ଟା କରିବ ଓ ଅନୁମାନ ହେଉଅଛି ଯେ ସେ ଦୂର ଏକଜଣ ଲୋକ ବନ୍ଧ ଘାଟର ଗୋରୁ ଛେଳି ଇତ୍ୟାଦି ଅଡାଇ ଆଣି କାଞ୍ଜିହାଉସରେ ଭରତି କରିବ । ନୋହିଲେ ତାହାର ଲାଭ ନାହିଁ । ଯାହା ହେଉ ଏକ୨ କାଞ୍ଜି ହାଉସରେ ମାସକୁ କେତେଲେଖାଏ ଉସୁଲ ହେଉଥିଲା ଓ ବର୍ତ୍ତମାନ କେତେ ଟଙ୍କାରେ ଇଜାରା ଦିଆଯାଇଅଛି ଏକଥାମାନ ସର୍ବସାଧାରଣଙ୍କୁ ଜଣାଇ ଦେବା ମାଜିଷ୍ଟ୍ରେଟ ସାହେବଙ୍କର ଉଚିତ ଅଟଇ ତାହା ହେଲେ ଇଜାରା ଦେବାର ପ୍ରକୃତ ଉଦ୍ଦେଶ୍ୟ ଜଣାପଡ଼ିବ ।

---

କଲିକତାରେ କୃତ୍ରିମ କୋର୍ଟଫିସ ଷ୍ଟାମ୍ପ ଧରାପଡ଼ିଥିବାର ପ୍ରସଙ୍ଗ ଏଥିପୂର୍ବେ ଲେଖିଥିଲୁଁ ବର୍ତ୍ତମାନ ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ଜାଲକାରୀ ଏଲାହାବାଦର ହାଇକୋର୍ଟକୁ କୌତୁକ ଓ ପରିହାସପୂର୍ଣ୍ଣପତ୍ର ଲେଖି ତହିଁସହିତ ତେରଶତ ଟଙ୍କାର କୃତ୍ରିମ କୋର୍ଟଫିସ ଷ୍ଟାମ୍ପ ଡାକରେ ପଠାଇଅଛି । ଏ ପତ୍ର ଅବଶ୍ୟ ବେନାମୀ ଅଟେ । ସେ ଦୁସାହସିକ ନରାଧମ ଲେଖିଅଛି—ଜାଲ ଧରିବା ପକ୍ଷରେ ଗବର୍ଣ୍ଣମେଣ୍ଟ ଅସାବଧାନ ଓ ନିଦ୍ରିତ ଅବସ୍ଥାରେ ଥିବାରୁ ଆମ୍ଭେ ତାଙ୍କୁ ଧନ୍ୟବାଦ ଦେଉଅଛୁଁ । ଆମ୍ଭେ ଏହିପ୍ରକାର କୃତ୍ରିମ କୋର୍ଟଫିସ ଷ୍ଟାମ୍ପ ପ୍ରସ୍ତୁତ ଓ ବିକ୍ରୟଦ୍ୱାରା ତିନିଲକ୍ଷଟଙ୍କାରୁ ଅଧିକ ଉପାର୍ଜନ କରିଅଛୁଁ । ବର୍ତ୍ତମାନ ନିର୍ଦ୍ଦିଷ୍ଟରେ ଜୀବନଯାତ୍ରା ନିର୍ବାହ ନିମିତ୍ତ ଏ ଆପଦଜନକ ବ୍ୟବସାୟକୁ ବିସର୍ଜନ କରି ତେରଶ ଟଙ୍କାର ଅବଶିଷ୍ଟ ଷ୍ଟାମ୍ପ ଗବର୍ଣ୍ଣମେଣ୍ଟଙ୍କୁ ଦାନ କରୁଅଛୁଁ ଆମ୍ଭଙ୍କୁ ଧରିବାର କାହାର ସାଧ୍ୟ ନ ଥିଲା କେବଳ କର୍ତ୍ତବ୍ୟ ବଶରୁ ଏ ଟଙ୍କା ସରକାରଙ୍କୁ ଦାନ କଲୁଁ । ଏ ପତ୍ର ପ୍ରାପ୍ତି ଉତ୍ତାରେ ତଦନ୍ତ କରିବାରେ ଦେଖାଗଲା ଯେ ସେଠା ସବ୍‌ଜଜଙ୍କ ମହକୁମାରେ ଅରଜି ଇତ୍ୟାଦିରେ ଏକଶତ ଟଙ୍କା ମୂଲ୍ୟର ଉକ୍ତ କୃତ୍ରିମ କୋର୍ଟଫିସ ଲଗିଅଛି । ପ୍ରକୃତ କୋର୍ଟଫି ଷ୍ଟାମ୍ପ ସଙ୍ଗେ କୃତ୍ରିମକୁ ମିଳାଇଲେ ଅତ୍ୟଳ୍ପ ପ୍ରଭେଦ ଦେଖାଯାଏ । ତାକୁ ଧରିବାକାରଣ ବିଶେଷ ଅନୁସନ୍ଧାନ ହେଉଅଛି ମାତ୍ର ସେତ କହିଅଛି ମତେ ଧରିବାର କାହାର ସାଧ୍ୟ ନାହିଁ । ବୋଧ ହୁଏ ସେ ବଙ୍ଗାଳୀ ଜାଲସାଜ ଅଟେ । ଦେଶୀୟ ଲୋକର ଏତେଦୂର ଦୁଃସାହସ ବା ପାରଗତା ହୁଅନ୍ତା ନାହିଁ ।

---

କଲିକତା ନଗରରେ ଗୋଟିଏ ଛାତ୍ର ନିବାସ ପ୍ରସ୍ତୁତ ହେବା କାରଣ ଚେନ୍ଦା ସଂଗ୍ରହ ହେଉଥିବାର କଥା ଆମ୍ଭେମାନେ ପାଠକମାନଙ୍କୁ ଗତ ସପ୍ତାହରେ ଜଣାଇଥିଲୁଁ । କେହି୨ କହନ୍ତି କି ଯେଣୁ ଓଡ଼ିଶାରେ ଗୋଟିଏ କଲେଜ ସ୍ଥାପିତ ହୋଇଅଛି ଏଠାଛାତ୍ର କଲିକତାକୁ ଯାଇ ପଢ଼ିବାର ଆବଶ୍ୟକ ନାହିଁ । ସୁତରାଂ ଓଡ଼ିଶାବାସିମାନେ ପ୍ରସ୍ତାବିତ ଛାତ୍ରନିବାସ ସକାଶେ କାହିଁକି ଚେନ୍ଦା ଦେବେ? ଏକଥା କେତେକ ପରିମାଣରେ ଯୁକ୍ତିସିଦ୍ଧ ହେଲେହେଁ ଛାତ୍ରନିବାସଦ୍ୱାରା ଯେ ଓଡ଼ିଶାବାସିଙ୍କର ଆଦୌ ଉପକାର ହେବ ନାହିଁ ଏମନ୍ତ ମନେ କରିବା ଭ୍ରମାତ୍ମକ ଅଟଇ କାରଣ କଟକ କଲେଜ କେବଳ ନାମମାତ୍ର କଲେଜ ଓ କାଲେ ଏହା ଭଲ ହେଲେ ମଧ୍ୟ ମେଡିକଲ ଇଞ୍ଜିନିୟରି ଓ ଆଇନ ଶିକ୍ଷା ନିମିତ୍ତ କଲିକତାକୁ କେହି୨ ଛାତ୍ର ଯାଇ ପାରନ୍ତି ଛାତ୍ରନିବାସ ସେମାନଙ୍କର ଉପକାରରେ ଆସିବ । ଏପର ବି, ଏ, ପରୀକ୍ଷା ଦେବା ସକାଶେ ହେଲେ ଏଠାରୁ ଛାତ୍ରମାନେ ଯାଇ ମାସେ ପକ୍ଷେ ସେଠାରେ ରହିବେ । ସୁତରାଂ ଛାତ୍ରନିବାସଦ୍ୱାରା

Digitized by srujanika@gmail.com

Split by PDF Splitter



ଓଡିଶାର ଉପକାର ନାହିଁ ଏମନ୍ତ ବୋଲଯାଇ ନ ପାରେ । ପ୍ରକୃତରେ ବୁଝିଲେ କଲିକତା ବାସିଙ୍କର ପ୍ରସ୍ତାବିତ ଛାତ୍ରବାସରେ କିଛି ପ୍ରୟୋଜନ ନାହିଁ କାରଣ ସେମାନଙ୍କର ପିଲାମାନେ ଆପଣା୨ ଘରେ ରହି ଅଧ୍ୟୟନ କରିବେ ପରନ୍ତୁ ଯେସ୍ଥଳେ ସେମାନେ ସାଧାରଣ ହିତ ଉଦ୍ଦେଶରେ ନିସ୍ୱାର୍ଥ ଭାବରେ ସହସ୍ର୨ ଟଙ୍କା ଚେନ୍ଦା ଦେଇ ଅଛନ୍ତି ସେ ସ୍ଥଳେ ମୋଫସଲ ବାସିମାନେ ଫଳଭୋଗ କରିବାର ସମ୍ଭାବନା ଥିବା ପ୍ରତ୍ୟକ୍ଷେ ଯେ ଏମନ୍ତ ସଦନୁଷ୍ଠାନରେ ଚେନ୍ଦା ଦେବାକୁ କାତର ହେବେ ଏପରି କଦାଚ ହୋଇ ନ ପାରେ ଓ ହେଲେ ତାହା ସୁନ୍ଦର ଦିଶିବ ନାହିଁ । ଅତଏବ ଆମ୍ଭେମାନେ ଆଶାକରୁ କି ଓଡିଶାବାସିମାନେ ଆପଣା ସାଧ୍ୟାନୁସାରେ କିଛି୨ ଚେନ୍ଦା ଦେଇ ଏ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ ।

———

ଏଠା ଜଏଣ୍ଟ ମେଜିଷ୍ଟ୍ରେଟଙ୍କ ଅଦାଲତରେ କେତେକ ଦିନ ହେଲା ଗୋଟିଏ ମକଦ୍ଦମା ବଡ ଧୂମଧାମରେ ଚଳୁଅଛି । ଉଭୟ ପକ୍ଷରୁ ବଡ଼୨ ଓକିଲ ୩।୬ ଜଣ ଉପସ୍ଥିତ ହେଉଅଛନ୍ତି ଓ ସାକ୍ଷିଙ୍କ ମଧ୍ୟରେ କେତେ୨ ବଡ଼୨ ବ୍ୟକ୍ତି ଅଛନ୍ତି । ବାଦୀ ପ୍ରତିବାଦୀ ବଡ ଓ ଅଭିଯୋଗ ବଡ ସେମାନଙ୍କ ଉଦ୍ୟମକାରୀଙ୍କ ସଂଖ୍ୟା ଅନେକ ଓ ଦର୍ଶକଙ୍କ ସଂଖ୍ୟା ମଧ୍ୟ ଊଣା ନୁହେ । ଏ ମକଦ୍ଦମା ସଂକ୍ରାନ୍ତରେ ସବୁଠୁଁ ବଡ ଓ ମକଦ୍ଦମା ପଡଲା ବେଳେ ମିସଲର ବୋଝ ମଧ୍ୟ ବଡ ହେବ । ଅତଏବ ଏ ମକଦ୍ଦମାର ବୃତ୍ତାନ୍ତ ପାଠକମାନଙ୍କୁ ଜଣାଇବାର ଆବଶ୍ୟକ ।

କେତେକ ମାସ ପୂର୍ବେ ବାବୁ ଗୋଲକଚନ୍ଦ୍ର ଘୋଷ ଆପଣା ଋଣ ପରିଶୋଧର ସୁବିଧା ନିମନ୍ତେ ଦକ୍ଷିଣ ପ୍ରଦେଶର ଶ୍ରୀ ଶ୍ରୀ ଶ୍ରୀ ·ସ୍ୱଚ୍ଛ ଖିଡିଖେଣ୍ଡିଶ୍ୱର ଗଜପତି ନାରାୟଣଦେବ ମହାରାଜାଙ୍କୁ ଗୋଟିଏ ଜମିଦାରୀ ବନ୍ଧକ ଦେଲେ ଓ ତାଙ୍କଠାରୁ ଏକଲକ୍ଷ ଟଙ୍କା ଅଳ୍ପ ସୁଧ ଅର୍ଥାତ୍ ଶତକଡ଼ା ଆଠଅଣା ସୁଧରେ ଋଣ ନେଲେ । ମହାରାଜା ଗବର୍ଣ୍ଣମେଣ୍ଟ କାଗଜଦ୍ୱାରା ଟଙ୍କା ପଠାଇ ଥିବାରୁ ତାହା ଭଙ୍ଗାଇବାର ବଟା ଛିଅହଜାର ଟଙ୍କା ନେବାର ଗୋଲକ ବାବୁଙ୍କ ସଙ୍ଗେ କଥା ହୋଇଥିଲା । ତାଙ୍କର ଦେଓ୍ୱାନ ଉକ୍ତ ଟ ୬୦୦୦୲ ଙ୍କା ଓ ଆପଣାର ରସୁମ ଟ ୨୦୦୦୲ ଙ୍କା କାଟି ନେଇ ବାକି ବାବୁଙ୍କୁ ଦେଲେ । ସୁଧିର ଜଣେ ମହନ୍ତ ମଧ୍ୟସ୍ଥ ହୋଇ ଥିଲା ସେ ଅନ୍ତ ଏକ ହଜାର ଟଙ୍କା ଆପଣା-ଛାଇ କାଟି ନେଲା ବାକି ଟ ୯୧୦୦୦୲ ଙ୍କା ଗୋଲକ ବାବୁ ପାଇଲେ । ବର୍ତ୍ତମାନ ମହାରାଜାଙ୍କ ପକ୍ଷରୁ ତାଙ୍କର ଜଣେ ପ୍ରଧାନ କର୍ମଚାରୀ ଦେଓ୍ୱାନ ନାମରେ ଏହି ଅଭିଯୋଗ କରିଅଛି କି ଦେୱାନ ଉକ୍ତ ଟ ୬୦୦୦୲ ଙ୍କା ରାଜାଙ୍କ-ଧାଁର ବାବୁଙ୍କଠାରୁ ନେଇ ବିଶ୍ୱାସଘାତକତା ପୂର୍ବକ ଆପେ ଆତ୍ମସାତ୍ କରି ତାଙ୍କୁ ଦେଇ ନାହିଁ । ତାଙ୍କ ପକ୍ଷର ସାକ୍ଷିଙ୍କ ସଂଖ୍ୟା ଜ ୧୩ ଣ ମଧ୍ୟରୁ ପାଞ୍ଚ ମିସଲରେ କେବଳ ପାଞ୍ଚ ଜଣଙ୍କର ସାକ୍ଷ ଗୃହୀତ ହୋଇଅଛି । ବୋଧ ହୁଏ ଏପର୍ଯ୍ୟନ୍ତ ତାଦୃଶ ପ୍ରମାଣ ଘଟି ନ ଥିବାରୁ ଦେଓ୍ୱାନ ଆସାମୀ ହାଜତରେ ନ ଥାଇ ଜାମିନରେ ଅଛି । ଏ ମକଦ୍ଦମା ସଂକ୍ରାନ୍ତରେ ଅନେକ କଥା ଶୁଣା ଯାଏ ନିଷ୍ପତ୍ତି ହେଲେ ସବୁ ଠିକ ଜଣା ପଡ଼ିବ ।

———

### ଜୁଲୁଯୁଦ୍ଧ ସମାଚାର ।

କେପଟାଉନରୁ ଗତମାସ ତା ୨୦ ରଖରେ ଆସିଥିବା ସମ୍ବାଦରୁ ଜଣାଯାଏ ଯେ ଜୁଲୁରାଜା କେଟିଓ୍ୟୋ ସନ୍ଧିର ପ୍ରସ୍ତାବ କରିଥିଲେ ମାତ୍ର ରାଜା ବିନାପଣରେ ଇଂରେଜଙ୍କର ଶରଣାଗତ ହେବା ବ୍ୟତୀତ ଆଉ କୌଣସି ନିୟମରେ ଇଂରେଜ ଗ୍ରହଣ ନ କରିବାରୁ ସନ୍ଧି ହେଲା ନାହିଁ । ରାଜା ସରଳଭାବରେ ସନ୍ଧିପ୍ରସ୍ତାବ କରି ନ ଥିବାର ମଧ୍ୟ କଥିତ ହେଉଅଛି । ରାଜାଙ୍କ ନଅର ଆକ୍ରମଣ କରିବାର କଳ୍ପନା ହୋଇଥିଲା ମାତ୍ର ଗତାୟାତର ଅସୁବିଧାଯୋଗୁଁ ସୈନ୍ୟ ଅଗ୍ରସରରେ ବଡ କଷ୍ଟ ହେବାରୁ ସେ ବିଚାର ପରିତ୍ୟକ୍ତ ହେଲା । କେଟିଓ୍ୟୋ ଆପଣାର ସମସ୍ତ ସୈନ୍ୟ ଘେନି ଇଂରେଜଙ୍କୁ ଟୁଗେଲା ନଦୀଠାରେ ଆକ୍ରମଣ କରିବାର ଆଶଙ୍କା ହୋଇଅଛି ଇଂରେଜଙ୍କର ସୈନ୍ୟ ଶାଖାଗଣ ଭୁଗଲରେ ଅଛନ୍ତି । ବୋଧ ହୁଏ ଏ ଯୁଦ୍ଧ ସହଜରେ ତୁଟିବ ନାହିଁ ।

———

### କାବୁଲ ସନ୍ଧି ।

ଆମ୍ଭେମାନେ ଏଥିପୂର୍ବେ ଏ ସନ୍ଧିର ନିୟମ ଯାହା ଲେଖିଥିଲୁଁ ତାହା ସମ୍ପୂର୍ଣ୍ଣ ନୁହେ । ସମ୍ପୂର୍ଣ୍ଣ ନିୟମ ନିମ୍ନଲିଖିତ ପ୍ରକାର ଅଟଇ । ଯଥା—

୧ । ଅମିର ଓ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ସନ୍ଧି ଓ ବନ୍ଧୁତ୍ୱ ଜାଗରୁକ ରହିବ ।

୨ । ଅମିରଙ୍କର ପ୍ରଜାମାନେ ଗବର୍ଣ୍ଣମେଣ୍ଟଙ୍କ ସଙ୍ଗେ ସଂସ୍ରବ ରଖିଲେ ବା ଆତ୍ମୀୟତା କଲେ ଅମିର ସେମାନଙ୍କୁ ଦଣ୍ଡ ବା କିଛି କଷ୍ଟ ନ ଦେବେ ଓ ସେ ଏଥିର ଘୋଷଣା ଦେବେ ।

୩ । ଗବର୍ଣ୍ଣମେଣ୍ଟଙ୍କ ପରାମର୍ଶ ବା ଉପଦେଶ ଅନୁସାରେ ଅମିର ବିଦେଶୀୟ ରାଜାମାନଙ୍କ ସହିତ ବ୍ୟବହାର କରିବେ ଏବଂ ଗବର୍ଣ୍ଣମେଣ୍ଟ ଅମିରଙ୍କୁ ବୈଦେଶିକମାନଙ୍କ ଆକ୍ରମଣରୁ ରକ୍ଷା କରିବେ ।

୪ । ଗବର୍ଣ୍ଣମେଣ୍ଟଙ୍କର ପ୍ରତିନିଧି ଇଂରେଜ କର୍ମଚାରୀ ( ରେସିଡେଣ୍ଟ ) ଦଳେ ସୈନ୍ୟ ସହିତ କାବୁଲରେ ରହିବେ ଏବଂ ଅମିରଙ୍କର ପ୍ରତିନିଧି ମଧ୍ୟ ଭାରତବର୍ଷରେ ରହି ପାରିବେ ।

୫ । ଅମିରଙ୍କ ରାଜ୍ୟରେ ଇଂରେଜ ଦୂତ ବା କର୍ମଚାରୀଙ୍କର ନିରାପଦତା ଓ ମର୍ଯ୍ୟାଦା ପାଇଁ ଅମିର ଦାୟୀ ରହିବେ ।

୬ ଓ ୭ । ଆଫଗାନିସ୍ଥାନ ଓ ଭାରତବର୍ଷ ମଧ୍ୟରେ ବାଣିଜ୍ୟର ସୁବିଧା—ଏଥିର ବ୍ୟବସ୍ଥା ପଶ୍ଚାତ୍ ହେବ ।

୮ । ଭାରତବର୍ଷରୁ କାବୁଲ ପର୍ଯ୍ୟନ୍ତ ବିଦ୍ୟୁତ୍ ବାର୍ତ୍ତାବହ ଅର୍ଥାତ୍ ତାରଡାକ ବସିବ ।

୯ । ବନ୍ଧୁତ୍ୱ ଦୃଷ୍ଟିରେ ଇଂରେଜ ସୈନ୍ୟାଧିକୃତ ଆଫଗାନିସ୍ଥାନର ସ୍ଥଳମାନଙ୍କ ମଧ୍ୟରୁ କୁରମ, ପିଶିନ ଓ ଶିବି ଉପତ୍ୟକା ଭିନ୍ନ ଆଉ ସବୁ ଗବର୍ଣ୍ଣମେଣ୍ଟ ଅମିରଙ୍କୁ ଛାଡିଦେବେ । ସେ ତିନି ପ୍ରଦେଶ ଇଂରେଜଙ୍କ ଶାସନରେ ରହିବ ମାତ୍ର ତହିଁର ବଳକା ରାଜସ୍ୱ ଅମିର ପାଇବେ । ଖାଇବର ଘାଟୀ ଓ ମିଚନି ଘାଟୀର ସମ୍ପୂର୍ଣ୍ଣ ଅଧିକାର ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ରହିବ ।

୧୦ । ଅମିର ଏ ନିୟମମାନ ସମ୍ପୂର୍ଣ୍ଣରୂପେ ପ୍ରତିପାଳନ କଲେ ପ୍ରତିବର୍ଷ ଛଅଲକ୍ଷ ଟଙ୍କା ଗବର୍ଣ୍ଣମେଣ୍ଟରୁ ପାଉଥିବେ । ରାଜ୍ୟର ଏ ନୂତନ ସୀମାର ମୀମାଂସାର୍ଥ କମିଶନ ନିଯୁକ୍ତ ହେବ ।

ଏ ସନ୍ଧିପତ୍ର ଗଣ୍ଡମକରେ ଗତ ମେ ମାସ ତା ୨୬ ରଖରେ ଅମିର ୟାକୁବଖାଁଙ୍କଦ୍ୱାରା ସ୍ୱାକ୍ଷରିତ ହୋଇ ସିମଲାକୁ ଆସିଲା, ସେଠାରେ ମହାମାନ୍ୟ ଲାଟ ସାହେବ ତା ୩୦ ରଖରେ ତହିଁରେ ସ୍ୱାକ୍ଷର କଲେ ଓ ତାହା ଗ୍ରହଣ ହେବାର ଘୋଷଣାସ୍ୱରୂପ ୩୧ ତୋପ ଫାଏର ହେଲା । ଆମ୍ଭମାନଙ୍କର ଶ୍ରୀମତୀ ଭାରତେଶ୍ୱରୀ ଏଥିରେ ଆନନ୍ଦିତା ହୋଇ ଲାଟ ସାହେବଙ୍କୁ

Digitized by srujanika@gmail.com

କବୁ୍ୟଲି ବାର୍ତ୍ତା ଯୋଗେ ମଙ୍ଗଳବାଦ ପଠାଇଅଛନ୍ତି । ଜୟପୁରର ମହାରାଜା ମଧ୍ୟ ମଙ୍ଗଳବାଦ ଜଣାଇଅଛନ୍ତି ଓ ଗବର୍ଣ୍ଣମେଣ୍ଟ ତାହା ସ୍ୱୀକାର କରିଅଛନ୍ତି । ଆଫଗାନିସ୍ଥାନରୁ ଇଂରେଜଙ୍କ ସୈନ୍ୟ ବାହୁଡ଼ି ଆସୁଅଛନ୍ତି ।

ଏତେଦିନେ କାବୁଲ ଯୁଦ୍ଧ ଶେଷ ହେଲ ଓ ଅନେକ ରକ୍ତପାତ ଓ ଅର୍ଥବ୍ୟୟ ନିବାରଣ ହେଲା । ଏ ଯୋଗୁଁ ଆମ୍ଭେମାନେ ଏ ସନ୍ଧିରେ ଅତି ସନ୍ତୁଷ୍ଟ ହୋଇ ଅଛୁଁ । ତହିଁର ନିୟମ ଗୁଡ଼ିକ ମଧ୍ୟ କୋହଳ ଅଟେ । ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ଜୟଲାଭ କରିଥିଲେ ମାତ୍ର ଜୟକାରଙ୍କର ଅଧିକାରମାନ ଗବର୍ଣ୍ଣମେଣ୍ଟ ପ୍ରବଳ କଲେ ନାହିଁ । ଯୁଦ୍ଧର ବ୍ୟୟ ଇତ୍ୟାଦିର କ୍ଷତି ପୂରଣ କମ୍ପାଣୀ ନେବାର ସମ୍ଭାବନା ଦେଖା ଯାଏ । ଫଗ୍ନୀ ଯୁଦ୍ଧରେ ପ୍ରସିୟା ଅନେକ ମୁଦ୍ରା ନେଇଥିଲେ ଓ ତୁର୍କ ଯୁଦ୍ଧରେ ରୁଷ ଅର୍ଥ ଓ ରାଜ୍ୟ ନେଇଅଛନ୍ତି । ଏ ଯୁଦ୍ଧରେ ଗବର୍ଣ୍ଣମେଣ୍ଟଙ୍କର ବିଂଶଲକ୍ଷ ଟଙ୍କା ବ୍ୟୟ ହୋଇଥିବା ପ୍ରତ୍ୟକ୍ଷେ ସେ କିଛି କ୍ଷତି ପୂରଣ ଦାବୀ ନ କରି ଅମିରଙ୍କୁ ବାର୍ଷିକ ଛଅଲକ୍ଷ ଟଙ୍କା ଦେବାର ଅଙ୍ଗୀକାର କରିଅଛନ୍ତି । ଆଉ ଯେ ଆଫଗାନିସ୍ଥାନର କେତେକ ସ୍ଥଳ ଗବର୍ଣ୍ଣମେଣ୍ଟଙ୍କ ଅଧିକାରରେ ରହିବ ସେ ସବୁ ଇଂରେଜଙ୍କ ରାଜ୍ୟରେ ସଂଯୁକ୍ତ ହେବ ନାହିଁ । କେବଳ ଗବର୍ଣ୍ଣମେଣ୍ଟଙ୍କ ଶାସନରେ ରହିବ ଓ ତହିଁର ବଳକା ରାଜସ୍ୱ ଅମିର ପାଇବେ । ଗବର୍ଣ୍ଣମେଣ୍ଟଙ୍କର ମାନ ରକ୍ଷା ଓ ମାନସ ସଫଳ ହେବାରୁ ସେ ଆଉ କିଛି ଚାହିଁଲେ ନାହିଁ । ତଥାପି ଏ ନିୟମରେ ଅମିରଙ୍କର ସ୍ୱାଧୀନତା ଖର୍ବ ହୋଇଅଛି ଓ ସେ ଭାରତବର୍ଷର ସ୍ୱାଧୀନ ରାଜାଙ୍କର ଅବସ୍ଥାକୁ ପ୍ରାପ୍ତ ହୋଇଅଛନ୍ତି । ଏହା ତାଙ୍କ ପିତାଙ୍କର ଦୋଷରୁ ଘଟିଅଛି ସେ ଆପଣା ବଳ ବଳ ନ ବୁଝି ବୃଥା ବାନଗି ... ଆପେ ପ୍ରାଣ ହରାଇଲେ ଓ ସ୍ୱଦେଶର ସ୍ୱାଧୀନତାର ହ୍ରାସ କରାଇଲେ । "ଅପନା ହାଥକୁ ଯାଲିଜ ହୁଅ"

ଏ ସନ୍ଧିର ଲାଭାଲାଭ ବିବେଚନା କଲେ ଗବର୍ଣ୍ଣମେଣ୍ଟଙ୍କର ତାଦୃଶ ଲାଭ ଦୃଷ୍ଟି ହେଉ ନାହିଁ । ସେ ଅମିରଙ୍କୁ ବିଦେଶୀୟଙ୍କ ଆକ୍ରମଣରୁ ରକ୍ଷା କରିବାର ଅଙ୍ଗୀକୃତ ହୋଇଅଛନ୍ତି ମାତ୍ର ଅମିରଙ୍କ ସକଳ କାର୍ଯ୍ୟ ଉପରେ ଅଧିକାର ରଖି ନାହାନ୍ତି । ତାଙ୍କ ଦୋଷରେ ଅବା ବିନାଦୋଷରେ କାବୁଲକୁ କେହି ଆକ୍ରମଣ କଲେ ଗବର୍ଣ୍ଣମେଣ୍ଟ ତହିଁର ରକ୍ଷାର୍ଥେ ଯୁଦ୍ଧରେ ଲିପ୍ତ ହୋଇ କ୍ଲେଶ ଓ ବ୍ୟୟଗ୍ରସ୍ତ ହେବେ । ସେ ... ପକ୍ଷର କଥା ବର୍ତ୍ତମାନ ଘାଟିମାନ ଗବର୍ଣ୍ଣମେଣ୍ଟ ଆପଣା ଅଧିକାରରେ ରଖିବାରେ ଅନେକ ବ୍ୟୟ ପଡ଼ିବ ଓ ଯେଉଁ ପ୍ରଦେଶ ଶାସନ କରିବେ ତହିଁର ରାଜସ୍ୱ ବଳକା ଦୂରରେ ଥାଉ ଶାସନ କାର୍ଯ୍ୟର ବ୍ୟୟକୁ ଅଣ୍ଟିବ କି ନା ସନ୍ଦେହ । ତେବେ ଲାଭ ମଧ୍ୟରେ ଏହି ଯେ କାବୁଲରେ ଗବର୍ଣ୍ଣମେଣ୍ଟଙ୍କ ପ୍ରତିନିଧି ରହିବେ ଅମିର ତାଙ୍କ ପରାମର୍ଶ ବିନା ବିଦେଶୀୟ ରାଜାଙ୍କ ସହିତ କୌଣସି ବ୍ୟବହାର କରି ନ ପାରିବେ ଏବଂ କେତେକ ଘାଟି ଇଂରେଜଙ୍କ ଅଧିକାରରେ ରହିବ । ମାତ୍ର ଗବର୍ଣ୍ଣମେଣ୍ଟ ଏଥିପୂର୍ବେ ବିବେଚନାପୂର୍ବକ କାର୍ଯ୍ୟ କରିଥିଲେ ବିନା ଯୁଦ୍ଧରେ ଏ ସବୁ କ୍ଷମତା କେତେକ ଅଧିକାର ପାଇଥାନ୍ତେ । ଅର୍ଥାତ୍ ସନ ୧୮୬୯ ମସିହାରେ ଅମିର ଶେରଅଲିଙ୍କ ପ୍ରାର୍ଥନା ମତେ ଗବର୍ଣ୍ଣମେଣ୍ଟ ତାଙ୍କୁ ବିଦେଶୀୟଙ୍କ ଆକ୍ରମଣରୁ ରକ୍ଷା କରିବା ନିୟମରେ ତାଙ୍କ ସହିତ ସନ୍ଧି ସ୍ଥାପନ କରିଥିଲେ ଅମିର ଅବଶ୍ୟ ଗବର୍ଣ୍ଣମେଣ୍ଟଙ୍କର ମାନସ [illegible] ସଫଳ କରିଥାନ୍ତେ । ବର୍ତ୍ତମାନ୍ ଏମନ୍ତ କିଛି ଅଧିକ ହେଲା ନାହିଁ କିନ୍ତୁ କେତେ ମହାପ୍ରାଣୀ ନଷ୍ଟ ହେଲେ ଓ କେତେ ଅର୍ଥ ବ୍ୟୟ ହେଲା । ଏ ହେତୁ ଅନେକ ରାଜନୀତିଜ୍ଞ ଗବର୍ଣ୍ଣମେଣ୍ଟ ପ୍ରତି ଦୋଷାରୋପ କରୁଅଛନ୍ତି । "ଗତସ୍ୟ ଶୋଚନା ନାସ୍ତି" ଏଣିକି ଆଉ କିଛି ମନାନ୍ତର ନ ହୋଇ ଏ ସନ୍ଧି ଚିରସ୍ଥାୟୀ ହେଲେ ସବୁ ଉତ୍ତମ । କାବୁଲମାନେ ସଜ୍ଜନଲୋକ ନୁହନ୍ତି କିନ୍ତୁ ଅମିରଙ୍କର ଶୁଭ ଦୃଷ୍ଟିରେ ଆଶଙ୍କାର କିଛି କାରଣ ନାହିଁ । ସେ ଲର୍ଡ ସାହେବଙ୍କ ନିକଟକୁ ତଡ଼ିତ୍ ବାର୍ତ୍ତା ପଠାଇ ଅଛନ୍ତି କି ବର୍ତ୍ତମାନ୍ ସନ୍ଧି ସ୍ଥାପନ ହେଲା, ଅମୃର ଏକାନ୍ତ ଭରସା ହୁଏ ଯେ ଏ ବନ୍ଧୁତ୍ୱ ଦିନକୁ ଦିନ ବୃଦ୍ଧି ହେବ । ଲର୍ଡ ସାହେବ ଏଥିରେ ଅତି ଆନନ୍ଦିତ ହୋଇ ବିହିତ ଉତ୍ତର ଦେଇଅଛନ୍ତି । ଆମ୍ଭେମାନେ ମଧ୍ୟ ମନାସୁ ଅଛୁଁ ଏ ବନ୍ଧୁତ୍ୱ ଦିନକୁ ଦିନ ବୃଦ୍ଧି ହେଉ ଆଉ ବିବାଦ ବିସମ୍ବାଦ ସ୍ଥାନ ନ ପାଉ ।

---

## ସାପ୍ତାହିକସଂବାଦ ।

ଗତ ଗୁରୁବାର ଶ୍ରୀଯୁକ୍ତ କମିଶ୍ନର ସାହେବ ପୁରୀ ଓ ଖୋରଧା ଗସ୍ତରୁ ଏ ନଗରକୁ ପ୍ରତ୍ୟାଗମନ କଲେ ।

ବାବୁ ହରମୋହନ ବସୁ ଖୋର୍ଦ୍ଧା ବନ୍ଦୋବସ୍ତ କାର୍ଯ୍ୟରେ ପ୍ରଥମଶ୍ରେଣୀର ସବ୍ ଡେପୁଟୀ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଗତ ସୋମବାର ଏ ନଗରର ବାଲୁବଜାରରେ ଦୁଇଗୋଟି ଘର ପୋଡ଼ିଗଲା । ଦୈବାତ୍ ଅଗ୍ନି ଲାଗିଥିଲା ।

ଯେଉଁ ଜାଲମୋକଦ୍ଦମାରେ ନାରାୟଣ ସୁରୁବି ଦୌରା ସୁପୋର୍ଦ୍ଦ ହୋଇଗଲେ ତହିଁର ବୃତ୍ତାନ୍ତ ଏହି—ପୁରୀର ସମାଧିମଠର ଅନ୍ତର୍ଗତ ଏଠାରେ ଗୋଟିଏ ମଠ ଅଛି ତହିଁର ନାମ କରମଶାମଠ—ଏମଠର ଅଧିକାରୀଙ୍କୁ ସୁରୁବିର କେତେକ ଅନୁଚର ମାରପିଟ କରି ତାହାର ଅନେକ ଧାନ କାଟି ନେଇଗଲେ । ସେ ଏଥିର ନାଲିଶ କରିବାରୁ ଅନୁଚରମାନେ କଏଦ ହେଲେ । ଏ ମକଦ୍ଦମାରେ ସୁରୁବି ଦାବାସ୍ୱ ଜମିର ପଟ୍ଟା ସମାଧିମଠର ମହନ୍ତଙ୍କଠାରୁ ପାଇଥିବାର କହି ପଟ୍ଟା ଦାଖଲ କରିଥିଲା । ଉକ୍ତ ପଟ୍ଟା ଜାଲ ଥିବାର ଜଣାଯିବାରୁ ଅଧିକାରୀ [illegible] ଅନୁମତି ନେଇ ସୁରୁବି ନାମରେ ଜାଲର ଅଭିଯୋଗ କଲା ।

ଏ ସପ୍ତାହରେ ଅଳ୍ପ ବୃଷ୍ଟି ହୋଇଅଛି । ଗତ ସପ୍ତାହରେ ନାମ ମାତ୍ର ବୃଷ୍ଟି ହୋଇଥିଲା । ଏହା କୃଷି ପକ୍ଷରେ ଭଲ ହୋଇଅଛି । କାରଣ ତହିଁ ପୂର୍ବ ସପ୍ତାହରେ ଅତିରିକ୍ତ ବର୍ଷା ହୋଇଥିଲା । ନଦୀରେ ଜଳ ଆସିଅଛି ଓ ଘାଟ ଇଜରଦାରର ଅତ୍ୟାଚାର ଆରମ୍ଭ ହୋଇଅଛି । ରୌଦ୍ରର ତେଜ ତେତେ ନାହିଁ ମାତ୍ର ଗୁଳଗୁଳରେ ଦେହ ବିଗିଡ଼ି ହେଉଅଛି ।

ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ, ଅସ୍ମାନଙ୍କ ସହଯୋଗୀ ଦର୍ପଣର ସମ୍ପାଦକ ବାବୁ ଇନ୍ଦ୍ରମୋହନ ଭଟ୍ଟାଚାର୍ଯ୍ୟ ଗତ ମେମାସ ତା ୩୧ ରିଖରେ ଓଲାଉଠାରେ ଆକ୍ରାନ୍ତ ହୋଇ ମାନବଲୀଳା ଶେଷ କରିଅଛନ୍ତି । ସେ ଜଣେ ତରୁଣବୟସ୍କ ସୁଯୋଗ୍ୟବ୍ୟକ୍ତି ଥିଲେ ।

ଏମାସ ତା ୪ ରିଖରେ ବାଲେଶ୍ୱରର ନିଶ୍ଚାଦ ଦେବତା ଶ୍ୟାମସୁନ୍ଦର ଜିଉ ନଗରକୁ ବାହାରିଥିଲେ । ଓଲାଉଠା ଅତ୍ୟନ୍ତ ପ୍ରବଳ ହୋଇଲେ ଏହି ଦେବତା ନଗରକୁ ବାହାରନ୍ତି ନାହିଁ । ଶ୍ୟାମସୁନ୍ଦର ଜିଉ ନଗରକୁ ବାହାରିଲେ ଅନେକ ଟଙ୍କା ଖରଚ ହୁଏ, ଏଣୁ ଏହି ଉପଲକ୍ଷରେ ପ୍ରାୟ ଟ ୫୦୦ଙ୍କା ଚାନ୍ଦା ସଂଗୃହୀତ ହୋଇଥିଲା । ସନ୍ଧ୍ୟା ସମୟରେ ଠାକୁର ବାହାରିଲେ । ଶିଙ୍ଗାଘଣ୍ଟା ଇତ୍ୟାଦିର ଘୋଷଣା ହୋଇଥିଲା ଏବଂ ସଂକୀର୍ତ୍ତନ ଓ ଢୋଲ ବାଜାରେ ନଗର କମ୍ପିତ ହୋଇଥିଲା । ଦର୍ଶକଙ୍କର ସଂଖ୍ୟା ଦୁଇସହସ୍ରରୁ ଊଣା ନ ଥିଲା । ପୂର୍ବାପେକ୍ଷା ଏବର୍ଷ ବଡ଼ ଆଡ଼ମ୍ବର ହୋଇଥିଲା କାରଣ ଏବର୍ଷ ଓଲାଉଠାର ତେଜ ଅଧିକ ଥିଲା । ତେବେ ଭବିଷ୍ୟତରେ ଓଲାଉଠାର ତେଜ ଅଧିକ ବୃଦ୍ଧି କରିବାକୁ ଶ୍ୟାମସୁନ୍ଦର ଜିଉଙ୍କର ଇଚ୍ଛା ନ ହୁଏ ? ଏହିକଥାର ଆଶଙ୍କା ହେଉଅଛି ।

ମୁସଲମାନମାନଙ୍କ ମତରେ ଏପରି ବିଧି ଅଛି ଯେ ଯେଉଁଠାରେ ଓଲାଉଠା ହେଉଥିବ ସେଠାରେ ଗୋଟିଏ ଛେଳିର କାନ ଧରି ମୋଡ଼ିଲେ ଉକ୍ତ ଛେଳିର ଶବ୍ଦ ଯେତେଦୂର ଯିବ ସେତେଦୂର ପର୍ଯ୍ୟନ୍ତ ଆଉ ଓଲାଉଠା ହେବ ନାହିଁ । ପରେ ଉକ୍ତ ଛେଳିକୁ ବଧ କରି ଗୋଟିଏ ପଦା ଜାଗାରେ ପୋଡ଼ି ସମସ୍ତେ ଶ୍ରେଣୀ ଭୋଜନ କରନ୍ତି । ଏହି ନିୟମର ଅନୁବର୍ତ୍ତୀ ହୋଇ ବାଲେଶ୍ୱରର ମୁସଲମାନମାନେ ମାରିଭୟ ହେତୁ ଗୋଟିଏ ଛେଳିକୁ ନିୟମାନୁସାରେ ବଧ କରି ପୋଡ଼ି ଭୋଜନ କଲେ । ଏ କେଡ଼େ ଭ୍ରମ । ଯାହା ହେଉ ଟ ୫୦୦ଙ୍କା ବ୍ୟୟରେ ଠାକୁର ବାହାର କରିବା ଅପେକ୍ଷା ଏ ସହଜ ଓ ୧ ଟଙ୍କା ବ୍ୟୟର ଉପାୟରେ ମନକୁ ପ୍ରବୋଧ ଦେବାର ଭଲ ।

ବାଲେଶ୍ୱରର ମାଜିଷ୍ଟ୍ରେଟ ସାହେବ ହୁକୁମ ଦେଇଅଛନ୍ତି କି ଓଲାଉଠାରୋଗରେ ମରୁଥିବା ବ୍ୟକ୍ତିମାନଙ୍କ ଲୁଗା ଓ ବିଛଣାକୁ ସାବଧାନପୂର୍ବକ ପୋଡ଼ାଇବାକୁ ହେବ ଏବଂ ଯେଉଁଠାରେ

Split by PDF Splitter
Digitized by srujanika@gmail.com

Split by PDF Splitter



ବେଗୀର ମଳ ପଡ଼ିଥିବ ସେଠାରେ ଧିର ଚଳାଇ ଦେଇ ନର୍ଦ୍ଦମା ଚଳାଇବାକୁ ହେବ । ଏବଂ ବୋଇତାଳୁ, କଲଗ, ପଙ୍କ ମାଛଆଦି କୌଣସି ଅସ୍ବାଦକର ପଦାର୍ଥ କେହି ବଜାର ହାଟରେ ବିକ୍ରୀ କରିପାରିବେ ନାହିଁ । ଏପରି କଲେ ବଧିମତ ଦଣ୍ଡନୀୟ ହେବ । ସେଶନ୍ସରେ ମାଜିଷ୍ଟ୍ରେଟମାନେ ନଗରକୁ ଆସୁ ନ ଥିବାରୁ ମକଦ୍ଦମାମାନ ସ୍ଥଗିତ ହୋଇଅଛି ।

କଲିକତାରେ ଜଣେ ପଥର ବ୍ୟବସାୟ କରୁଥିଲା; ତାହାର ଜଣେ ଧନାଢ୍ୟ କୁଟୁମ୍ବ ମରିବାବେଳେ ତାକୁ ଆଠଲକ୍ଷ ଟଙ୍କା ଦେଇ ଯାଇଅଛି । ଧନ୍ୟ ପଥୁରିଆର କପାଳ !

ଆମ୍ଭେମାନେ ଶୁଣି ଆହ୍ଲାଦିତ ହେଲୁଁ କଲିକତାର ହିନ୍ଦୁ ହଷ୍ଟେଲ ନିର୍ମାଣ ଉଦ୍ଦେଶରେ କାଶିମବଜାରର ମହାରାଣୀ ସ୍ବର୍ଣ୍ଣମୟୀ ୪ ହଜାର ଟଙ୍କା ଦାନ କରିଅଛନ୍ତି । ଯହିଁରେ ଏ ମହାରାଣୀଙ୍କର ଦାନ ନାହିଁ ଏରୂପ ସତ୍କାର୍ଯ୍ୟର ଅନୁଷ୍ଠାନ ବଙ୍ଗଦେଶରେ ପ୍ରାୟ ଦେଖା ନ ଯାଏ । ଧନ୍ୟ ସେ ମହିଳା ! ଉତ୍କଳୀୟ ଧନପୁରୁଷମାନେ ଏ ଦୃଷ୍ଟାନ୍ତର ଅନୁଗାମୀ ହେବେ କି ?

## ପ୍ରେରିତପତ୍ର ।

To the Editor of the Utkal Dipika
Cuttack.

Sir,

I have been informed that the tolls levied upon boats running through the Kendraparah Canal have since October last been raised unusually high, and that the rates vary in different seasons of the year. During the 8 months, for instance, commencing from November, they are twice as much high as they are in the rainy seasons; and these again compared with those of the Marshaghai and Taldundah Canals are nearly four times as much high. What reasons can be assigned for such a want of uniformity observable in the collection of tolls? It is thought perhaps by the Canal authorities that as Kendraparah Canal has since of late been made much use of by the merchants and traders of Cuttack for the transport of their goods to Chandbally, the enhancement of tolls would not be felt a burden upon them, which at the same time it will add largely to the income from this source. No idea could indeed be more erroneous or misconceived than that of making a Canal profitable in this way. Why the rates have been fixed twice as much for the dry seasons of the year as those fixed for the rainy season? Does it not clearly indicate that in the rainy season when all the rivers and rivulets are inundated and become navigable, if the tolls be not reduced, the people would certainly make little use of the Canal preferring to send their goods through the rivers, however the route may be circuitous, at a much cheaper cost, whereas in the dry season they would not be able to avail themselves of this opportunity? This appears to be a narrow-minded policy. Our kind Government has no other object in view than that of opening facilities for the promotion of inland trade in Orissa on an extensive scale. I would not have said a word against the present arrangements of collecting tolls if the Canals had been under the management of any company.

The adoption of the measure, I am told, has not only met the disapprobation of the trading class, but has induced them also to seek out other means for the import, or export, of their goods from and to Calcutta. For many of the Mahajuns who at first on the opening of the Kendraparah Canal used it so largely have now commenced importing their goods by a False point route through the Marshaghai Canal. That this has actually been the case may be verified by the fact of the number of boats now plying in the Kendraparah Canal being less than what it was before the introduction of the present rates. A certain gentleman had lately to get down some goods from Chandbally to Kendraparah. He engaged a boat for the purpose for Rs. 6 but he had to pay nearly Rs. 8 as Canal dues. Nothing could be more ludicrous than this. Instead therefore of raising the rates it is necessary in my humble opinion to lower them as far as practicable in order to make the canals more popular and easily accessible to all.

It is strange, Mr. Editor, that such an important subject escaped your vigilant eye, and you never took any notice of it.

31–5–79.

Yours sincerely
Quidnunc.

## ବିଜ୍ଞାପନ ।

### ଅବଧୌତ ମତାନୁସାରେ ଔଷଧ ।

ବହୁଦିନଠାରୁ ଆମ୍ଭେ ନାନାସ୍ଥାନ ପର୍ଯ୍ୟଟନ, ନାନାଶାସ୍ତ୍ର ସଞ୍ଚୟ, ସାଧୁଗତ ବ୍ୟୟ, ସପ୍ତ୍ରୈକ ତ୍ରି ପରିଶ୍ରମ ଏବଂ ଅନେକାନେକ ଯୋଗୀ, ମହନ୍ତ, ଉଦାସୀନ ଓ ପରମହଂସାଦି ମହାତ୍ମାମାନଙ୍କ ସେବା କରି ଅବଧୌତମତାନୁସାରେ ସମସ୍ତ ପ୍ରକାର ରୋଗର ଉଗ୍ର ଅବସ୍ଥାରେ ସୁଅବ୍ୟ ଔଷଧ ଓ ଧାତୁବାତୁକ ଚିକିତ୍ସାପ୍ରଣାଳୀ ଶିକ୍ଷା କରି ଅନେକ ବ୍ୟକ୍ତିଙ୍କୁ ଅସାଧ୍ୟରୋଗରୁ ମୁକ୍ତ କରୁଅଛୁଁ । ସର୍ବସାଧାରଣଙ୍କ ହିତାର୍ଥରେ ସମସ୍ତ ଔଷଧ ବହୁବ୍ୟୟ ଓ ପରିଶ୍ରମରେ ପ୍ରସ୍ତୁତ କରି ଅଳ୍ପ ମୂଲ୍ୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ରଖା ହୋଇଅଛି ।

ସମାଗତ ଦରିଦ୍ରମାନେ ଅଳ୍ପ ଟଙ୍କାରେ ବିନାମୂଲ୍ୟରେ ଔଷଧ ପ୍ରାପ୍ତ ହୋଇ ଥାନ୍ତି । ଯାହାର ସଉଠାରୁ ବେଶୀ ଦେଖି ଯିବାକୁ ହେଲେ ଆମ୍ଭେ ଅବସ୍ଥାନୁସାରେ ଦର୍ଶନୀ ନେଉ ଥାଉଁ । ବିଦେଶରେ ରୋଗୀ ଦେଖିବା ନିମନ୍ତେ ଯିବାକୁ ହେଲେ ପାଥେୟ ଭିନ୍ନ ଦୈନିକ ଟ ୧୬୯ ଙ୍କା ଦର୍ଶନୀ ନିରୂପିତ ଅଛି । ମଫସଲବାସିମାନେ ପୀଡ଼ାର ବିସ୍ତାରିତ ବିବରଣ ସହ ପତ୍ର ଲେଖିଲେ ଚିକିତ୍ସିତ ହୋଇପାରନ୍ତି । ଯେଉଁ ବ୍ୟକ୍ତିମାନେ ପୁରାତନ, ଅସାଧ୍ୟ, କଠିନ, ରୋଗରେ ନିରନ୍ତର କଷ୍ଟଭୋଗ କରି ଆରୋଗ୍ୟ ଲାଭରୁ ହତାଶ ହୋଇ ଅଛନ୍ତି, ନାନାପ୍ରକାର ଚିକିତ୍ସାଦ୍ବାର ଯେଉଁମାନେ କିଛିମାତ୍ର ଉପକାର ପାଇ ନାହାନ୍ତି ସେମାନେ ଏହି ସାଧୁପ୍ରଦତ୍ତ ଅତ୍ୟାଶ୍ଚର୍ଯ୍ୟ ଅବଧୌତ ଚିକିତ୍ସାର ଆଶ୍ରୟ ଗ୍ରହଣ କଲେ ଆରୋଗ୍ୟ ହୋଇ ପାରିବେ ।—

ଚିକିତ୍ସାର୍ଥୀ ବ୍ୟକ୍ତିମାନେ କଟକ ମହୀଦାସ ବଜାର ଶ୍ରୀଯୁକ୍ତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ମହାଶୟଙ୍କ ଗୃହଠାରେ ପ୍ରାତଃକାଳରେ ସମାଗତ ହେବେ ।

। ସା । ହାଲ ମହୀଦାସ ବଜାର ସହର କଟକ } ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ । ଅବଧୌତ — ଚିକିତ୍ସକ ।

ଚଳିତମାସ ତା ୧୬ ରିଖ ସୋମବାରଠାରୁ କଟକ ରେଭେନ୍ସା କଲେଜ ଏବଂ କଲେଜିଏଟ ସ୍କୁଲ ସାଢ଼େଦଶଟା ସମୟରୁ ହେବ ।

S. Ager.

କଟକ } ପ୍ରିନ୍ସିପେଲ କଟକ
୧୦ । ୬ । ୭୯ } ରେଭେନ୍ସା କଲେଜ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ମଥୁରମୋହନ ପାଣ୍ଡି ବାଲେଶ୍ବର | ଅଗ୍ରିମ | ଟ ୭ ।୵ |
| " ଜଗନ୍ମୋହନ ରାୟ କଟକ | ବକେୟା | ଟ ୬୧ |
| ଶ୍ରୀ ରୁକ୍ ସାହେବ " | ଅଗ୍ରିମ | ଟ ୨ । |
| ବାବୁ ପ୍ରାଣନାଥ ଦତ୍ତ ନୂଆଁଶାର | ବକେୟା | ଟ ୧୩୧ |
| " ଭଗୀରଥୀ ଷଡ଼ଙ୍ଗୀ କଟକ | " | ଟ ୨୧ |
| " ଗଣେଶପ୍ରସାଦ ସିଂହ " | " | ଟ ୩୧ |
| ଶ୍ରୀ ଶ୍ରୀ ରାଜା ଚନ୍ଦ୍ରେ ମୟୁର | " | ଟ ୬୧ |
| ମୁନ୍‌ସୀ ଶେଖ ରହେମବକ୍ସ ଭଦ୍ରକ | ଅଗ୍ରିମ | ଟ ୬୧ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଗ
ସଂ ୨୫ ଖ୍ୟା

ତା ୨୯ ଋଖ ମାହେ ଜୁନ ସନ ୧୮୭୫ ମସିହା । ମୂ । ଆଷାଢ଼ ବ ୯ ଜ ସନ ୧୨୮୨ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୯
ମଫସଲପାଁଇ ଡାକମାସୁଲ ଟ୧୷୬

ଅଦ୍ୟ ଶ୍ରୀଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରଧାନ ଯାତ୍ରା । ଏବର୍ଷ ବିଶେଷ ଯାତ୍ରୀ ହୋଇ ଅଛନ୍ତି । ଦେବସ୍ନାନ ପୂର୍ଣ୍ଣିମା ଦିନ ଦଶ ସହସ୍ର ଯାତ୍ରୀ ହୋଇଥିଲେ ନବଯୌବନଦିନକୁ ୩୦୦୦୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ଅଧିକ ଯାତ୍ରୀ ହେବା ଦୃଷ୍ଟିରେ ପୁରୀର ମେଜିଷ୍ଟ୍ରେଟ ସାହେବଙ୍କ ପ୍ରାର୍ଥନା ମତେ ଏଠାରୁ ପୁଲିସର ଅସିଷ୍ଟାଣ୍ଟ ସାହେବ ଦୁଇଜଣ ହେଡ୍‌କନ୍‌ଷ୍ଟେବଲ ଓ ୩୦ଜଣ କନ୍‌ଷ୍ଟେବଲ ସେଠା ପୁଲିସର ସାହାଯ୍ୟ ନିମନ୍ତେ ଯାଇଅଛନ୍ତି । ଶୁଣିବାରେ ପୁଲିସର ବନ୍ଦୋବସ୍ତ ଉତ୍ତମ ହୋଇଅଛି ମାତ୍ର ଓଲାଉଠା ଉପସ୍ଥିତ ହୋଇ ଭୟର କାରଣ ହୋଇ ଅଛି ।

---

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଆମ୍ଭମାନଙ୍କର କଲେକ୍ଟର ନୋଲନ ସାହେବ ୧୨ଜଣ ପ୍ରବେଶିକା ପରୀକ୍ଷା ଓ ଜଣେ ଏଲ. ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ଆପଣା କଚେରିରେ ଆପ୍ରେଣ୍ଟିସ କର୍ମରେ ନିଯୁକ୍ତ କରି ଆଜ୍ଞା ଦେଇଅଛନ୍ତି ଯେ କର୍ମ ଖାଲି ହେଲେ ଆଗେ ଏମାନଙ୍କୁ କର୍ମ ଦିଆ ଯିବ । କଟକରେ ଯେ କେତେକ କର୍ମ ଖାଲି ହୋଇ ଥିଲା ସେ ସବୁରେ ସୁଶିକ୍ଷିତ ବ୍ୟକ୍ତିଙ୍କୁ ନିଯୁକ୍ତ କରିଅଛନ୍ତି । ଏଥିରୁ ବୋଧ ହୁଏ ଯେ ଶିକ୍ଷା ପ୍ରତି ତାଙ୍କର ଆଦର ଓ ଉତ୍ସାହ ପ୍ରଦାନ ଅଛି । ଏଣୁ ପର ସକଳ କର୍ମଚାରିମାନେ ଅଶିକ୍ଷିତ ଉମେଦୱାର ବା ଅନୁସରଣିଆ ବା ସୁପାରସ ବ୍ୟକ୍ତିମାନଙ୍କୁ ପରିତ୍ୟକ୍ତ କରି ଶିକ୍ଷିତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କଲେ ବିଦ୍ୟାଶିକ୍ଷାର ଉତ୍ସାହ ଓ ଉନ୍ନତି ହେବ । ଏବଂ କଚେରିର କର୍ମ ମଧ୍ୟ ଅତି ଉତ୍ତମରୂପେ ଚଳିବ ।

---

ସଂସ୍କୃତ ସ୍କୋଲର ଛାତ୍ରମାନଙ୍କର ପରୀକ୍ଷା ଓ ପଦ ପ୍ରଦାନର ପ୍ରସ୍ତାବ ବିଷୟ ଏଥି ପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ । ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ପଦ ସହିତ କିଛି ପୁରସ୍କାର ଦେବା ସକାଶେ ଗବର୍ଣ୍ଣମେଣ୍ଟ ଓ କେତେକ ଦେଶୀୟ ବିଦ୍ୟୋତ୍ସାହୀ ଧନୀ ବ୍ୟକ୍ତି ମୁଦ୍ରା ଦାନ କରି ଥିଲେ । ଉକ୍ତ ପରୀକ୍ଷା ଗତ ଅପ୍ରେଲ ମାସରେ ହୋଇଥିଲା । ତହିଁର ଫଳ ଉତ୍କଳଦର୍ପଣରୁ ନିମ୍ନେ ଉଦ୍ଧୃତ କରୁଅଛୁଁ ଯଥା;—

"ମୋଟରେ ଜ ୨୪ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇ ପଦ ଲାଭ କରିଅଛନ୍ତି । ସଂସ୍କୃତ କାବ୍ୟ, ସ୍ମୃତି, ଦର୍ଶନ, ନ୍ୟାୟ ଏବଂ ବେଦାନ୍ତରେ ପରୀକ୍ଷା ହୋଇଥିଲା । କାବ୍ୟରେ ଜ ୭ ଣ, ସ୍ମୃତିରେ ଜ ୭ ଣ, ବେଦାନ୍ତରେ ଜ ୧ ଣ ଦର୍ଶନରେ ଜ ୨ ଣ ଉତ୍ତୀର୍ଣ୍ଣ ହୋଇଗଲେଛନ୍ତି । ଏମାନଙ୍କ ମଧ୍ୟରୁ ଦଶଜଣ ଗବର୍ଣ୍ଣମେଣ୍ଟଙ୍କ ଦତ୍ତ ଏବଂ ଜ ୧୨ ଣ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଦତ୍ତ ପୁରସ୍କାର ଲଭିଅଛନ୍ତି । ଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ ବର୍ଦ୍ଧମାନ ଏବଂ ନବଦ୍ୱୀପ ଟୋଲମାନଙ୍କରୁ ଆସିଥିବାର ଦେଖାଯାଏ ଦୁଃଖରବିଷୟ ଏହି ଯେ ଓଡ଼ିଶାରୁ କେହି ସଂସ୍କୃତାଧ୍ୟାୟୀ ଏବର୍ଷ ପରୀକ୍ଷା ଦେଲେ ନାହିଁ । ଓଡ଼ିଶାରେ ମଧ୍ୟ ବଙ୍ଗଳାପରି ସଂସ୍କୃତଭାଷାର ଉତ୍ତମ ଚର୍ଚ୍ଚା ଅଛି । ପୁରୁଷୋତ୍ତମ ଏବଂ ଯାଜପୁର ସଂସ୍କୃତାଧ୍ୟୟନର ପୀଠ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏସ୍ଥାନମାନଙ୍କରୁ କେହି ଛାତ୍ର ସାହସୀ ହୋଇ ପରୀକ୍ଷା ଦେଇ ନ ଥିବା ବଡ଼ ଲଜ୍ଜାର ବିଷୟ ଅଟେ । ଓଡ଼ିଶାବାସୀ ଛାତ୍ରମାନଙ୍କୁ ଉତ୍ସାହ ଦେବା କାରଣ ରାଜା ଶ୍ରୀ ଶ୍ୟାମାନନ୍ଦ ଦେ ଏବଂ ରାଣୀ ଶ୍ରୀମତୀଦାସୀ ଉଭୟଙ୍କ ନାମରେ ଟ ୩୦ ଙ୍କା ଏବଂ ଟ ୨୦ ଙ୍କାର ଦୁଇଗୋଟି ପୁରସ୍କାର କୁମାର ବୈକୁଣ୍ଠନାଥ ଦେ ଅର୍ପଣ କରିଥିଲେ । ମାତ୍ର ଓଡ଼ିଶାରୁ କେହି ପରୀକ୍ଷା ଦେଇ ନ ଥିବାରୁ ଉକ୍ତ ଦୁଇଗୋଟି ପୁରସ୍କାର ଦୁଇଜଣ ବଙ୍ଗାଳିଛାତ୍ର ପାଇଅଛନ୍ତି । କୁମାରବାବୁ ଯେଉଁ ଅଭିପ୍ରାୟରେ ପୁରସ୍କାର ଦେଇଥିଲେ ତାହା ସାଧିତ ହୋଇ ନ ଥିବାରୁ ଆମ୍ଭେମାନେ ବଡ଼ ଦୁଃଖିତ ହୋଇଅଛୁଁ । ଉତ୍କଳୀୟଙ୍କୁ ଦତ୍ତ ପୁରସ୍କାର ଅପର ଲୋକ ନେବା ମଧ୍ୟ ଉତ୍କଳୀୟଙ୍କ ପକ୍ଷରେ ଲଜ୍ଜାଜନକ ଅଟେ । ଆଶା କରୁଁ ଆଗାମୀ ବର୍ଷ ଓଡ଼ିଶାର ଛାତ୍ରମାନେ ବଙ୍ଗବାସୀଙ୍କ ସହିତ ଏକତ୍ର ପରୀକ୍ଷୋତ୍ତୀର୍ଣ୍ଣ ଏବଂ ପଦ ଓ ପୁରସ୍କାର ପ୍ରାପ୍ତ ହୋଇ ସେମାନଙ୍କ ମାତୃଭୂମିର ଗୌରବ ରକ୍ଷା କରିବେ "।

ଉତ୍କଳରୁ କେହି ଛାତ୍ର ପରୀକ୍ଷାଦେବାକୁ ନ ଯିବାର ବାସ୍ତବରେ ଲଜ୍ଜା ଓ ନିନ୍ଦାର ବିଷୟ ଅଟେ । ଆଗାମୀ ବର୍ଷକୁ ଯେପରି ଏ ନିନ୍ଦା ନ ଘଟେ ଏଥିକି ଦୃଷ୍ଟି କରି ଉତ୍କଳୀୟ ଛାତ୍ରମାନେ ଯତ୍ନବାନ୍ ହେଉନ୍ତୁ ।

---

### ନଗରକାର୍ଯ୍ୟ ।

ଏ ନଗରର ସଡ଼କ, ଗଳି ରାସ୍ତା ଇତ୍ୟାଦି ମରାମତି ପକ୍ଷରେ ଶ୍ରୀଯୁତ ହାଣ୍ଡଲ ସାହେବ ଜଏଣ୍ଟ ମେଜିଷ୍ଟ୍ରେଟଙ୍କର ବିଶେଷ ଯତ୍ନ ଦେଖି ଆମ୍ଭେମାନେ ଅତି ଆନନ୍ଦିତ ହୋଇଅଛୁଁ । ଶ୍ରୀଯୁତ ଟମସ୍ ସାହେବ କେବଳ ହାଟରେ ମାଟି ସଡ଼କସବୁକୁ ପ୍ରାୟ ଖଡ଼ାଇ ଦେଇଥିଲେ । ଆଉ କାର୍ଯ୍ୟ କଥା ତେଣିକି ଥାଉ ବର୍ଷା ସମୟରେ କର୍ଦ୍ଦମା ସଫାଇ ଯେ ନିତାନ୍ତ ଆବଶ୍ୟକ

Digitized by srujanika@gmail.com

Split by PDF Splitter



ତାହା ସୁଦ୍ଧା ବନ୍ଦିତ ହୋଇଥିଲା । ହାମ୍ବଲ ସାହେବ ମିଉନିସିପାଲଟୀର ସରକାରୀ ସଭାପତି ହେଲା ଦିନୁ ସେ ସଡ଼କର ସଂସ୍କାର କାର୍ଯ୍ୟରେ ଉଦ୍‌ଯୋଗୀ ହୋଇ ଅନେକ ସଡ଼କ ସୁଧରାଇଲେଣି । ବର୍ତ୍ତମାନ ନର୍ଦ୍ଦମା ଖୋଲାର କର୍ମ ଲାଗିଅଛି । ବର୍ଷାଋତୁ ପ୍ରବେଶ ପୂର୍ବରୁ ଏକାର୍ଯ୍ୟ ଆରମ୍ଭ ହେବା ଭଲ ହୋଇଅଛି । ନଗରର ବର୍ଷାଜଳ ସମ୍ପୂର୍ଣ୍ଣରୂପେ ନିର୍ଗତ ହେବା ସକାଶେ ବୃହତ୍ ନାଲ ଖୋଲା ହେବାର ପୂର୍ବେ ପ୍ରସ୍ତାବ ହୋଇଥିଲା ଓ ତହିଁ ନିମନ୍ତେ ଏବର୍ଷର ବଜେଟରେ ଅନେକ ଟଙ୍କା ମଞ୍ଜୁର ହୋଇଥିଲା ସେ କର୍ମ ଆରମ୍ଭ ହୋଇଅଛି ଓ ତହିଁ ସଙ୍ଗେ ଗଳିସ୍ତାର ମୋହଡ଼ମାନ ମଧ୍ୟ ଖୋଲା ହେଉଅଛି । କେତେକ ନୂତନ ପୋଲ ପ୍ରସ୍ତୁତ ହେଉଅଛି ଓ ପୁରାତନ ପୋଲର ସଂସ୍କାର ହେଉଅଛି । କ୍ଷୁଦ୍ର ପୋଲମାନ ପୋତି ହୋଇ ପଡ଼ିଥିଲା ସେସବୁ ପରିଷ୍କାର ହେଉଅଛି । ଗଳିସ୍ତାର ମୋହଡ଼ି ଖୋଲାଇବାରେ ସେ ରାସ୍ତାମାନ ମଧ୍ୟ ମରାମତ ହୋଇ ଯାଉଅଛି । ସକାଳ କଚେରି ହେଉଥିଲେହେଁ ହାମ୍ବଲ ସାହେବ ଅବସର ଅନୁସାରେ ସହରରେ ଭ୍ରମଣକରି ସକଳ କାର୍ଯ୍ୟ ଦେଖି ଉତ୍ତମରୂପେ କରାଉଅଛନ୍ତି । ଏଥି ପାଇଁ ଆମ୍ଭେମାନେ ତାଙ୍କୁ ପ୍ରଶଂସା କରୁଅଛୁଁ । ଆମ୍ଭମାନଙ୍କର କହିବାର ଏହି ଯେ ଯେଉଁ ପୋଲସବୁ ଭଙ୍ଗା ହେଉଅଛି କିମ୍ବା ଯେଉଁଠାରେ ନୂତନ ପୋଲ ସକାଶେ ସଡ଼କ ଖୋଲା ହେଉଅଛି ସେ ଖୋଲା ସ୍ଥାନର ଦୁଇ ପାର୍ଶ୍ୱରେ ବାଡ଼ ବା କିଛି ଅଟକ ଦିଆ ହୋଇ ନ ଥିବାର ଅନେକ ସ୍ଥଳେ ଦେଖୁଅଛୁଁ । ଏ ହେତୁ ରାତ୍ରରେ ଏଥିରେ ମନୁଷ୍ୟ ଓ ପଶୁ ପଡ଼ିବାର ସମ୍ଭବ, ଓ ଜଣେ ପଡ଼ିବାର ଶୁଣିଲୁଁ ଏବଂ କେତେକ ସ୍ଥଳେ ଗତାୟାତର ବଡ଼ ଅସୁବିଧା ଘଟୁଅଛି । ଏଥିର କିଛି ବ୍ୟବସ୍ଥା କରିବାର ଆବଶ୍ୟକ । ଆଉ ଗୋଟିଏ କଥା ଏହି ଯେ ଯେଉଁ ନର୍ଦ୍ଦମା ବା ନାଳସବୁ କିଛି ଗଭୀରରେ ଖୋଲା ହୋଇଅଛି ବିଶେଷ ବର୍ଷାରେ ଅତଡ଼ା ଖାଇ ପୋତି ହୋଇ ପଡ଼ିବାର ସମ୍ଭବ । ତହିଁର ଦୁଇପାର୍ଶ୍ୱରେ ପଥର ବସିଲେ ଏ ଆଶଙ୍କା ନ ରହନ୍ତା ଓ ସେସବୁ ଚିରସ୍ଥାୟୀ ହୁଅନ୍ତା କିନ୍ତୁ ତହିଁରେ ଅନେକ ଟଙ୍କା ଲାଗିବ ଓ ଏହା ସମ୍ଭବ ହୋଇ ନ ପାରେ । ତେବେ ଯେଉଁ ସ୍ଥାନମାନଙ୍କରେ ନାଳକୁ ବିଶେଷ ପାଣି ପଶଇ କେବଳ ସେହି ସ୍ଥାନମାନଙ୍କରେ ପଥର ବସାଇ ଦେଲେ ଅଧିକ ଅତଡ଼ା ଖାଇ ନ ପାରିବ ଓ ଏଥିରେ ଅନେକ ବ୍ୟୟ ନ ପଡ଼ିବ । ହାମ୍ବଲ ସାହେବ ଅବଶ୍ୟ କିଛି ବ୍ୟବସ୍ଥା କରିବେ ଆମ୍ଭମାନଙ୍କ ବୋଲିବା ବାହୁଲ୍ୟ ।

———

## ଘାଟଅତ୍ୟାଚାର ।

ଘାଟର ଅତ୍ୟାଚାର ବିଷୟ ଲେଖିବାର ଆମ୍ଭମାନଙ୍କର ଗୋଟିଏ ବାର୍ଷିକ କର୍ମ ହେଲଣି । ଏ ବର୍ଷ ମହାନଦୀରେ ଅତି ଚଞ୍ଚଳ ଅର୍ଥାତ୍ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ପାଣି ପଡ଼ିଲା ଓ ସେହି ସମୟରୁ ଅନେକ ଯାତ୍ରୀ ପୁରୀକୁ ଯାଉଅଛନ୍ତି ଓ ସେମାନଙ୍କ ସଙ୍ଗେ ଅନେକ ଗାଡ଼ି ଅଛି । ଆମ୍ଭେମାନେ ଅନେକ ଲୋକ ପ୍ରମୁଖାତ୍ ଶୁଣୁଅଛୁଁ ଯେ ମହାନଦୀ ଯୋବ୍‌ରା ଘାଟର ସେପାରିରେ ମାଝିମାନେ ଯାତ୍ରୀଙ୍କଠାରୁ ପ୍ରତି ଗାଡ଼ିରେ ଚାରିଅଣାରୁ ଆଠଅଣା ପର୍ଯ୍ୟନ୍ତ ଅଧିକା ଋସୁମ ନ ନେଲେ ସେମାନଙ୍କର ଗାଡ଼ି ନୌକାରେ ଚଢ଼ାଉ ନାହାନ୍ତି । ଏଥିରେ ଯେ ସେମାନଙ୍କର ଦୁଃଖ ସରୁଅଛି ତାହା ନୁହେଁ, ଘାଟରେ ଯଥେଷ୍ଟ ନୌକା ନ ଥିବାରୁ ସେମାନେ ଓଳିଏ୨ ସେପାରିରେ ପଡ଼ି ରହୁଅଛନ୍ତି । ଗତ ବର୍ଷାରେ ବାଲିରେ ଓଳିଏ ଅବା ଦୁଇ ଚାରିଘଣ୍ଟା ପଡ଼ି ରହିବା ଓ ତତଃପର ଅଧିକା ଋସୁମ ଦେଇ ପାର ହେବା ଅତି କଷ୍ଟକର ଅଟେ । କେହି୨ କହି ପାରନ୍ତି ସେମାନେ ମେଜିଷ୍ଟର ସାହେବଙ୍କଠାରେ ଏଥିର ଗୁହାରି କରୁ ନାହାନ୍ତି କାହିଁ କି ? ଏହା ସହଜ କଥା ନୁହେଁ, ଏକେ ସେମାନେ ପଥିକ, ମେଜିଷ୍ଟରୀରେ ଦରଖାସ୍ତ ଦେବାକୁ ହେଲେ ଅବଶ୍ୟ ଦିନେ ଦୁଇଦିନ ବସି ରହିବାକୁ ହେବ ଓ କିଛି ଖର୍ଚ୍ଚା ମଧ୍ୟ ପଡ଼ିବ । ବିଶେଷତଃ ସେମାନେ ସହର ମଧ୍ୟକୁ ଆସିବାର ନିଷେଧ । ଏ ସ୍ଥଳେ ସେମାନେ ଅତ୍ୟାଚାର ସହି ଚୁପ ହୋଇ ବାଟେ୨ ନ ଯାଇ ଆଉ ତାଙ୍କର ଗତି କଣ ଅଛି ? ବୋଧ ହୁଏ ସହର ମଧ୍ୟକୁ ସେମାନଙ୍କ ଆସିବାର ନିଷେଧ କଥା ଜାଣି ମାଝିମାନେ ଅନ୍ୟ ପଥିକଙ୍କ ଅପେକ୍ଷା ସେମାନଙ୍କପ୍ରତି ବିଶେଷ ଅତ୍ୟାଚାର କରୁଅଛନ୍ତି । ଯାତ୍ରୀ ହେଉ ବା ନ ହେଉ ପଥିକ ପକ୍ଷରେ ମକଦମା କରିବା ସହଜ ବ୍ୟାପାର ନୁହେଁ ଏହା କାହାକୁ ଅବିଦିତ ନାହିଁ ।

ଗତବର୍ଷ ଆମ୍ଭେମାନେ ଘାଟର ଦୌରାତ୍ମ୍ୟ ବିଷୟ ଏପରି ଭାବରେ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲୁଁ ଓ ସେହି ଅମଲ ମଧ୍ୟ ଡିଭନସାହେବ ମେଜିଷ୍ଟରଙ୍କଠାରେ ଏ ବିଷୟରେ ଦରଖାସ୍ତ ଦେଇଥିଲେ ଦିନୁ ସାହେବ ଇଜାରାଦାର ପ୍ରତି କିଛି ଦଣ୍ଡବିଧାନ ନ କରି ଏ ବର୍ଷକୁ ଇଜାରା ପ୍ରଥା ଉଠାଇ ଦେଇ ଘାଟମାନ ଖାସରେ ରଖିବାର ଆଜ୍ଞା ଦେଇଥିଲେ । ଇଜାରାଦାରକୁ ଦଣ୍ଡ ହେଲା ନାହିଁ ଓ ଇଜାରା ଉଠିଲା ନାହିଁ ଏ ସ୍ଥଳେ ସେ ଅବା ମାଝିମାନେ ଅତ୍ୟାଚାର କରିବାକୁ କାହିଁକି ଉତ୍ସାହିତ ନ ହେବେ? ଇଜାରା ପ୍ରଥାରେ ଅଧିକ ଲାଭ ଦୃଷ୍ଟିରେ ମ୍ୟୁନିସିପଲ କମିଶନର ମାନେ ସେ ପ୍ରଥା ନ ଉଠାଇ ଅତ୍ୟାଚାର ନିବାରଣ ନିମିତ୍ତ ଜଣେ ଇନ୍‌ସ୍ପେକ୍ଟର ରଖିବାର ପ୍ରସ୍ତାବ କରିଥିଲେ କିନ୍ତୁ କାର୍ଯ୍ୟରେ କିଛି ଦେଖାଗଲା ନାହିଁ ଯେବେ ଦୌରାତ୍ମ୍ୟ ନିବାରଣ ନ ହେଲା ତେବେ ଇନ୍‌ସ୍ପେକ୍ଟର ନିଯୁକ୍ତ ହୋଇ ଥିଲେ କେତେ ନ ହୋଇ ଥିଲେ କେତେ । ସ୍ନାନ୍ତି ପରେ ଯାତ୍ରି ଫେରିଲା ବେଳକୁ ଏକାବେଳକେ ଅନେକାନେକ ଆସିବେ ସେ ସମୟରେ ସେମାନେ ଚଞ୍ଚଳ ଓ ଅଧିକା ଋସୁମ ବିନା ନଦୀ ପାର ହେବା ପକ୍ଷରେ କିଛି ବିଶେଷ ବ୍ୟବସ୍ଥା କରିବାର ଆବଶ୍ୟକ । ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ଖାସକୁ ମେଜିଷ୍ଟର ବୋଲନ ସାହେବ ଓ ମ୍ୟୁନିସିପଲ ସହରର ସଭାପତି ହାମ୍ବଲ ସାହେବ ଏଥିର କିଛି ବ୍ୟବସ୍ଥା କରନ୍ତୁ ନଚେତ୍ ଯାତ୍ରିଙ୍କର ବିଶେଷ କ୍ଳେଶ ହେବ ।

———

## ସରକାରୀ ବ୍ୟୟ ଲାଘବ ।

ଏତେଦିନେ ଗବର୍ଣ୍ଣମେଣ୍ଟ ବ୍ୟୟ ଲାଘବ କରିବାକାରଣ ଦୃଢ଼ସଂକଳ୍ପ କରିଅଛନ୍ତି । ପ୍ରଥମେ ଅମିତବ୍ୟୟୀ ପବ୍ଲିକୱାର୍କସ ମହକୁମା ଉପରେ ଦୃଷ୍ଟି ପଡ଼ିଅଛି । ଏ ମହକୁମାରେ ଯେପରି ଅପବ୍ୟୟ ହୁଏ ତାହାରି ଅବିଦିତ ନାହିଁ । ଅତଏବ ଏଥିର ବ୍ୟୟ ଆଗେ କର୍ତ୍ତନ କରିବାର ଆଜ୍ଞା ଅତି ଯଥାର୍ଥ ଅଟେ । କେତେକ ଇଞ୍ଜିନିୟର କର୍ମଚାରୀ କର୍ତ୍ତନ ହେବେ । ବୃହତ୍ କର୍ମମାନ ସ୍ଥଗିତ ରହିଲାଣି ଓ ସରକାରୀ ଘରମାନଙ୍କର ବାର୍ଷିକ ସଂସ୍କାର କାର୍ଯ୍ୟ ମଧ୍ୟ ଅଳ୍ପ ହେବ । ମୋଟରେ ଏକକୋଟି ପଚିଶିଲକ୍ଷ ଅଶୀହଜାର ଟଙ୍କା କମ କରିବାର ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି । ଏଥିର ବ୍ୟବସ୍ଥା ହେଉଅଛି । ପବ୍ଲିକୱାର୍କସ ଭିନ୍ନ ଅନ୍ୟ ମହକୁମାର ବ୍ୟୟ ମଧ୍ୟ କମା ହେବ । ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବ ବୋଲନ୍ତି ସାଧାରଣ ସମୟରେ ଅନୁଚିତ ବ୍ୟୟ ନିର୍ବାହ କରି ଦୁର୍ଭିକ୍ଷ

Digitized by srujanika@gmail.com

Split by PDF Splitter



ଓ ଅନପେକ୍ଷିତ ବ୍ୟୟ ନିମନ୍ତେ ପ୍ରତିବର୍ଷ ଦୁଇକୋଟି ଟଙ୍କା ସଞ୍ଚୟ କରିବାର ଆବଶ୍ୟକ । ଏଥିରୁ ୧୦ବର୍ଷ ପୂର୍ବେ ଏରୂପ ଫଳ ଘଟିଥିଲା ମାତ୍ର ଏବର୍ଷ ନିରୂପିତ ବ୍ୟୟରୁ ଟ ୧୩୯୫୦୦୦୦ ଙ୍କା ଅନଟନ ହେଉଅଛି । ବିଲାତରେ ରୂପାମୂଲ୍ୟର ହ୍ରାସ ତହିଁର ପ୍ରଧାନ କାରଣ ଅଟଇ । ବିଲାତର ବ୍ୟୟ ନିମନ୍ତେ ଏଠାରୁ ଯେତେ ଟଙ୍କା ଯିବ ତହିଁରେ ଟ୪,୧୪,୦୦,୦୦୦ ଙ୍କା କ୍ଷତି ପଡ଼ିବାର ଅନୁମାନ ହୋଇଅଛି ମାତ୍ର ବଜେଟ ଇଷ୍ଟିମିଟରେ ଏ ବାବତରେ ତିନିକୋଟି ଟଙ୍କା ଧରାଯାଇଥିଲା ସୁତରାଂ ଏହା ଏହି ପଦରେ ଏକକୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅନଟନ ହେଉଅଛି ଏପରି କ୍ଷତି ଯେ ଭବିଷ୍ୟତରେ ନ ପଡ଼ିବ ବୋଲାଯାଇ ନ ପାରେ ଅତଏବ ଶାସନ ବିଭାଗର ବ୍ୟୟ ମଧ୍ୟ ଊଣା କରିବାକୁ ହେବ । ଦୁର୍ଭିକ୍ଷ ବ୍ୟୟକୁ ଛାଡ଼ି ପୂର୍ବାପେକ୍ଷା ଏ ବିଭାଗର ବ୍ୟୟ ପ୍ରତିବର୍ଷ ଦେଢ଼କୋଟି ଟଙ୍କା ଊଣା ହୋଇଅଛି ତଥାଚ ଆହୁରି ଊଣା କରିବାର ଆବଶ୍ୟକ । ଏଣୁକରି ଏ ବିଷୟରେ ମହାମାନ୍ୟ ଲାଟସାହେବ ସମସ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଆଦେଶ ଦେଇଅଛନ୍ତି ।

ପାୟୋନିୟର ପତ୍ରିକା ଲେଖନ୍ତି ସର ହେନରି ଡାଲିସାହେବ ବ୍ୟୟ ଲାଘବର ବ୍ୟବସ୍ଥା କରିବାକାରଣ ସିମଲଠାକୁ ଯାଇଅଛନ୍ତି । ଏଥିରୁ ହିନ୍ଦୁପେଟ୍ରିଅଟ ବୋଲନ୍ତି " ଦୁଃଖୀ କିସାନଙ୍କର ଦାନା ମାରନା, ସ୍ୱୟଂ ଗବର୍ଣ୍ଣର ଜେନରଲ ବାହାଦୁର ଓ କାଉନସଲର ମେମ୍ବର ସହିତ ସମସ୍ତ ଉଚ୍ଚ ବେତନର କର୍ମଚାରୀଙ୍କର ବେତନ ଶତକଡ଼ା ଟ ୨୦ ଙ୍କା ଦରରେ କର୍ତ୍ତନ କର "। ଆମ୍ଭମାନଙ୍କର ମଧ୍ୟ ଏହି ମତ । ପିଆଦା ଚପରାଶୀ ଦପ୍ତରୀ ବା ଅମଲା କାଟିଲେ ତାଦୃଶ ଲାଭ ହେବ ନାହିଁ । ସହସ୍ର ଟଙ୍କା ଓ ତତୋଧିକ ବେତନଭୋଗୀ କର୍ମଚାରୀଙ୍କର ବେତନ ଶତକଡ଼ା କୋଡ଼ିଏଟଙ୍କା ଛଡ଼ ଦଶଟଙ୍କା ଦରରେ କାଟିଲେ ଅନେକ ଲାଭ ହେବ ଓ ମଧ୍ୟ ସେମାନଙ୍କୁ ତାଦୃଶ ବାଧିବ ନାହିଁ ସତେ କି ଗବର୍ଣ୍ଣମେଣ୍ଟ ଏହା କରିବେ ? ଯାହାହେଉ ବାରିକମାଷ୍ଟରୀ ମହକୁମାର ବ୍ୟୟ ଯେ ଅନେକ ଊଣା ହୋଇଅଛି ସନ୍ତୋଷର ବିଷୟ ।

ଯଦ୍ୟପି ଗବର୍ଣ୍ଣମେଣ୍ଟ ଉଚ୍ଚ ବେତନ ଭୋଗିଙ୍କ ବେତନ କର୍ତ୍ତନ କରିବାକୁ ଉଚିତ ବୋଧ ନ କରନ୍ତି ତେବେ ସେମାନଙ୍କ ସଂଖ୍ୟା ଊଣା ହୋଇ ପାରେ କି ନା ଏଥିର ବିଚାର କରିବାର ଆବଶ୍ୟକ । ଆମ୍ଭମାନଙ୍କ ବିବେଚନାରେ ସରକାରୀ କର୍ମ ବିନା ବାଧାରେ କେତେକ ସଂଖ୍ୟା ଊଣା ହୋଇପାରେ । ଗବର୍ଣ୍ଣରଜେନରଲ ସାହେବଙ୍କ ସଭାର ଜଣେ ମେମ୍ବରଙ୍କ କାଟିଦେବାର ହିନ୍ଦୁପେଟ୍ରିଅଟ ଅନେକ ଯଥାର୍ଥ ଯୁକ୍ତି ଦେଖାଇ ଅଛନ୍ତି । ଏଦେଶରେ ପୂର୍ବେ ଜ ୫ ଣ ସଭ୍ୟ ଥିଲେ କେତେକ ବର୍ଷ ହେଲା ବାରିକ ମାଷ୍ଟର କର୍ମ ବୃଦ୍ଧିବା ସକାଶେ ଆଉ ଜଣେ ସଭ୍ୟ ଅଧିକା ନିଯୁକ୍ତ ହୋଇ ଅଛନ୍ତି । ଏଥିରେ ଏକଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ହେଉଅଛି । ମାତ୍ର ସରକାରଙ୍କର ତାଦୃଶ ଲାଭ ନାହିଁ । ଏହି ଗୋଟିଏ ଅଧିକା କର୍ମ ଉଠାଇଦେଲେ ଗବର୍ଣ୍ଣମେଣ୍ଟଙ୍କର ବର୍ଷରେ ଲକ୍ଷେ ଟଙ୍କା ଲାଭ ହେବ କି ଯାହା ଦେଶହିତକାର ଚପରାଶି ହମ୍ପା ଦେଡଶ ଅମଲା କାଟିଲେ ହୋଇ ନ ପାରିବ ।

# ସାପ୍ତାହିକସଂବାଦ ।

ଆସନ୍ତା ସୋମବାରଠାରୁ କଲେକ୍ଟର କଚେରୀ ଏଗାର ଘଣ୍ଟାରୁ ହେବ । ଏବର୍ଷ ସକାଳ କଚେରୀ ଅନେକ ଦିନ ପର୍ଯ୍ୟନ୍ତ ହେଲା ।

ପୁରୀରୁ ସମ୍ବାଦ ଆସିଅଛି ଯେ ନବଯୌବନର ଦର୍ଶନ ଯାତ୍ରିମାନେ ଉତ୍ତମରୂପେ କରିଅଛନ୍ତି କୌଣସି ଦୁର୍ଘଟନା ବା ଉତ୍ପାତ ହୋଇ ନାହିଁ ସ୍ୱୟଂ ମାଜିଷ୍ଟ୍ରେଟ ଓ ପୁଲିସ ସାହେବ ସିଂହଦ୍ୱାରରେ ଉପସ୍ଥିତ ଥାଇ ଦର୍ଶନ କରାଉଥିଲେ ।

ଉତ୍କଳ ଦର୍ପଣରୁ ଅବଗତ ହେଲୁଁ ବାଲେଶ୍ୱରରେ ଓଲାଉଠାର ପ୍ରାଦୁର୍ଭାବ ଲେଶମାତ୍ର ଊଣା ହୋଇ ନାହିଁ । ସେ ଯଥାର୍ଥ ବୋଲନ୍ତି ବିଶେଷ ବର୍ଷା ନ ହେଲେ ଏରୋଗ ଉପଶମ ନ ହେବ । ଶ୍ୟାମସୁନ୍ଦରଜୀଉଙ୍କୁ ଏତେ ଆଡ଼ମ୍ବରରେ ଓ ଟ୩୦୦୧ ଙ୍କା ବ୍ୟୟରେ ନଗରକୁ ବାହାର କରିବାରେ କିଛି ଫଳ ଘଟିଲା ନାହିଁ କିମ୍ବା ଆମ୍ଭମାନଙ୍କର ଆଶଙ୍କା ଘଟିଲା କି ? ତେବେ ବାଲେଶ୍ୱର ବାସିମାନେ ଅରଥରେ ସହସ୍ର ଟଙ୍କା ବ୍ୟୟରେ ଶ୍ୟାମସୁନ୍ଦରଜୀଉଙ୍କୁ ବାହାର କରନ୍ତୁ ।

ଏ ନଗର ବଙ୍ଗେଳର ଜଣେ ମହାନ୍ତ ଅସ୍ୱାଭାବିକ ଅପରାଧରେ ଦୌରାସୁପର୍ଦ୍ଦ ହୋଇଅଛି ।

ଗଣ୍ଡମକରେ ଇଂରେଜ ସୈନ୍ୟଙ୍କର ପରେଟ ହୋଇଥିଲା । ଅମିର ୟାକୁବ୍ ଖାଁ ତୋପର ବ୍ୟବହାର ଦେଖି ଚମତ୍କୃତ ହେଲେ ।

ପୁନାର କଲେଜ ଉଠି ଯାଇ ହାଇସ୍କୁଲ ହେବ । ଏଥିର କାରଣ କିଛି ଜଣାଯାଉ ନାହିଁ । କଟକ କଲେଜର ଅବସ୍ଥାକୁ ସେଠା କଲେଜ ଲଭିଅଛି କି ? ପୁନାରେ ଶିକ୍ଷାର ବିସ୍ତାର ଓ ଉନ୍ନତି ଆବଶ୍ୟକ । ଏହା ଡକାଏତି ନିବାରଣର ଗୋଟିଏ ପ୍ରଧାନ ଉପାୟ ।

ଦିଲ୍ଲୀରେ ଅନେକ କୃତ୍ରିମ ମୁଦ୍ରା ଜଣେ ବିଦେଶୀଠାରେ ଧରା ପଡ଼ିଅଛି । ଅପରାଧୀ ଦୋଷ ସ୍ୱୀକାର କରି କୁହେ ଯେ ଜର୍ମେନି ଦେଶର ମୁଦ୍ରାକାରଙ୍କ ସଙ୍ଗେ ତାହାର ବ୍ୟବହାର ଅଛି । ପୁଲିସ ଏଥିର ତଦନ୍ତ କରୁଅଛନ୍ତି । ସେ ଅପରାଧୀ କେହି ଇଉରୋପୀୟାନ ହେବ ପରା ।

କାଗୁହାରର ସେଡ଼ସେସ ଇଣ୍ଡିମିସ୍ର ସାହେବ ଗୋଟିଏ ହାଟ ବାଟେ ଯାଉଥିବା ବେଳେ କିଛି ଦୂରରେ ତାଙ୍କ ଅଧୀନସ୍ଥ ସବ୍ ଓଭରସିୟରକୁ ଦେଖିଲେ । ସେ ଘୋଡ଼ା ପିଠିଥିବାରୁ ସାହେବଙ୍କ ନିକଟକୁ ନ ଆସି କିମ୍ବା ସଲାମ ନ କରି ତାଙ୍କୁ ଦେଖି ନ ଦେଖିଲା ପ୍ରାୟ ଚାଲିଗଲା । ଏହା କି ଛୋଟ ସାହେବଙ୍କର ସହ୍ୟ ହୁଏ । ସେ କଚେରୀକୁ ଆସି ସବ୍ ଓଭରସିୟରକୁ ବରଖାସ୍ତ କଲେ । ସେ ତହିଁର କାରଣ ପଚାରିବାରେ ସାହେବ କହିଲେ ତୁମ୍ଭେ ହଜୁରକୁ ସଲାମ କରି ନାହିଁ ଏହା ଭିନ୍ନ ଅନ୍ୟ କିଛି କାରଣ ନାହିଁ । ଜଣେ୨ ସାହେବ ଏତେ ସଲାମ ପ୍ରିୟ ! ଧନ୍ୟ ତାଙ୍କ ରୁଚି ବିବେଚନା ! !

କାଶ୍ମୀରର ମହାରାଜା ଆଜ୍ଞା ଦେଇଛନ୍ତି ତାଙ୍କର ନିଜ ଘୋଡ଼ାମାନ ଓ ଅନ୍ୟ ଲୋକର ଘୋଡ଼ାମାନ ଶସ୍ୟ ବୋହିବାରେ ନିଯୁକ୍ତ ହେବେ । କାଶ୍ମୀରରେ ଦୁର୍ଭିକ୍ଷ ଏ ପର୍ଯ୍ୟନ୍ତ ରହି ଲୋକଙ୍କୁ ଯନ୍ତ୍ରଣା ଦେଉଅଛି । ଏଥିର ଅତିରିକ୍ତ ଓଲାଉଠା ଉପସ୍ଥିତ ହେଉଅଛି ।

ହୁଗଳିରେ ଗୋଟିଏ ସାହିତ୍ୟ ସଭା ସ୍ଥାପନ ହୋଇଅଛି ଏ ସଭା ମାସିକ ହେବ ଓ ସଙ୍ଗୀତ ଭିନ୍ନ ଅନ୍ୟ ବିଷୟର ରଚନା ପାଠ ଓ ତର୍କ ବିତର୍କ ହେବ ।

ଅମିର ୟାକୁବ୍ ଖାଁଙ୍କୁ ଗବର୍ଣ୍ଣମେଣ୍ଟରୁ ଯେ ଦୁଇଗୋଟା ଆରବୀ ଘୋଡ଼ା ଉପଢୌକନ ସ୍ୱରୂପ ଦିଆ ହୋଇଅଛି ତହିଁର ମୂଲ୍ୟ ଟ ୩୪୦୦୧ ଙ୍କା ପୁଣି ଏହା ଦୁର୍ମୂଲ୍ୟ ନୁହେ ।

ଅମିରଙ୍କ ସଙ୍ଗେ ସନ୍ଧି ହେବାରୁ ପଟିଆଲର ମହାରାଜା ଆନନ୍ଦିତ ହୋଇ ଦରବାର ଓ ରାଜଧାନୀରେ ରୋଶନି କରିଥିଲେ ।

୧ । ସୁଲଭରୁ ଅବଗତ ହେଲୁଁ କାବୁଲକୁ ରେସିଡେଣ୍ଟ ନ ଯାଉଣୁ ଦୁଇଜଣ ପାଦରି ସାହେବ ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଯାଇଅଛନ୍ତି । କାବୁଲମାନଙ୍କୁ ଖ୍ରୀଷ୍ଟାନ କରିବାର ସେମାନଙ୍କର ଉଦ୍ଦେଶ୍ୟ । ଅସଲ ଉତ୍ସାହ ଓ ବୈରାଗ୍ୟର ଏହି ଦୃଷ୍ଟାନ୍ତ ଘଟଇ ।

୨ । ହାବଡ଼ାରୁ ତିନି ଚାରିକୋଶ ଦୂରରେ ଏକ ଗ୍ରାମ ବାଟେ କୌଣସି ବ୍ରାହ୍ମଣ ଯାଉଥିଲା । ଦୈବାତ ସେଠାରେ ସନ୍ଧ୍ୟା ହେଲା, ସଙ୍ଗରେ ତିନି ଚାରିଶତ ଟଙ୍କା ଥିବାରୁ ସେ ସେହି ଟଙ୍କା ଥାନାର ଜମାଦାର ପାଖରେ ରଖି ଏକ ମୋଦି ଦୋକାନରେ ରାତ୍ରରେ ରହିଲା ମୋଦୀ ଘରକୁ ଯାଇଥିବାରୁ ତାହାର ପୁତ୍ର ଦୋକାନର କାର୍ଯ୍ୟ ଚଳାଉଥିଲା । ଦୁଇଜଣଙ୍କୁ ମାରି ଟଙ୍କା ଗୁଡ଼ିକ ଆତ୍ମସାତ କରିବ ଏହା ସ୍ଥିର କରି ଦୁଇ ଘଣ୍ଟା ରାତ୍ରରୁ ସେହି ଜମାଦାର ମୋଦିର ପୁଅ ଯେଉଁଠାରେ ଶୋଇଥିଲା ସେଠାକୁ ଯାଇ ତଲ୍‌ୱାରର ଏକ ଚୋଟ ଲଗାଇଲା । ସେତ ତତ୍କ୍ଷଣାତ ମରି ଗଲା । ବ୍ରାହ୍ମଣ ସେହି ବ୍ୟାପାର ଦେଖି ଭୟରେ ଓ ପ୍ରାଣ ଦାୟରେ ହଠାତ ଉଠି ଊର୍ଦ୍ଧ୍ୱଶ୍ୱାସରେ ଦଉଡ଼ିଲା । ଅନ୍ୟ ପୁରୁଷର ଆଶ୍ରୟ ନେବାରୁ ତାହାର ପ୍ରାଣ ବଞ୍ଚିଲା ଆଜିକାଲି ବିଚାର ହେଉଅଛି । ପୁଲିସର ଦୌରାତ୍ମ୍ୟ ଓ ଅତ୍ୟାଚାର ଲେଖି୨ ସମ୍ପାଦକମାନେ ହାଇରାଣ ହେଲେଣି । ଏଣିକି କର୍ତ୍ତୃପକ୍ଷଙ୍କର ଦୃଷ୍ଟି ନ ପଡ଼ିଲେ ଆଉ କୌଣସି ଉପାୟ ନାହିଁ ।

୩ । ଆମେରିକାର ଜଣେ ବ୍ୟକ୍ତି ପ୍ରଚାର କଲେ ଯେ ଈଶ୍ୱର ତାଙ୍କୁ ଆଦେଶ କରିଅଛନ୍ତି କି ତାଙ୍କର ପଞ୍ଚମ ବର୍ଷୀୟା କନ୍ୟାକୁ ବଳି ଦେବାକୁ ହେବ ଓ ସେ ପୁନରାୟ ତିନିଦିନ ମଧ୍ୟରେ ବଞ୍ଚି ଉଠିବ । ଏହି ପରି ବିଶ୍ୱାସ କରି ସେ ସେହି କନ୍ୟାକୁ ମେଜ ଉପରେ ଶୁଆଇ ଛୁରିରେ କାଟିଲେ । ସର୍ବାପେକ୍ଷା ଆଶ୍ଚର୍ଯ୍ୟ ଏହି ଯେ ତାଙ୍କ ସ୍ତ୍ରୀ ପାଗଳିନୀ ନ ହୋଇ ମଧ୍ୟ ଅନାୟାସରେ ଏହି ଭୟାନକ କାର୍ଯ୍ୟରେ ସହାୟତା କରିଥିଲେ । ଧର୍ମବାତୁଳମାନେ ବିଷମ କାଣ୍ଡ କରିବସନ୍ତି ।

୪ । ଫରାସୀ ଦେଶରେ ଆଜିକାଲି ଅନେକ ସ୍ତ୍ରୀ ଲୋକ ବଡ଼୨ ଉପାଧି ପାଉଅଛନ୍ତି । ସେଠାର ଏକ ଗେଜେଟରେ

Digitized by srujanika@gmail.com

Split by PDF Splitter



# ଅତିରିକ୍ତ ।

ଉତ୍କଳଦୀପିକା ତା ୨୧ ରଖ ମାହେ ଜୁନ ସନ ୧୮୭୯ ମସିହା ।

## କଟକ ଜିଲ୍ଲାର ଶ୍ରୀଯୁତ ସବ୍‌ଅର୍ଡିନେଟ ଜଜ ସାହେବଙ୍କ ଅଦାଲତରେ ବିଜ୍ଞାପନ ।

ଚୌଧୁରୀ ବଣନାଥ ଦାସ ଡକ୍ରୀଦାର ମୁଦ୍ଦାୟାର ଓ୍ୱାରିସମାନେ ପୁତ୍ର ଚୌଧୁରୀ କାଶୀନାଥ ଦାସ ଓ ପୌତ୍ର ଚୌଧୁରୀ ବାଲକୃଷ୍ଣ ଦାସ ସ୍ୱୟଂ ଗୁରୁ ଓ ମାହାଫିଜ ଚୌଧୁରୀ ଦିବ୍ୟସିଂହ ଦାସ ନାବାଲଗ ବାଦୀମାନଙ୍କର ଦାୟେରୀ ଚୌଧୁରୀ ସହଦେବ ମହାପାତ୍ର ପ୍ରତିବାଦୀ ନାମର ସନ ୧୮୭୮ ମସିହାର ନ ୮୪ ମ୍ବର ଡକ୍ରୀଜାରୀ ମୋକଦ୍ଦମାରେ ବାଦୀମାନଙ୍କର ପାଉଣା ଟ୯୦୯୫୭।୵/ଙ୍କା ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିମାନ ସନ ୧୮୭୯ ମସିହା ଜୁଲାଇମାସ ତା ୧୫ ରଖ । ମୁ । ଓଡ଼ିଆ ସନ ୧୨୮୬ ସାଲ ଶ୍ରାବଣମାସ ଦି ୧ ନ ମଙ୍ଗଳବାର ଦିନ କଟକ ଜିଲ୍ଲାର ଶ୍ରୀଯୁତ ଶ୍ରୀ ଜଜ ସାହେବ ଜିଉଙ୍କ ଅଦାଲତରେ ନିଲାମ ହେବ ଅତଏବ ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଖରଦ ଆକାଙ୍କ୍ଷୀ ବ୍ୟକ୍ତିମାନେ ଉକ୍ତ ତାରଖେ ଉପସ୍ଥିତ ହୋଇ ନିଲାମରେ ଖରଦ କରିବେ ।

### ତଫସିଲ ସମ୍ପତ୍ତି ।

| ନାମ ପ୍ରଗନା । | ତଉଜି ନମ୍ବର । | ନାମ ମାହାଲ । | ତଯୁନ ସଦରଜମା । | ନିଲାମ ହେବାର ଅଂସମହ । | |
|---|---|---|---|---|---|
| ଯାଜପୁର | ନ ୩୨୯୮ ମ୍ବର | । କ । ତା । କାଲୀମେଘା | ଟ ୪୪୯ ୳/ ୩ | ଟ ୦ ୳/ ୧।୦ ୴ | |
| ଏଜନ | ନ ୫୮ ମ୍ବର | । ତା । ନହରପୁର | ଟ ୩୨୯୬ / ୩୴ | ଟ ୦ ୵ | |
| ଏଜନ | ନ ୨୨ ମ୍ବର | ମୌ । ଋଷିପୁର | ଟ ୪୪୯ ୧ ୯୳ | ଟ ୦। | |
| ଏଜନ | ନ ୩୨୫୨ ମ୍ବର | ମୌ । ଢଅରେଶ୍ୱର | ଟ ୨୨୳ | ଟ ୧ ୧ | ସମୁଦାୟ |
| ଏଜନ | ନ ୨୨୫ ମ୍ବର | ଖ । ମୌ । ସନ୍ତମାଧବ | ଟ ୪୪ ୳୵ ୪ | ଟ ୦। | |
| ଏଜନ | ନ ୩୨୭୦ ମ୍ବର | । କ । ତା । ସୁନ୍ଦରପୁର | ଟ ୧୨୩ ।୵ ୪ | ଟ ୧ ୧ | ସମୁଦାୟ |
| ଏଜନ | ନ ୩୨୯୦ ମ୍ବର | । କ । ତା । ସୁନ୍ଦରପୁର | ଟ ୨୨୴/ ୨୳ | ଟ ୧ ୧ | ” |
| ଏଜନ | ନ ୨୪ ମ୍ବର | । କ । ତା । ଶ୍ରୀମକରପୁର | ଟ ୫୪ ।୵ ୫୳ | ଟ ୦। | |
| ଏଜନ | ନ ୨୦ ମ୍ବର | । କ । ତା । ଶ୍ରୀମକରପୁର | ଟ ୪୨୫ ।/ ୮ | ଟ ୦ ୧ ୯୳/ | |
| ଏଜନ | ନ ୧୨୨ ମ୍ବର | ଖ । ମୌ । ପାଲଦା ଓଗେର | ଟ ୨୪ ।/ | ଟ ୦।. | |
| ଏଜନ | ନ ୧୩୨ ମ୍ବର | । ମୌ । ପାଲଦା ଓଗେର | ଟ ୪୩୳ ୧୦୴ | ଟ ୦ ୵ ୩ ୧ ୧ | |
| ଏଜନ | ନ ୩୦୨ ମ୍ବର | ଖ । ମୌ । ସାରୁଆଁ ଓଗେର | ଟ ୨୪ ।/ | ଟ ୦ ୧ ୨ | |
| ଯାଜପୁର ଓଗେର | ନ ୩୦୮ ମ୍ବର | ଖ । ମୌ । ପାଲଦା ଓଗେର | ଟ ୨୯ ।୵ ୮ | ଟ ୦ ୵ ୧୧ | |
| ଏଜନ | ନ ୨୨୨ ମ୍ବର | ଖ । ମୌ । ପଇରଖ | ଟ ୧୨୫୴୵ ୧ | ଟ ୦ ୧ ୩୴ | |
| ଯାଜପୁର | ନ ୨୨୨ ମ୍ବର | । ଆ । ଖା । ଦେବୋତ୍ତର । ମୌ । ମୁସ୍ତକଲ ପୁର | ଟ ୪୴/ ୨ | ଟ ୦। | |
| ଯାଜପୁର । | ନ ୧୩୧ ମ୍ବର | ଅସ୍ତଳ ଲାଲବାଗ | ଟ ୨୫ / ୨ | ଟ ୦। | |
| ଏଜନ | ନ ୧୮୨୯ ମ୍ବର | । କ । ମୌ । ବୃନ୍ଦାବନପୁର | ଟ ୪୪ ।/୧୧ | ଟ ୦ ୧୧୦ | |
| ସାହେବନଗର | ନ ୧୮୨୦ ମ୍ବର | । ମୌ । କାମୁଳଗର ଓଗେର | ଟ ୫୧ ।୵ ୩ | ଟ ୦ ୧୧୮ । ୧ | |
| ଏଜନ | ନ ୧୮୨୨ ମ୍ବର | । ମୌ । ବାସୁଦେଇପୁର ଓଗେର | ଟ ୧୦୧୳ | ଟ ୦ ।/ ୪ | |
| ଏଜନ | ନ ୩୦୨୨ ମ୍ବର | । କ । ଖ । ମୌ । ସଇପୁର | ଟ ୧୯ ।/ ୨ | ଟ ୦। | |
| ଯାଜପୁର | ନ ୧୮୯୨ ମ୍ବର | । ମୌ । ପାଟଲି | ଟ ୨୪୧ । ୫ | ଟ ୦୳ | |
| ମାଇକଢାବାଦ | ନ ୧୩୧୪ ମ୍ବର | । କ । ତା । କେଶପୁର | ଟ ୧୨୭୦ ।/ ୨୳ | ଟ ୦। ୪ ୧ ୪ | |
| ବରୁଆଁ | ନ ୩୨୨୮ ମ୍ବର | । କ । ତା । ଜୁଗଲେ | ଟ ୯୪୨୴ ୫ | ଟ ୦୳/୧୯ ୧ ୧୴୵୧୫ | |
| ସରଗଡା | ନ ୧୨୯୨ ମ୍ବର | । କ । ମୌ । ବରଣ୍ଡେଲ | ଟ ୨୦ ୳/ ୨ | ଟ ୦। | |
| ଏଜନ | ନ ୧୨୩୧ ମ୍ବର | । କ । ମୌ । ସ୍ୱଗା | ଟ ୧୧୮ ।/ ୨। | ଟ ୦ /୧୫ | |
| ଏଜନ | ନ ୩୨୮୪ ମ୍ବର | । କ । ତା । ମଲୁକପୁର | ଟ ୨୨୩ ୧ ୫ | ଟ ୧ ୧ | ସମୁଦାୟ |
| ଏଜନ | ନ ୫୦୪ ମ୍ବର | ଖ । ମୌ । ଲେଙ୍କାସାହି | ଟ ୧୦୴୵ | ଟ ୦ / | |
| ଗାସାଣିଆ | ନ ୫୩୧ ମ୍ବର | ଖ । ମୌ । ସେରପୁର | ଟ ୪୴/ ୫ | ଟ ୦। | |
| ଏଜନ | | | | | |

W. Wright.
*Sub Judge.*

ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ଶ
ସଂ ୨୬ ସଂଖ୍ୟା

ତା ୨୮ ରଖ ମାହେ ଜୁନ ସନ ୧୮୭୫ ମସିହା । ମୁ । ଆଷାଢ଼ ବ ୧୭ ଜ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଇଁ ଡାକମାସୁଲ ଟ୧୫/

ଏ ବର୍ଷ ବର୍ଷାର ଗତି ଭଲ ଦିଶୁ ନାହିଁ । ଏ ସପ୍ତାହରେ ଏ ନଗରରେ ନାମମାତ୍ର ବୃଷ୍ଟି ହୋଇଅଛି । ଆମ୍ଭେମାନେ ଶୁଣିଲୁଁ ମୋଫସଲରେ କେତେକ ସ୍ଥାନରେ ଏପର୍ଯ୍ୟନ୍ତ ଉତ୍ତମ ବର୍ଷା ହୋଇ ନାହିଁ ଓ ସେ ସ୍ଥାନମାନଙ୍କରେ ବର୍ଷା ଅତି ଆବଶ୍ୟକ । ନଦୀରେ ଯେପରି ଚଞ୍ଚଳ ପାଣି ଆସିଲା ସେହିପରି ଚଞ୍ଚଳ ଛାଡ଼ି ଗଲା । କାଠଯୋଡ଼ୀରେ ସ୍ଥଳ ହୋଇଅଛି ମହାନଦୀରେ ମଧ୍ୟ ଜଳ ଥାଇ ରଙ୍ଗବାରକୁ ଯୋଡୁଅଛି । ନିକଟରେ ଯଥେଷ୍ଟ ବୃଷ୍ଟି ନ ହେଲେ କୃଷିର କ୍ଷତି ହେବାର ସମ୍ଭାବନା । ମେଘର ଗତିରୁ ବର୍ଷାର ଭରସା ହେଉଅଛି ଏଥିରେ ଯାହା ହେଉ ।

---

ବମ୍ବାଇ ଅଞ୍ଚଳସ୍ଥ ପୁନାର ଡକାଏତି ଓ ଘରପୋଡ଼ିଆମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଧୃତ ହୋଇ ଦଣ୍ଡ ପାଇଅଛନ୍ତି । ପ୍ରଧାନ ଅପରାଧିମାନଙ୍କୁ ଫାଶୀ ଓ ଅନ୍ୟମାନଙ୍କୁ ଯାବଜ୍ଜୀବନ ବା ଦଶବର୍ଷ ଦ୍ୱୀପାନ୍ତର ଦଣ୍ଡ ହୋଇଅଛି । ଜଣକୁ ଜଜ ସାହେବ ଫାଶୀର ଆଜ୍ଞା ଦେଇ ନହିଲେ ଏ ଆଜ୍ଞା ହାଇକୋର୍ଟରେ ସ୍ଥିର ନୋହିଲେ ଯାବଜ୍ଜୀବନ ଦ୍ୱୀପାନ୍ତରର ଦଣ୍ଡ ନିଶ୍ଚୟ ହେବ । ଶୁଣୁଁ ସେ ଅପରାଧୀ କହିଲା ଫାଶୀର ଆଜ୍ଞା ତାହାପ୍ରତି ଭଲ ଅଟଇ କାରଣ ସେ ଖାଇବା ପିଇବାରେ ଆଉ କଷ୍ଟ ନ ପାଇବ । ସେ ମଦ ଖାଏ ନାହିଁ କିନ୍ତୁ ଏତେ ମନ୍ଦକର୍ମରେ ପ୍ରବୃତ୍ତ ହେଲା କାହିଁକି ? ବୋଧହୁଏ ଅପରାଧୀମାନେ ବ୍ୟବସାୟୀ ଡକାଏତ ନୁହନ୍ତି ଓ ଲୋକେ ଯେପରି ମେଳି କରି ଏ ଦୁଷ୍କର୍ମରେ ମାତିଲେ ଏଥିରୁ ବିଶ୍ୱାସ ହୁଏ ଯେ ସେମାନଙ୍କର କିଛି ଦୁଃଖ ଅଛି । ଏହା ତଦନ୍ତ କରିବାର ଗବର୍ଣ୍ଣମେଣ୍ଟଙ୍କର ଉଚିତ ।

---

ଉତ୍କଳମଧୁପ ପ୍ରଥମବର୍ଷ ପୂର୍ଣ୍ଣ କରି ଦ୍ୱିତୀୟବର୍ଷରେ ପଦାର୍ପଣ କରିଅଛି । ଏ ବର୍ଷର ପ୍ରଥମ ଓ ଦ୍ୱିତୀୟଖଣ୍ଡ ଯାହା ଏକତ୍ରରେ ବାହାରିଅଛି ଦେଖିବାରେ ଜଣାଯାଏ ଯେ କାବ୍ୟ ବିଷୟରେ ମଧୁପର ରୁଚି ଅନେକ ପରିବର୍ତ୍ତିତ ବା ପରିମାର୍ଜ୍ଜିତ ହୋଇଅଛି । ନବ୍ୟସମ୍ପ୍ରଦାୟ ଅର୍ଥାତ ବର୍ତ୍ତମାନର କୃତବିଦ୍ୟ ଲୋକମାନେ ଉତ୍କଳ କାବ୍ୟକୁ ଆଦିରସଘଟିତ ବୋଲି ପାଠ କରନ୍ତି ନାହିଁ ଏଥିରେ ମଧୁପ ବିରକ୍ତ ହୋଇଥିଲେ ଓ ଉତ୍କଳକାବ୍ୟର ଉତ୍କୃଷ୍ଟତା ଦେଖାଇବା ସକାଶେ ବିଶେଷ ଆଦିରସ ଘଟିତ ବୋଲି ଖ୍ୟାତ ଥିଲେହେଁ ଲାବଣ୍ୟବତୀକୁ ମନୋନୀତ କରିଥିଲେ । ଏ ବର୍ଷ ଲାବଣ୍ୟବତୀରେ ମଧୁପର ସମ୍ପୂର୍ଣ୍ଣ ଅରୁଚି ଏହା ଏପ୍ରକାର ଆଦିରସ ଘଟିତ କି ଯାହା ବାଚ୍ୟୋଚିତ ନୁହେ ଏମନ୍ତ କି ଏହା ପ୍ରକୃତ କାବ୍ୟ ନୁହେ ଏବଂ ଏହାର କବି ଅଶ୍ଳୀଳ ବର୍ଣ୍ଣନା କରିଥିବାରୁ ବାଉଳରୋଗାକ୍ରାନ୍ତ ବୋଲି କଥିତ ହୋଇଅଛି । ମଧୁପଙ୍କ ରୁଚିର ଏତେ ପରିବର୍ତ୍ତନ କିପରି ହେଲା ଆମ୍ଭେମାନେ ବୁଝି ପାରୁ ନାହୁଁ । ରସାତ୍ମକ ବାକ୍ୟର ନାମ କାବ୍ୟ ଓ ଆଦିରସ ଗୋଟିଏ ରସ ଅଟଇ ସୁତରାଂ ଆଦିରସଘଟିତ ବାକ୍ୟକୁ କାବ୍ୟ ବୋଲିବା ଅନ୍ୟାଯ୍ୟ ନୁହଇ ବୋଲି ସହଜଜ୍ଞାନରେ ପ୍ରତୀତ ହେଉଅଛି କିନ୍ତୁ କେଉଁପର୍ଯ୍ୟନ୍ତ ଆଦିରସ ସ୍ୱାଭାବିକ ହେଲେ ତାହା ବାଚ୍ୟୋଚିତ ହୁଅଇ ନାହିଁ ଅଥବା ଅଶ୍ଳୀଳଭାବରେ ପରିଣତ ହୁଅଇ ଏତିକ ବୁଝିବାର ଆଶା ରହିଲା ଲେଖକ ତାହା ବିସ୍ତାର କରି ବୁଝାଇ ଦେଇଥିଲେ ଭଲ ହୋଇଥାନ୍ତା । ଭରସା କରୁଁ କୋଟିବ୍ରହ୍ମାଣ୍ଡସୁନ୍ଦରୀର ସମାଲୋଚନା ସଙ୍ଗେ ସଙ୍ଗେ ତାହା ପ୍ରକାଶ ପାଇବ ।

---

### ରଥଯାତ୍ରା ।

ଏଥର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା କାର୍ଯ୍ୟସବୁ ଅତି ଚଞ୍ଚଳ ନିର୍ବାହ ହୋଇଅଛି ।

ଚଳିତମାସ ତା ୨୧ ରଖ ଶନିବାର ଶ୍ରୀଗୁଣ୍ଡିଚା ଥିଲା । ଏଦିନ ସକାଳ ଘ ୮ ଘଣ୍ଟା ସମୟରେ ଖେଚେଡ଼ିଭୋଗ ଶେଷ ହୋଇ ଘ ୯ ଘଣ୍ଟାବେଳେ ପହଣ୍ଡିବିଜେ ଆରମ୍ଭ ହେଲା । ଘ ୧୧ ଘଣ୍ଟା ମଧ୍ୟରେ ତିନିଠାକୁର ଆପଣା ଆପଣା ରଥରେ ଆସୀନ ହେଲେ । ଅପରାହ୍ନ ଘ ୩ ଘଣ୍ଟା ସମୟରେ ବଳଦେବଜୀଉଙ୍କ ରଥଟଣା ଆରମ୍ଭ ହେଲା ଓ ସେହିଦିନ ସନ୍ଧ୍ୟାପର୍ଯ୍ୟନ୍ତ ବଡ଼ଠାକୁରେ ଗୁଣ୍ଡିଚା ମଣ୍ଡପଠାରେ ପହଞ୍ଚିଲେ ।

ତା ୨୨ ରଖ ରବିବାର ପ୍ରାତଃକାଳ ଘଣ୍ଟା

Digitized by srujanika@gmail.com

Split by PDF Splitter



ସମୟରେ ସୁଭଦ୍ରାଙ୍କ ରଥଟଣା ଆରମ୍ଭ ହୋଇ ଘ ୧୦ ଣ୍ଟା ସରକି ରଥ ଗୁଣ୍ଡିଚାମନ୍ଦିରରେ ପ୍ରବେଶ ହେଲା ।

ଏହାପରେ ମାଜିଷ୍ଟ୍ରେଟ ଓ ପୁଲିସର ଆଜ୍ଞା ଓ ସାହାଯ୍ୟରେ ଦୂରରଥ ମାଉସିମାଘର ବା ଅନ୍ୟସରେ ବିଶ୍ରାମ ନ ପାଇ ଏକାଟଣାରେ ଗୁଣ୍ଡିଚାମନ୍ଦିରକୁ ଆନୀତ ହେବାରେ ଠାକୁରମାନଙ୍କ ଯେ ବାଧ୍ୟଥିବ ଏହା ବୋଲିବା ବାହୁଲ୍ୟ । ଅନୁମାନ ହୁଅଇ ଏହା ଦେଖି ଶ୍ରୀଜଗନ୍ନାଥଙ୍କର ସୁଦ୍ଧା ଭୟ ହୋଇଥିବ ଓ ସେହି ହେତୁରୁ ହେଉ ଅଥବା ଅନ୍ୟ କାରଣରୁ ହେଉ ଉପରଓଳି ଘ ୩ ଣ୍ଟା ସମୟରେ ଜଗନ୍ନାଥଙ୍କ ରଥ ଟଣା ହୋଇ ଅଟେବାଟ ଯାଇ (ଅର୍ଥାତ୍ ହାସପାତାଲ ନିକଟରେ) ଚାରିଜଣ କଳାପିଠିଆଙ୍କ ଉପରେ ଚଢ଼ିଗଲା । ପୁଲିସ ତତ୍ପର ହୋଇ ସେମାନଙ୍କୁ ସଚେତ କରାଇ ହାସପାତାଲକୁ ପଠାଇ ଦେଲେ ମାତ୍ର ସେମାନେ ଗୁରୁତର ପୀଡ଼ା ପାଇଥିବାରୁ ଦୁଇଜଣ ସେହି ଗୃହରେ ମରିଗଲେ । ଅନ୍ୟ ଦୁଇଜଣ ଏ ପର୍ଯ୍ୟନ୍ତ ବଞ୍ଚିଅଛନ୍ତି ।

ରଥଟଣା ସମୟରେ କଟକର ଅଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ କକ୍ସସାହେବ ପୁରୀର ଇନ୍‌ସ୍ପେକ୍ଟର ବାବୁ ରାମ ସର୍ତ୍ତ ଓ ତିନିଜଣ ସବ୍‌ଇନ୍‌ସ୍ପେକ୍ଟର ଏବଂ ପ୍ରାୟ ଜ ୩୦୦ ଣ କନଷ୍ଟବଲ ନିଯୁକ୍ତ ଥିଲେ ଓ ସେମାନେ ଯାତ୍ରିଙ୍କୁ ଅନ୍ତର ରଖିବା ଓ ଭିଡ଼ ନିବାରଣ ପକ୍ଷରେ ଯଥେଷ୍ଟ ସାବଧାନ ଥିଲେ । ତଥାଚ ଏପରି ଘଟଣା ହେଲା ବଡ଼ ଦୁଃଖର ବିଷୟ ଅଟଇ । ଜଣାଯାଏ ଯେ କଳାପିଠିଆମାନଙ୍କୁ ରଥଠାରୁ ଅନ୍ତର ରଖିବା ବିଷୟରେ ପୁଲିସ ତେତେ ସତର୍କ ହୋଇ ନ ଥିଲେ କାରଣ ରଥପାଗରେ ଥିବା କଳାପିଠିଆଙ୍କ ମଧ୍ୟରୁ ଚାରିଜଣ ଉପରେ ଏ ବିପଦ ପଡ଼ିଲା ଓ ଅନୁମାନ ହୁଅଇ ଯେ ସେମାନେ ଯାତ୍ରା ଦେଖିବା ଓ ଗୀତ ଶୁଣିବାରେ ମାତି ରଥଦୌଡ଼ ଶିଥିଳ କରି ଧରିଥିଲେ ଅଥବା ଛାଡ଼ି ଦେଇଥିଲେ ଏହି ହେତୁରୁ ଅଗବାଳିମାନେ ବଳରେ ଟାଣିବା ସମୟରେ ସେମାନଙ୍କ ଉପରେ ରଥ ଚଢ଼ିଗଲା । କେହିକେହି କହନ୍ତି କି ଅସ୍ପର୍ଶୀୟ ଲୋକ ଅର୍ଥାତ୍ ଇଂରାଜ ଓ ମୁସଲମାନ ରଥକୁ ଛୁଇଁବାରୁ ଏପରି ଦୁର୍ଘଟଣା ହେଲା । ଯାହା ହେଉ ମାଜିଷ୍ଟ୍ରେଟୀ ତଦାରଖରେ କାହାର ତ୍ରୁଟି ପ୍ରକାଶ ପାଇ ନାହିଁ । ମାତ୍ର ସାଧାରଣ ବିଶ୍ୱାସ ଏହି କି ପୁଲିସ ଯେମନ୍ତ ଯାତ୍ରିଙ୍କ ରକ୍ଷାପ୍ରତି ଦୃଷ୍ଟି ରଖିଥିଲେ ଯେବେ ତହିଁ ସଙ୍ଗେ ରଥଟାଣିବା ଲୋକଙ୍କ ରକ୍ଷାପ୍ରତି ଦୃଷ୍ଟି ରଖିଥାନ୍ତେ ତାହା ହେଲେ ଏ ଦୁର୍ଘଟଣା ଘଟି ନ ଥାନ୍ତା । ହାକିମମାନଙ୍କର ତରତରିଆପଣ ମଧ୍ୟ ଏଥିର ଅନ୍ୟତର କାରଣ ଅଟଇ ।

ତା ୨୨ ରଖ ରବିବାର ଅପରାହ୍ନ ଘ ୪ ଣ୍ଟା ସମୟରେ ଜଗନ୍ନାଥଙ୍କ ରଥ ଟଣା ହୋଇ ବାଡ଼ଅଖଡ଼ାଠାରେ ଅଟକିଲା । ଏଦିନ ରଥରେ ପାଞ୍ଚଟା ଦୌଡ଼ା ଲଗିଥିଲା ଓ ରଥ ନିକଟରୁ ପ୍ରାୟ ୧୫୦ ଫୁଟ ଅନ୍ତରରେ କଳାପିଠିଆମାନେ ଥାଇ ଟାଣିଥିଲେ ଓ ରଥ ଅତି ଧୀରେ ଚାଲୁଥିଲା ।

ତା ୨୪ ରଖ ମଙ୍ଗଳବାର ଅପରାହ୍ନ ଘ ୪ ଣ୍ଟା ସମୟରେ ସେହିପରି ଧୀରେ ରଥକୁ ଟାଣି ନେଇ ଗୁଣ୍ଡିଚାମନ୍ଦିରରେ ପହଞ୍ଚାଇଲେ ।

ତା ୨୫ ରଖ ବୁଧବାର ପ୍ରାତଃକାଳରେ ପହଣ୍ଡିବିଜେ ଆରମ୍ଭ ହେଲା ଓ ଠାକୁରମାନେ ଘ ୧୦ ଣ୍ଟା ସମୟରେ ସିଂହାସନରେ ବସିଲେ ।

ବଡ଼ ସୁଖର ବିଷୟ ଯେ ଓଲାଉଠା ରୋଗ ଏ ବର୍ଷ ଶାନ୍ତ ଅଛି ।

---

## ଅସ୍ତ୍ର ଶସ୍ତ୍ରାଦିର ନୂତନ ଆଇନ ।

ଅଳ୍ପ କାଳ ଏଠା ମେଜିଷ୍ଟ୍ରେଟୀରେ ଅସ୍ତ୍ରାଦିର ଲାଇସେନ୍ସ ( ପଟ୍ଟା ) ନେବାର ଧୂମ ଲାଗିଅଛି । ପ୍ରାୟ ପ୍ରତିଦିନ ଅନେକ ଚଉକିଦାର ଶିକାରୀ ଓ ଅନ୍ୟ ଅସ୍ତ୍ରଧାରିମାନେ କଚେରୀରେ ସମାଗତ ହେଉଅଛନ୍ତି । ଏ ଧୂମ ନୂତନ ଆଇନ ଲଗାଇ ଦେଇଅଛି । ପୂର୍ବ ଆଇନର ବିଧି ଏହି ଥିଲା ଯେ କୌଣସି ବ୍ୟକ୍ତି ବିନା ପଟ୍ଟାରେ ବାରୁଦ ଓ ଅସ୍ତ୍ର ପ୍ରସ୍ତୁତ ବା ବିକ୍ରୟ କରିପାରିବ ନାହିଁ ଓ ଏକସ୍ଥାନରୁ ଅନ୍ୟସ୍ଥାନକୁ କୌଣସି ବ୍ୟକ୍ତି ବିନା ପାସରେ ଅସ୍ତ୍ର ନେଇ ଗମନ କରି ପାରିବ ନାହିଁ । ନୂତନ ଆଇନର ଅଧିକା ବିଧି ଏହି ଯେ କୌଣସି ବ୍ୟକ୍ତି ବିନା ପଟ୍ଟାରେ ବନ୍ଧୁକ ପିସ୍ତଲ ଇତ୍ୟାଦି ଅଗ୍ନେୟାସ୍ତ୍ର ଘରେଇଷା ରଖି ନ ପାରିବ ଓ ଛୁରୀ ତରବାରୀ ଇତ୍ୟାଦି ବ୍ୟବହାର କରି ନ ପାରିବ । କେହି ଏପରି ଅସ୍ତ୍ର ରଖିବାକୁ ବା ବ୍ୟବହାର କରିବାକୁ ଚାହିଲେ ଚାରିଅଣା ରସୁମ ଦେଇ ଲାଇସେନ୍ସ ନେବ । ଏଥିର ମିଆଦ ଏକବର୍ଷ ତତ୍ପରେ ନୂତନ ଲାଇସେନ୍ସ ନେବାକୁ ହେବ । ସୁତରାଂ ପ୍ରତିବର୍ଷ ଚାରିଅଣା ରସୁମ ଦେବାକୁ ପଡ଼ିବ । ମେଜିଷ୍ଟ୍ରେଟ ସାହେବଙ୍କୁ ଅଧିକାର ଅଛି ଯେ ସେ କୌଣସି ବ୍ୟକ୍ତିକୁ ଏପରି ଲାଇସେନ୍ସ ଦେବାର ନିଷେଧ କରିପାରିବେ ।

ପୁରୀର ମେଜିଷ୍ଟ୍ରେଟର ଆଜ୍ଞା ପ୍ରଚାର କରିଥିଲେ ଯେ ଯେଉଁମାନଙ୍କଠାରେ ଅସ୍ତ୍ରାଦି ଥିବ ସେମାନେ ଏ ମାସ ତା ୨୩ ରଖ ପର୍ଯ୍ୟନ୍ତ ଥାନାମାନଙ୍କରେ ଦାଖଲ କରିବେ । ଏ ଆଜ୍ଞା ଶ୍ରୀଯୁତ କମିସ୍ନର ସାହେବଙ୍କ ଗୋଚରରେ ଆସିବାରୁ ସେ ଏହା ଅନାବଶ୍ୟକ ଓ ଆଇନବିରୁଦ୍ଧ ବୋଲି ବିବେଚନା କରିଅଛନ୍ତି ଓ ଏ ଆଇନକୁ କଠିନରୂପେ ଚଳାଇବା ପକ୍ଷରେ ସମସ୍ତ ମେଜିଷ୍ଟ୍ରେଟଙ୍କୁ ନିଷେଧ କରିଅଛନ୍ତି । ଉତ୍ତମ, ପୁରୀର ମେଜିଷ୍ଟ୍ରେଟ କି ପ୍ରକାର ଏପରି ଆଇନବିରୁଦ୍ଧ ଓ ପ୍ରପୀଡ଼କ ଆଜ୍ଞା ପ୍ରଚାର କଲେ ବଡ଼ ଆଶ୍ଚର୍ଯ୍ୟ । ଏହାପରେ ଏ ଆଇନ କେତେ ହାକିମଙ୍କ ହସ୍ତରେ କେତେ ପ୍ରକାର କଷ୍ଟ ଜନ୍ମାଇବ ତାହା କିଏ କହିପାରେ । ଯାହାହେଉ ଯାଜପୁରର ଜଏଣ୍ଟ ମେଜିଷ୍ଟ୍ରେଟ ବିବେଚନା ପୂର୍ବକ ଏ ସମ୍ବନ୍ଧରେ ଲୋକଙ୍କର କେତେକ ସୁବିଧାସାଧନ କରିଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ତରବାରୀ ରେଜିଷ୍ଟ୍ରୀ ଓ ଲାଇସେନ୍ସ ପକ୍ଷରେ ଆପତ୍ତି କରିବାରୁ ମେଜିଷ୍ଟ୍ରେଟ ସାହେବ ତାହା ସ୍ଥଗିତ ରଖି କମିଶନର ସାହେବଙ୍କ ନିକଟକୁ ବୃତ୍ତାନ୍ତ ଆଜ୍ଞା ନିମିତ୍ତ ରିପୋର୍ଟ କରିଅଛନ୍ତି । ଯେଉଁମାନେ ତରବାରୀ ଘରେ ରଖିବେ ସେମାନଙ୍କ ପକ୍ଷରେ ଲାଇସେନ୍ସ ନେବାର ଆବଶ୍ୟକ ନାହିଁ । ତରବାରୀ ନେଇ ଅନ୍ୟ ସ୍ଥାନକୁ ଗତାୟାତ କଲେ ତହିଁର ପାସ ନେବାର ଆବଶ୍ୟକ । ଏହାହିଁ ଆଇନ ଓ ନିୟମର ମର୍ମ ଅଟଇ । ଏ ଆଇନ କେତେକ ବ୍ୟକ୍ତିଙ୍କ ପ୍ରତି ଘଟଇ ନାହିଁ ତାହା ବାରାନ୍ତରେ ଲେଖିଲୁଁ ।

ଆମ୍ଭମାନଙ୍କ ବିବେଚନାରେ ଏ ଆଇନଟି ଅନିଷ୍ଟଜନକ ଓ କ୍ଳେଶଦାୟକ ଅଟେ ଓ ଏପରି ଆଇନର ଲେଶମାତ୍ର ଆବଶ୍ୟକ ନ ଥିଲା । ପୂର୍ବ ଆଇନ ପ୍ରାୟ କୋଡ଼ିଏ ବର୍ଷ ପ୍ରଚଳ ହେଲା ତହିଁରେ କି ଦୋଷ ଘଟିଲା ଯେ ତହିଁପରବର୍ତ୍ତେ ଏପରି କଠିନ ଆଇନର ପ୍ରୟୋଜନ ହେଲା । କେତେକ ବଣୁଆ ଅସଭ୍ୟ ଲୋକଙ୍କୁ ଛାଡ଼ ଦେଶୀୟ ଲୋକମାନେ ଏପରି ଶାନ୍ତସ୍ୱଭାବ ଯେ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବା ଦୂରରେ ଥାଉ ଅନ୍ୟ କାହା ବିରୁଦ୍ଧରେ ତାହା ଧରିବାର ବିରଳ । ସୁତରାଂ ଏତାଦୃଶ ଆଶଙ୍କାର କିଛି କାରଣ ନାହିଁ । କେବଳ ଧର୍ମନଷ୍ଟ ଭୟରେ ସିପାହୀବିଦ୍ରୋହ

Digitized by srujanika@gmail.com

ହୋଇଥିଲା ନଟେତ୍ର ଦେଶୀୟ ଲୋକେ ଅତିଶୟ ସ୍ୱଜାତି ଓ ଗବର୍ଣ୍ମେଣ୍ଟ ସେମାନଙ୍କର ରାଜଭକ୍ତିର ନାନା ଚିହ୍ନ ଦେଖୁଥିବା ଓ ସ୍ୱୀକାର କରୁଥିବା ପ୍ରତ୍ୟକ୍ଷେ ସେମାନଙ୍କ ପ୍ରତି ଏପରି କଠିନନିୟମ କରିବାର ଅତି ଅନ୍ୟାୟ । ଅନେକ ଲୋକ ଶିକାର ବା ଆତ୍ମରକ୍ଷା ବା କେବଳ ଶୋଭାରେ ଘରେ ଅଧେ ଅସ୍ତ୍ର ରଖିଥାନ୍ତି । ଏବେ ସେମାନଙ୍କୁ ଏଥିର ଲାଇସେନ୍ସ ଦେବାକୁ ହେବ ଓ ତହିଁପାଇ କଟେରିକୁ ଦଉଡ଼ କଉଡ଼ ଦେବାକୁ ପଡ଼ିବ ଏହି କ୍ଳେଶ ହେତୁ କମ୍ପା ଲାଇସେନ୍ସ ନ ପାଇଲେ କେତେ ଲୋକ ଅସ୍ତ୍ର ତ୍ୟାଗ କରି ପାରନ୍ତି, ଘରେ ଘରେ ଅଧେ ଅସ୍ତ୍ର ରଖିବାର ଯେ ନିତାନ୍ତ ଆବଶ୍ୟକ ଓ ତହିଁରେ ନାନାବିଧ ଉପକାର ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ବର୍ତ୍ତମାନ ଗବର୍ଣ୍ମେଣ୍ଟ ତାହା ଛଡ଼ାଇ ନେଇ ଲୋକମାନଙ୍କୁ ଆତ୍ମରକ୍ଷା ପକ୍ଷରେ ନିରୁପାୟ କରୁଅଛନ୍ତି । ଏହା କି ପ୍ରଜାବତ୍ସଳ ଓ ନ୍ୟାୟବନ୍ତ ଇଂରେଜ ଗବର୍ଣ୍ମେଣ୍ଟ ପକ୍ଷରେ ଉଚିତ ? ଲୋକେ ଅସ୍ତ୍ରହୀନ ହେଲେ ବ୍ୟାଘ୍ର ଭଲ୍ଲୁକାଦି ହିଂସ୍ରଜନ୍ତୁଙ୍କର ସଂଖ୍ୟା ଓ ଦୌରାତ୍ମ୍ୟ ବୃଦ୍ଧି ହୋଇ ଜନମାନଙ୍କର ଅନେକ ଅନିଷ୍ଟ ଘଟିବାର ସମ୍ଭବ । ଫଳତରେ ଗ୍ଲାଷ୍ଟନ ସାହେବ ଏ ଆଇନକୁ ନିତାନ୍ତ ଦୂଷଣୀୟ ମଣି ଅଛନ୍ତି ।

---

## ଖାସମାହାଲ ବନ୍ଦୋବସ୍ତର ଗୋଟିଏ ଫଳ ।

ପିଲାଦିନେ ନୀତିକଥାରେ ପଢ଼ିଥିଲୁଁ କି ଜଣେ ପଣ୍ଡିତଙ୍କୁ ଏକ ଚଷା ପ୍ରଶ୍ନ କଲା କି ମାକଡ଼ ମାଇଲେ ଦୋଷ ଅଛି କି ନାହିଁ । ପଣ୍ଡିତ ଶାସ୍ତ୍ର ଦେଖି କହିଲେ ଏ ଅତି ଗରୀୟାନ୍ ପାପ ଏଥିପାଇଁ କଠିଣ ପ୍ରାୟଶ୍ଚିତ୍ତର ପ୍ରୟୋଜନ । ଚଷା କହିଲା ପଣ୍ଡିତେ, ଆପଣଙ୍କ ପୁତ୍ର ଏ କାର୍ଯ୍ୟ କରିଅଛନ୍ତି । ଏହା ଶୁଣି ପଣ୍ଡିତ ଚମକି ପଡ଼ି ପୁଣି ଦଶ ପାଞ୍ଚପୁରା ପୋଥିରୁ ଲେଉଟାଇ ପକାଇ କହିଲେ 'କେମନ୍ତ ଆମ୍ଭ ପୁଅ ! ତେବେ ମାକଡ଼ ମାଇଲେ ଯୋକଡ଼ ହୁଅଇ'

ଏ ନଗରର ଖାସମାହାଲ ବନ୍ଦୋବସ୍ତ ସମ୍ପର୍କରେ ଠିକ ଏହିପରି ନ୍ୟାୟ ଅବଲମ୍ବିତ ହେବାର ଅବଗତ ହୋଇ ଆମ୍ଭେମାନେ ଆଶ୍ଚର୍ଯ୍ୟ ହୋଇ ଅଛୁଁ । ଏଥି ପୂର୍ବେ ସରକାରୀ ତାରି କୋଠିର ତଳଜମିକୁ ସରକାର ଜଣେ ଖାସମହାଲର ପ୍ରଜାଠାରୁ ପଟ୍ଟା ନେଇଥିଲେ ତେତେବେଳେ ସେ ଜମିର ସରକାରୀ ଖଜଣା ଟ ୧।୵ ଥିଲା ଓ ସରକାର ତାରିମହକୁମା ପକ୍ଷରୁ ବାର୍ଷିକ ଟ ୧୩୵ ଙ୍କା ଜମାରେ ଏଥିର ପଟ୍ଟା ନେଲେ । ପଟ୍ଟାରେ ଏହି ମର୍ମର ଏକ ସର୍ତ୍ତ ଥିଲା କି ଭାବୀ ବନ୍ଦୋବସ୍ତରେ ଏ ଜମିର ଖଜଣା ବୃଦ୍ଧି ହେଲେ ଯେତେ ଜମା ଧାର୍ଯ୍ୟ ହେବ ସେହି ମଫୋଟ ଅନୁସାରେ ଗବର୍ଣ୍ମେଣ୍ଟ ଜମିର ମାଲିକକୁ ଖଜଣା ଦେବେ । ଏଥକୁ ଖାସମାହାଲର ନୂତନ ବନ୍ଦୋବସ୍ତରେ ଏ ଜମିର ଖଜଣା ଟ ୧୮୵ ଙ୍କା କେତେ ଅଣା ଧାର୍ଯ୍ୟ ହେଲା । ତହୁଁ ପଟ୍ଟାଦାତା ଆପଣା ଦଅା ପଟ୍ଟାର ସର୍ତ୍ତ ଅନୁସାରେ ତାରିମହକୁମା ଉପରେ ଟ ୧୭୬୵ ଙ୍କା ବାର୍ଷିକ ଖଜଣା ଦାବି କଲା । ଉପରିଲିଖିତ ସର୍ତ୍ତ ଅନୁସାରେ ଏହା ଅସଙ୍ଗତ ନୁହଇ କାରଣ ଟ ୧।୵ କୁ ଯେବେ ଟ ୧୩୵ ଙ୍କା ହେଲା ତେବେ ଟ ୧୮୵ କେତେ ଅଣାକୁ ପ୍ରାୟ ଟ ୧୭୬୵ ଙ୍କା ହେଉଅଛି । ଏହା ସାମାନ୍ୟ ତୈରାଶିକ ମାତ୍ର ଏଥିରେ ଆଉ କିଛି ବିଚାର ନାହିଁ । ଏପରି ଦାବି ଦେଖି ବନ୍ଦୋବସ୍ତ କର୍ତ୍ତାମାନେ ହରବରରେ ପଡ଼ିଲେ ଓ ଅନ୍ୟ କୌଣସି ପ୍ରତୀକାର ନ ପାଇ ବନ୍ଦୋବସ୍ତକର୍ତ୍ତା ଡେପୁଟୀକଲେକ୍ଟର ବାବୁ ଅନ୍ନଦାପ୍ରସାଦ ଘୋଷ ପଟ୍ଟାଦାତା ସଙ୍ଗେ ଏକପ୍ରକାର ରଫାଦ୍ୱାର ଉକ୍ତ ଜମିର ଖଜଣା ଟ ୭୬୵ ଙ୍କା ସ୍ଥିର କରି କଲେକ୍ଟର ସାହେବଙ୍କ ମଞ୍ଜୁରି ସକାଶେ ପଠାଇଲେ । କଲେକ୍ଟର ସାହେବ ଅସଙ୍ଗତ ଜମା ବୃଦ୍ଧି ଦେଖି ତାହା ମଞ୍ଜୁର ନ କରି ଆଜ୍ଞା ଦେଲେ କି ଯେତିକି ଟଙ୍କା ଖଜଣା ବୃଦ୍ଧି ହୋଇ ଅଛି ପଟ୍ଟାଦତା ସେତିକି ଅଧିକା ପାଇବ ଅର୍ଥାତ୍ ଟ ୧।୵ ସ୍ଥଳେ ଟ ୧୮୵ ଙ୍କା ଜମା ହେବାରୁ ବୃଦ୍ଧି ହେଲା ପ୍ରାୟ ଟ ୧୭୵ ଙ୍କା ଓ ପଟ୍ଟାଦାତା ପୂର୍ବେ ପାଉଥିଲା ଟ ୧୩୵ ଙ୍କା ସୁତରାଂ ବର୍ତ୍ତମାନ (୧୩+୧୭)= ଟ ୩୦୵ ଙ୍କା ପାଇବ । ପଟ୍ଟାଦାତା ଏଥିରେ ଅସମ୍ମତ ହୋଇ ଅପିଲ୍ କରିବାରେ କମିଶ୍ନର ସାହେବ ଦେଖିଲେ ଯେ କୌଣସିମତେ ସରକାରଙ୍କର ନିସ୍ତାର ନାହିଁ ଅତଏବ ଜମା ବୃଦ୍ଧିରୁ କ୍ଷାନ୍ତ ରହି ଉକ୍ତ ଜମିର ପୂର୍ବ ଜମା ଟ ୧।୵ ସ୍ଥିର ରଖିଲେ ।

ସରକାର ଖାସମାହାଲର ଜମା ବୃଦ୍ଧି କରିବାରୁ ପ୍ରଜାମାନେ ଆପଣା୨ ସିକମୀ ପ୍ରଜାଙ୍କ ଉପରେ ଯଥେଚ୍ଛା ଖଜଣା ବଢ଼ାଉ ଅଛନ୍ତି ଓ ଗରିବ ସିକମୀ ପ୍ରଜାମାନେ କଲେକ୍ଟର ସାହେବଙ୍କଠାରେ ଦୁଃଖ ଜଣାଇଲେ ସେ ତାହାଙ୍କୁ ମାଲିକ ସଙ୍ଗେ ରଫା କରିବା ଅଥବା ଅଦାଲତକୁ ଯିବାର ଆଜ୍ଞା ଦେଉଅଛନ୍ତି । କିନ୍ତୁ ସରକାରର ନିଜ ବେଳକୁ ସେହି ହାକିମମାନେ କି ସେପର ବିଚାର କଲେ ? ଆପଣା ବେଳକୁ ବନ୍ଦୋବସ୍ତ ରହିତ ଓ ପର ବେଳକୁ ତାହା ସଂପୂର୍ଣ୍ଣ ପ୍ରବଳ ଏହା କି ନ୍ୟାୟ ଓ ନିରପେକ୍ଷ ବିଚାର ହେଲା ? ଏଥିରେ ଯେ ପ୍ରଜାମାନେ କହନ୍ତି କି ସରକାର କେବଳ ନେବାକୁ ଜାଣନ୍ତି ଦେବା ବେଳକୁ ସତର ବିଚାର ବାହାରେ ଏହା କିଏ ଅସଙ୍ଗତ ବୋଲି କହିବ । ଆମ୍ଭେମାନେ ବାଧ୍ୟ ହୋଇ କହୁ ଅଛୁଁ ଯେ ଉପରିଲିଖିତ ବିଚାରରେ କମିଶ୍ନର ଓ କଲେକ୍ଟର ଦୁହେଁ ଗବର୍ଣ୍ମେଣ୍ଟଙ୍କର ସମ୍ମାନ ରକ୍ଷା କରିବାରେ ଅକ୍ଷମ ହୋଇଅଛନ୍ତି । ଗବର୍ଣ୍ମେଣ୍ଟ ଯେବେ ଅଢେଇ ହଜାର ଟଙ୍କା ସ୍ଥଳରେ ଦଶହଜର ଟଙ୍କା ବସାଇଲେ ଓ ସମସ୍ତ ପ୍ରକାର ପ୍ରଜାଙ୍କୁ ତାହା ଦେବାକୁ ବାଧ୍ୟ କଲେ ଏବଂ ତହିଁ ଉପରେ ଅଧିକ ଦଅାଇଲେ ତେବେ ଏକସ୍ଥଳରେ ସରକାର ନିଜେ ଆପଣା ନିୟମ ରକ୍ଷା ସକାଶେ ଦୁଇ ଏକଶତ ଟଙ୍କା ଅଧିକ ଦେଇ ଥିଲେ ଘର ଭାଙ୍ଗି ଯାଉ ନ ଥିଲା । ତାହା ସେହି ଅଧିକା ଟଙ୍କାରୁ ମିହା ଯାନ୍ତା ଏତିକି ମାତ୍ର । ଆଉ ଯେବେ କମିଶ୍ନର ସାହେବ ଉକ୍ତ ଜମିକୁ ପଟ୍ଟାଦାତା ହାତରୁ ବାହାର କରି ନେଇ ପାରନ୍ତେ ତାହା ହେଲେ ମଧ୍ୟ ତେତେ ଅସୁନ୍ଦର ଦିଶନ୍ତା ନାହିଁ । କିନ୍ତୁ ଏକଦିଗରେ ସ୍ୱୟଂ ଅଧୀନ ପ୍ରଜା ହୋଇ ଅନ୍ୟ ଦିଗରେ ଗୃହୀ ଅଛନ୍ତି ବୋଲି ସେ ଅଧିକାରଦ୍ୱାର ଆପଣାକୁ ବଞ୍ଚାଇବା କଦାଚ ନ୍ୟାୟବାନ୍ ବ୍ରିଟିସ୍ ଗବର୍ଣ୍ମେଣ୍ଟ ପକ୍ଷରେ ଶୋଭନୀୟ ନୁହଇ ଓ ଏକ ପକ୍ଷରେ ନୀତିବିରୁଦ୍ଧ ଅଟେ ।

କଥିତ ହୁଅଇ ଯେ ଏ ନଗର ଖାସମାହାଲର ଜମାବୃଦ୍ଧି ଜମିର ବର୍ତ୍ତମାନ ଉଚିତ ମୂଲ୍ୟ ଦୃଷ୍ଟିରେ ହୋଇ ଅଛି ଏବଂ ଯେଉଁ ବଜାରରେ ଜମିର ମୂଲ୍ୟ ଯେପରି ତଦୃଷ୍ଟିରେ ସେଠାର ଜମା ଧାର୍ଯ୍ୟ ହୋଇଅଛି । ମାତ୍ର ଉପରଲିଖିତ ବିଚାରରୁ ଜଣାଯାଏ ଯେ ଏକ ହେଲେ ସରକାର ଉଚିତ କରରୁ ଅନେକ ଗୁଣା ଜମା ବସାଇ ଅଛନ୍ତି ନୋହିଲେ ଆପଣା ଗଣ୍ଡାକ ପାଇବା ସକାଶେ ପ୍ରଜାଙ୍କ ଦଣ୍ଡିରେ ଖୁରି ଦେବାକୁ ତିଳାର୍ଦ୍ଧ ସଙ୍କୋଚିତ ହୋଇ ନାହାନ୍ତି ।

Split by PDF Splitter
Digitized by srujanika@gmail.com

ଯେବେ ପ୍ରସ୍ତାବିତ ଜମିର ଉଚିତ ଜମା ଟ ୧୮୯ ଙ୍କା ଠଉରଲା ତେବେ କି ବିବେଚନାରେ ଡେପୁଟୀ କଲେକ୍ଟର ଭହିଁ ପାଇଁ ଟ ୨୭୯ ଙ୍କା ଓ କଲେକ୍ଟର ଟ ୩୦୯ ଙ୍କା ଖଜଣା ବସାଇବାକୁ ସ୍ୱୀକୃତ ହେଲେ ? ପ୍ରକୃତ ଜୋତଦାର ଯାହା ଦେଇପାରେ ଅଥବା ତାହାଠାରୁ ଯାହାନେବାର ଉଚିତ ତାହାକୁହିଁ ଉକ୍ତ ଜମିର ଯଥାର୍ଥ ଖଜଣା ବୋଲାଯିବ। ଯେବେ ସରକାର ଯଥାର୍ଥ ଖଜଣା ସରଦାର ରଇତ ଉପରେ ଭିତ୍ତ ତାହା ଇଛା ନୁସାରେ ଅଧୀନ ପ୍ରଜାଙ୍କଠାରୁ ଖଜଣା ଅଦାୟ କରିବାକୁ ତାହାକୁ ଅଧିକାର ଦେଲେ (ଅପ୍ରକାଶ୍ୟରେ ହେଲେହେଁ ଏପରି ଅଧିକାର ସେ ଦେଇ ଅଛନ୍ତି ) ତାହା ହେଲେ ସରକାର ଜାଣି ଶୁଣି ଅଧୀନ ପ୍ରଜାଙ୍କୁ ଦାଣ୍ଡିଆଉଠାରୁ ଅଧିକା ଖଜଣା ଦେବାକୁ ବାଧ୍ୟ କଲେ ଏହା କି ପ୍ରଜାବତ୍ସଲ ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟ ହେଲା ? ଅତଏବ ଆମ୍ଭେମାନେ ମୁକ୍ତକଣ୍ଠରେ କହୁଅଛୁଁ କି ଏ ନଗର ଖାସମାହାଲ ବନ୍ଦୋବସ୍ତରେ ଭୂସ୍ୱାମୀ ନଙ୍କ ଅନ୍ୟାୟ ଓ ଅତ୍ୟାଚାର ହୋଇ ଅଛି ଓ ଗବର୍ଣ୍ଣମେଣ୍ଟ ଯେ ତହିଁର ପ୍ରତୀକାର କରୁ ନାହାନ୍ତି ଦୁଃଖର ବିଷୟ ଅଟଇ ।

---

ଆମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି—

ଏ ତରଫରେ ଉତ୍ତମ ବୃଷ୍ଟି ହେବାରୁ ଚାଷ ଓ ଲୋକର କର୍ମ ଉତ୍ତମ ହେଉଅଛି ଜଦୀମାନେ ମଧ୍ୟ କିଛି ପରିମାଣରେ ବୃଦ୍ଧି ହୋଇଅଛନ୍ତି । ବଙ୍ଗଳାଯାତ୍ରିଙ୍କ ଯୋଗୁଁ ସ୍ଥାନ ସ୍ଥାନରେ ଓଲାଉଠାରୋଗ ପ୍ରବଳ ହୋଇଅଛି ଜଗନ୍ନାଥ ସଡ଼କପାଶ ଚଟିମାନଙ୍କରେ ଏହି ରୋଗରେ ଦଶେଶ ଲୋକ ମରି ପଡ଼ୁଅଛନ୍ତି । ଏଠାରେ ମଧ୍ୟ ଉକ୍ତ ରୋଗରେ କେତେକ ଲୋକ ମରି ପଡ଼ିଅଛନ୍ତି । ଜଂଣେ ରୋଗୀ ଏଠା ଡିସ୍ପେନ୍‌ସରିକୁ ନିଆ ହୋଇଥିଲେ ତହିଁ ମଧ୍ୟରୁ ଏଠା ନେଟିବ ଡାକ୍ତର ବାବୁ ପ୍ରିୟନାଥ ମୁଖୁର୍ଯ୍ୟାଙ୍କ କଠିଣ ଚିକିତ୍ସାଦ୍ୱାରା ବାରଜଣ ଆରୋଗ୍ୟ ଲାଭ କଲେ ବାକୀ ଚାରିଜଣ ମରି ଯାଇଅଛନ୍ତି । ଗତ ରବିବାର ଦିବସ ବାରଘଣ୍ଟା ସମୟରେ ଏଠା ଜେଲରୁ ଜଣେ ହାଜତ କଏଦୀ ତହିଁ ମଧ୍ୟରେ ଥିବା ଚେଙ୍କିଘରର ଏକ ବାଉଁଶ ଦେଓ୍ୱାଲରେ ଲଗାଇ ପାଚେରି ଡେଇଁ ପଳାଇଥିବାରୁ ଓ୍ୱାର୍ଡରମାନେ ହାଜତରେ ଥିଲେ, ଦସ୍ତୁରରେ ପହରା ଥିବା ଓ୍ୱାର୍ଡର ଏକତିଣ ଚାରିମାସ କଏଦ ଦଣ୍ଡର ଆଜ୍ଞା ପାଇଅଛି । ହେଡ଼ ଓ୍ୱାର୍ଡର ମଧ୍ୟ ସରକାରୀ ଚାକିରି ଅବହେଳା କରିଥିବା ଅପରାଧରେ ସସ୍ପେଣ୍ଡ ହୋଇ ବିଚାରାଧୀନରେ ଅଛି ।

୧୯।୬।୭୯

# ସାପ୍ତାହିକସଂବାଦ ।

ଅସ୍ମମାନଙ୍କର କଲେକ୍ଟରସାହେବ ବାର୍ଷିକ ଗସ୍ତ ବର୍ତ୍ତମାନକୁ ଆରମ୍ଭ କଲେଣି । ସେ ଗତ ଗୁରୁବାର କଟକଠାରୁ ଯାଇ ଅଛନ୍ତି । ସେଠାରୁ ଅସି ଜହ୍ଲାନ ଉପରେ ଚମିକା ଗୋଲ ଇତ୍ୟାଦି ଯେଉଁ ସ୍ଥାନମାନଙ୍କୁ ଜଳପଥ ଅଛି ସେ ସ୍ଥାନମାନଙ୍କରେ ନୌକା ଯୋଗେ ଭ୍ରମଣ କରିବେ ବର୍ଷାକାଳେ ଭଦମାସ ନ ବୁଲିଲେ ଯେ ଜବାବଦସ୍ତ ।

ଆମ୍ଭମାନଙ୍କର ଜଜସାହେବ ଦୌରା କରିବା ନିମିତ୍ତ ଗତ ସୋମବାର ବାଲେଶ୍ୱରକୁ ଯାଇ ଅଛନ୍ତି ।

ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସ ଆପଣା ଝିଅର ବିବାହ ଉପଲକ୍ଷେ ଏକମାସର ବିଦାୟ ଗ୍ରହଣ କରି ଗତ ଶନିବାର ସ୍ୱ ଗ୍ରାମକୁ ଯାଇ ଅଛନ୍ତି ।

ଯାଜପୁରର ଜେଲଖାନାରୁ ପୁନର୍ବାର ଜଣେ କଏଦୀ ପଳାଇ ଅଛି । ସେ ଜେଲରୁ ସର୍ବଦା କଏଦୀ ପଳାଉ ଅଛନ୍ତି ସେଠା କର୍ତ୍ତୃପକ୍ଷଙ୍କର କିଛି ଦୃଷ୍ଟି ଅଛି କି ?

ମାଷ୍ଟରସ୍ ଯୋଗୁଁ ଏବର୍ଷ ବାଲେଶ୍ୱର ରଥଯାତ୍ରାରେ ତେତେ ଅଧିକ ଲୋକ ହୋଇ ନ ଥିଲେ ।

ଉକ୍ତ ଜିଲାରେ ଗତ ମାସ ତା ୧୯ ଦିନ ପର୍ଯ୍ୟନ୍ତ ୧୯୯୬ ଜଣ ଲୋକ ଓଲାଉଠାଦ୍ୱାରା ନଷ୍ଟ ହୋଇଅଛନ୍ତି ।

ରାଣୀଗଞ୍ଜଠାରେ ଦୁଇଜଣ ଦସ୍ୟୁ ଧରା ପଡ଼ି ଅଛନ୍ତି । ଏମାନେ ଆପଣାକୁ ପଣ୍ଡା ବୋଲି ପରିଚୟ ଦେଇ ଯାତ୍ରୀମାନଙ୍କୁ ପ୍ରସାଦ ଅର୍ପଣ କରନ୍ତି ଏବଂ ଯାତ୍ରୀମାନେ ସାଦରେ ଉକ୍ତ ପ୍ରସାଦ ଗ୍ରହଣ କରି ସେବନ କରନ୍ତେ ଅଜ୍ଞାନ ହୋଇ ପଡ଼ନ୍ତେ ଦୁରାତ୍ମାମାନେ ସେମାନଙ୍କ ସମୁଦାୟ ସମ୍ପତ୍ତି ଅପହରଣ କରି ପଳାୟନ କରନ୍ତି । ଉକ୍ତ ପ୍ରସାଦରେ ଧୁତୁରା ଇତ୍ୟାଦି ମାଦକଦ୍ରବ୍ୟ ଥିବାର ପ୍ରମାଣ ହୋଇଅଛି । ପ୍ରକାଶ ଯେ ଏହି ପ୍ରସାଦଦ୍ୱାରା ଚାରିଜଣ ମାରା ପଡ଼ି ଅଛନ୍ତି !!

ଉକ୍ତ ସାହେବଙ୍କ କାରଖାନାମାନଙ୍କରେ ଦୁଇହଜାର ଲୋକ ନିଯୁକ୍ତ ଅଛନ୍ତି । ସେ ଏହି ନିୟମ କରି ଅଛନ୍ତି କି ସେମାନଙ୍କ ମଧ୍ୟରେ କେହି ନିଶା ପାନ କରି ନ ପାରିବ । ଏଥିର ଫଳ ଏହି ଯେ ସେମାନେ ସୁଖରେ ଅଛନ୍ତି ଓ ଅପରାଧ ସେମାନଙ୍କୁ ଅଗୋଚର । ଏ ନିୟମ ସକଳସ୍ଥାନରେ ପ୍ରଚଳ ହେବାର ଉଚିତ ।

ବହୁତଦିନର ପୁସ୍ତକ ବା କାଗଜପତ୍ର ପୋକ କାଟି ନଷ୍ଟ କରନ୍ତି, ଏହା ସମସ୍ତେ ଜାଣନ୍ତି । ସେହିସବୁ ପୁସ୍ତକାଦି ଯହିଁରେ ପୋକ କାଟି ନ ପାରନ୍ତି, ଏଥିପାଇଁ କୋଠାଏ ରସାୟନିକ ଦ୍ରବ୍ୟ ପ୍ରସ୍ତୁତ ହୋଇଅଛି । କର୍ଣ୍ଣେଲ ଜେ, ଏମ୍ ମ୍ୟାସିଣ୍ଟାୟାର ସାହେବ ସେହି ଦ୍ରବ୍ୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରଣ କରିଥିଲେ । ଗବର୍ଣ୍ଣମେଣ୍ଟ ଅନେକ ସ୍ଥଳରେ ତାହା ପରୀକ୍ଷା କରିଅଛନ୍ତି । ବଙ୍ଗଳାର ରେବିନ୍ୟୁ ବୋର୍ଡ କହନ୍ତି, ପରୀକ୍ଷା ସନ୍ତୋଷଜନକ ହୋଇଅଛି । ଯେ ସମସ୍ତ ପୁସ୍ତକ ଓ କାଗଜରେ ସେହିଦ୍ରବ୍ୟ ବ୍ୟବହାର କରା ଯାଇଥିଲା, ସେ ସବୁରେ ପୋକ ଲାଗି ନାହିଁ । ଖଣ୍ଡେ କାଗଜରେ ସେହି ଅରକ ଲଗାଇ ପୋକ ଲାଗିଥିବା କାଗଜ ସମସ୍ତ ମଧ୍ୟରେ ରଖା ଯାଇଥିଲା, ଛଅମାସ ପରେ ଦେଖାଗଲା ଯେ, ତାହାର ସହିତ ସଂଲଗ୍ନ ଅନ୍ୟାନ୍ୟ କାଗଜକୁ ସମସ୍ତ ପୋକ କାଟି ଜୀର୍ଣ୍ଣ କରି ପକାଇ ଅଛନ୍ତି, କିନ୍ତୁ ସେ କାଗଜ ଖଣ୍ଡିକୁ କୁଇଁ ନାହାନ୍ତି ! ଏହା ଠିକ ହେଲେ ଏଦ୍ରବ୍ୟ ସମସ୍ତ କଚେରୀକୁ ଅସିପାରେ ।

ଅମିର ୟାକୁବ୍ ଖାଁ କାବୁଲକୁ ଫେରି ଯାଇ ସହର ଚତୁର୍ଦ୍ଦିଗରେ ଘୋଷଣା ଦେଇଅଛନ୍ତି କି ଯୁଦ୍ଧ ସମୟରେ ଯେଉଁ ପ୍ରଜାମାନେ ଇଂରେଜଙ୍କ ସଙ୍ଗେ ସମ୍ପର୍କ ରଖିଥିଲେ ସେମାନଙ୍କୁ ଦଣ୍ଡ ବା କିଛି କ୍ଳେଶ ଭୋଗିବ ନାହିଁ ।

କାଶ୍ମୀରରେ ଏପର୍ଯ୍ୟନ୍ତ ଦୁର୍ଭିକ୍ଷ ରହିଅଛି ଓ ଲୋକେ ବଡ଼ କଷ୍ଟ ଭୋଗ କରୁଅଛନ୍ତି । ଢାକା ଓ ଯଶୋହରରେ ମଧ୍ୟ ଅନ୍ନକଷ୍ଟ ଘଟିଅଛି । ତାହାରେ ମୋଟଚାଉଳର ଦର ଏକଟଙ୍କାରେ ବାଲେଶ୍ୱର ସାତସେର ହୋଇଅଛି । ଯଶୋହରରେ ଦୁଃଖୀ ଲୋକେ ଓଡ଼ିଏ ଲେଖାଏ ଉପବାସ ରହୁଅଛନ୍ତି । ଭାରତବର୍ଷରେ ଦୁର୍ଭିକ୍ଷ କି ଚିରସ୍ଥାୟୀ ହେଲା !

ପାର୍ଲିମେଣ୍ଟସଭାରେ ଜଣେ ସଭ୍ୟ ଡୋନଲ ସାହେବ ସେକ୍ରେଟରିଙ୍କୁ ପଚାରିଲେ କାବୁଲ ଯୁଦ୍ଧରେ ସୈନିକ କର୍ମଚାରିଙ୍କ ଆଜ୍ଞାନୁସାରେ ସାତଜଣ ମୁଲ୍ଲା ଅର୍ଥାତ ପଠାଣଙ୍କ ପୁରୋହିତ ବଧ ହୋଇଥିବାର ସତ୍ୟ ଅଟେ କି ନା, ସତ୍ୟ ଥିଲେ କେଉଁ ଆଇନ ବା ବିଧି ଅନୁସାରେ ଅନ୍ୟମନସ୍କ ଲୋକ ବଡ଼ବା କି ରଣ ଲୋକମାନଙ୍କୁ ଉତ୍ସାହ ଦେବା ଅଭିଯୋଗରେ ପୁରୋହିତଙ୍କର ପ୍ରାଣଦଣ୍ଡ ହେଲା । ସେକ୍ରେଟରି କହିଲେ ସମ୍ବାଦପତ୍ର ଲେଖିତ ପ୍ରତ୍ୟେକ କଥାର ତଦନ୍ତ କରିବାର ଅସମ୍ଭବ । ଡୋନଲ ସାହେବ ସହଜରେ ଛାଡ଼ିବା କା ଉଠିବା ଲୋକ ନୁହନ୍ତି ସେ ପୁନଃପୁନଃ ପଚାରିଲେ ଏହା ତଦନ୍ତ କରିବାର ଭୂମିର କର୍ତ୍ତବ୍ୟକର୍ମ ଅଟେ କି ନା, ତହିଁ ସେକ୍ରେଟରି ମହାଶୟ ଅନାୟତ୍ତ ହୋଇ କହିଲେ ତଦନ୍ତ କରିବାକୁ ହେବ । ବସ୍ତୁତରେ ଏପରି ବିବେକ ଓ ନ୍ୟାୟବନ୍ତ ବ୍ୟକ୍ତି ଅଛନ୍ତି ଯେ ଶତ୍ରୁ ପ୍ରତି ମଧ୍ୟ ଅନ୍ୟାୟ ବ୍ୟବହାର ସହି ପାରନ୍ତି ନାହିଁ ।

କାବୁଲ ସନ୍ଧି ହେତୁ ଶ୍ରୀଯୁକ୍ତ ଲାଟ ସାହେବ ଓ ମେଜର କେବେଗନାରୀ ସାହେବଙ୍କୁ ପଦ ଦେବାର ପ୍ରସ୍ତାବ ହେଉଅଛି ।

ସୁଲଇମାନ୍‌ର ଶୁଣିଅଛନ୍ତି ଯେ ଇମାବାନ ଦଳ ଯିବାର ଉଦ୍ୟମ କରୁଅଛନ୍ତି । ତାଙ୍କ ବାଟଖର୍ଚ୍ଚର ଚାନ୍ଦା ହେଉଅଛି । ସତେ କି ସେ ଦଳ ଯିବେ ?

ସନ ୧୮୭୮।୭୯ ବର୍ଷରେ ଭାରତବର୍ଷରୁ ବାଲେତ୍ୱର ମ ୧୭୬୪୫୦୬ ଖଣ୍ଡ ତମାଖୁ ବିଦେଶକୁ ରପ୍ତାନି ହୋଇଅଛି ଏଥିର ମୂଲ୍ୟ ଟ ୧୬୭୭୬୬୬ ଙ୍କା ଘଟେ ଏବେ ଭାରତବର୍ଷକୁ ତମାଖୁ ଅନାବାଦ ଗଣା ପଡ଼ୁଅଛି । ଏଥିରୁ ବୋଧହୁଏ ଭାରତବର୍ଷୀୟ ତମାଖୁର ବ୍ୟବହାର ବୃଦ୍ଧି ହେଉ ଗଲା । କ୍ରମ !

---

## NOTICE.

---

The tenth aniversary of the Utkal Brahma Samaj will take place on Tuesday the 1st July and an address in connection with it will be delivered by Babu Jadumani Ghosh at the Cuttack Printing Company's Hall at 7-30 P.M. on Monday the 30th Instant. Gentlemen are respectfully invited to attend. Text:— "Rejoice in the Lord."

Madhusudan Rao

Secretary, Utkal Brahma Samaj.

---

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରମାଇଚରଣ ଜେଇଶି | କଟକ | ଅଗ୍ରିମ | ଟ ୩୵ |
| ,, ଶ୍ରୀରମାଧବ ସେନ | ମଙ୍ଗଳପୁର | ,, | ଟ ୨୲ |
| ମୁନ୍‌ସୀ ରହମତଖାନ | କଟକ | ବକେୟା | ଟ ୨୵ |
| ,, ଅମିରଖାନ | ବଡ଼ମାଳ | ଅଗ୍ରିମ | ଟ ୭୲ |
| ବାବୁ ସୁଧାଂଶୁ | କଟକ | ବକେୟା | ଟ ୨୵ |
| ,, ଶ୍ୟାମସୁନ୍ଦର ଦାସ | ,, | ,, | ଟ ୧୦୵ |
| ,, ରାମପ୍ରସାଦ ସିଂହ | ,, | ,, | ଟ ୭୵ |

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଅତିରିକ୍ତ ।

ଉତ୍କଳଦୀପିକା ତା ୨୮ ତାରିଖ ମାହେ ଜୁନ ସନ ୧୮୭୯ ମସିହା ।

## କଟକ ଜିଲାର ଶ୍ରୀଯୁତ ସବ୍‌ଅର୍ଡ଼ିନେଟ ଜଜ ସାହେବଙ୍କ ଅଦାଲତରେ ବିଜ୍ଞାପନ ।

ଚୌଧୁରୀ ବଇଦନାଥ ଦାସ ଡକ୍ରୀଦାର ମୂତୋଫାର ଓ୍ୱାରିସମାନେ ପୁତ୍ର ଚୌଧୁରୀ କାଶିନାଥ ଦାସ ଓ ପୌତ୍ର ଚୌଧୁରୀ ବାଳକୃଷ୍ଣ ଦାସ ସ୍ୱୟଂ ଭାଇ ଓ ମାହାଫିଜ ଚୌଧୁରୀ ଦେବୀସିଂହ ଦାସ ନାବାଲଗ ବ.ଦୀମାନଙ୍କର ଦାୟେରୀ ଚୌଧୁରୀ ସହଦେବ ମହାପାତ୍ର ପ୍ରତିବାଦୀ ନାମରେ ସନ ୧୮୭୮ ମସିହାର ନ ୮୪ ମ୍ବର ଡକ୍ରିଜାରୀ ମୋକଦମାରେ ବାଦୀମାନଙ୍କର ପାଉଣା ଟ୧୦୯୫୭।୷ଙ୍କା ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିମାନ ସନ ୧୮୭୯ ମସିହା ଜୁଲାଇମାସ ତା ୧୫ ରିଖ । ମୁ । ଓଡ଼ିଆ ସନ ୧୨୮୬ ସାଲ ଶ୍ରାବଣମାସ ତ ୧ ନ ମଙ୍ଗଳବାର ଦିନ କଟକ ଜିଲାର ଶ୍ରୀଯୁତ ଶ୍ରୀ ଜଜ ସାହେବ ଜଉଙ୍କ ଅଦାଲତରେ ନିଲାମ ହେବ ଅତଏବ ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଖରିଦ ଆକାଙ୍କ୍ଷୀ ବ୍ୟକ୍ତିମାନେ ଉକ୍ତ ତାରିଖେ ଉପସ୍ଥିତ ହୋଇ ନିଲାମରେ ଖରିଦ କରିବେ ।

### ତପସିଲ ସମ୍ପତ୍ତି ।

| ନାମ ପ୍ରଗନା । | ତଉଜି ନମ୍ବର । | ନାମ ମାହାଲ । | ଜମୁନ ସଦରଜମା । | ନିଲାମ ହେବାର କସମତ । | |
|---|---|---|---|---|---|
| ଯାଜପୁର | ନ ୩୨୯୮ ମ୍ବର | । କ । ତା । କାଲୀମେଘା | ଟ ୪୪୯ ୳୷ ୩ | ଟ ୦ ୳୷ ୧।୦ ୴ | |
| ଏଜନ | ନ ୫୮ ମ୍ବର | । ତା । ନହରପୁର | ଟ ୩୨୯୬ / ୩୴ | ଟ ୦ ୵ | |
| ଏଜନ | ନ ୭୭ ମ୍ବର | ମୌ । ଋଷିପୁର | ଟ ୪୪୯ ୧ ୯୳ | ଟ ୦। | |
| ଏଜନ | ନ ୩୨୫୭ ମ୍ବର | ମୌ । ବଥରେଶ୍ୱର | ଟ ୨୨ ୳ | ଟ ୧ ୧ | ସମୁଦାୟ |
| ଏଜନ | ନ ୨୭୫ ମ୍ବର | ଖ । ମୌ । ସନ୍ତମାଧବ | ଟ ୪୪ ୳୵ ୪ | ଟ ୦। | |
| ଏଜନ | ନ ୩୨୭୦ ମ୍ବର | । କ । ତା । ସୁନ୍ଦରପୁର | ଟ ୧୨୩ ।୵ ୪ | ଟ ୧ ୧ | ସମୁଦାୟ |
| ଏଜନ | ନ ୩୨୯୦ ମ୍ବର | । କ । ତା । ସୁନ୍ଦରପୁର | ଟ ୭୬୴୷ ୭୳ | ଟ ୧ ୧ | ” |
| ଏଜନ | ନ ୭୪ ମ୍ବର | । କ । ତା । ଶ୍ରୀମନ୍ତରପୁର | ଟ ୫୪ ।୵ ୫୳ | ଟ ୦। | |
| ଏଜନ | ନ ୭୦ ମ୍ବର | । କ । ତା । ଶ୍ରୀମନ୍ତରପୁର | ଟ ୪୭୫ ୷ ୮ | ଟ ୦ ୧ ୯୳/ | |
| ଏଜନ | ନ ୧୬୨ ମ୍ବର | ଖ । ମୌ । ପାଳଦା ଓଗେର | ଟ ୭୪ ।/ | ଟ ୦। | |
| ଏଜନ | ନ ୧୩୭ ମ୍ବର | । ମୌ । ପାଳଦା ଓଗେର | ଟ ୪୩୳ ୧୦୴ | ଟ ୦ ୵ ୩ ୧ ୧ | |
| ଯାଜପୁର ଓଗେର | ନ ୩୦୭ ମ୍ବର | ଖ । ମୌ । ବାରୁଆଁ ଓଗେର | ଟ ୭୪ ।/ | ଟ ୦ ୧ ୭ | |
| ଏଜନ | ନ ୩୦୮ ମ୍ବର | ଖ । ମୌ । ପାଳଦା ଓଗେର | ଟ ୬୯ ।୵ ୮ | ଟ ୦ ୵ ୧୧ | |
| ଯାଜପୁର | ନ ୨୭୭ ମ୍ବର | ଖ । ମୌ । ପଇରଖ | ଟ ୧୨୫୴୵ ୧ | ଟ ୦ ୧ ୩୴ | |
| ଯାଜପୁର | ନ ୨୭୨ ମ୍ବର | । ଅ । ଖା । ଦେବୋତ୍ତର | | | |
| | | । ମୌ । ମସ୍ତକଲ ପୁର | ଟ ୪୴୷ ୨ | ଟ ୦। | |
| ଏଜନ | ନ ୧୩୧ ମ୍ବର | ଅଗ୍ରଜ ଲାଲବାଗ | ଟ ୨୫ / ୭ | ଟ ୦। | |
| ସାହେବନଗର | ନ ୧୮୬୯ ମ୍ବର | । କ । ମୌ । ବୃନ୍ଦାବନପୁର | ଟ ୪୪ ।୷୧୧ | ଟ ୦ ୯୧୦ | |
| ଏଜନ | ନ ୧୮୭୦ ମ୍ବର | । ମୌ । ଜାମୁନଗର ଓଗେର | ଟ ୫୧ ।୵ ୩ | ଟ ୦ ୧୧୮ । ୧ | |
| ଏଜନ | ନ ୧୮୬୬ ମ୍ବର | । ମୌ । ବାସୁଦେଇପୁର ଓଗେର | ଟ ୧୦୧ ୳ | ଟ ୦ ୷ ୪ | |
| ଯାଜପୁର | ନ ୩୦୨୨ ମ୍ବର | । କ । ଖ । ମୌ । ସଇପୁର | ଟ ୧୯ ।୷ ୭ | ଟ ୦। | |
| ମାରକତାବାଦ | ନ ୧୮୯୨ ମ୍ବର | । ମୌ । ପାଟଳୀ | ଟ ୨୪୧ । ୫ | ଟ ୦୳ | |
| ବରୁଆଁ | ନ ୧୩୧୪ ମ୍ବର | । କ । ତା । କେଶପୁର | ଟ ୧୭୬୦ ।୷ ୬୳ | ଟ ୦। ୪ ୧ ୪ | |
| ସରଗଡା | ନ ୩୨୨୮ ମ୍ବର | । କ । ତା । କୁଗଲୋ | ଟ ୯୪୨୴ ୫ | ଟ ୦୳୷୧୯ ୧ ୧୴୵୧୫ | |
| ଏଜନ | ନ ୧୬୯୨ ମ୍ବର | । କ । ମୌ । ବରଣ୍ଡେଲ | ଟ ୬୦ ୳୷ ୭ | ଟ ୦। | |
| ଏଜନ | ନ ୧୬୩୧ ମ୍ବର | । କ । ମୌ । ସ୍ୱଗା | ଟ ୧୧୮ ୷ ୭। | ଟ ୦ /୧୫ | |
| ଏଜନ | ନ ୩୨୮୪ ମ୍ବର | । କ । ତା । ମକୁନ୍ଦପୁର | ଟ ୨୨୩ ୧ ୫ | ଟ ୧ ୧ | ସମୁଦାୟ |
| ଜାଷାଣିଆ | ନ ୫୦୪ ମ୍ବର | ଖ । ମୌ । ଲେଙ୍କାସାହି | ଟ ୧୦୴୵ | ଟ ୦ / | |
| ଏଜନ | ନ ୫୩୧ ମ୍ବର | ଖ । ମୌ । ସେରପୁର | ଟ ୪୴୷ ୫ | ଟ ୦। | |

W. WRIGHT.
*Sub Judge.*

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ଶ
ସଂ ୨୭ ଖ୍ୟା

ତା ୫ ରଖ ମାହେ ଜୁଲାଇ ସନ ୧୮୭୯ ମସିହା । ମୂ । ଆଷାଢ଼ ୨୩ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬।
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭।
ମଫସଲଙ୍କ ଡାକମାସୁଲ ଟ୧।୵

ସରକାରୀ ବ୍ୟୟ ଲାଘବ ସମ୍ବନ୍ଧରେ ସୈନିକ ବ୍ୟୟ କର୍ତ୍ତନ କରିବାର ବ୍ୟବସ୍ଥା ନିମିତ୍ତ କମିଶନ ବସିଅଛି । ଆମ୍ଭମାନଙ୍କର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ମାନ୍ୟବର ଇଡ଼ନ୍ ସାହେବ ସେ କମିଶନ ସଭାର ସଭାପତି ହୋଇଅଛନ୍ତି । ଲାଇସେନ୍‌ସ ଟାକ୍ସ ପ୍ରସ୍ତାବ ବେଳେ ସେ କହିଥିଲେ ଗବର୍ଣ୍ଣମେଣ୍ଟ ନୂତନ ଟାକ୍ସ ବସାଇ ବ୍ୟୟ ଊଣା ନ କଲେ ଅନ୍ୟାୟ ହେବ, ଏ ବର୍ଷର ବଜେଟ ଦର୍ପେଶ ବେଳେ ସେ ଲବଣ ମାସୁଲ କର୍ତ୍ତନ ପ୍ରତି ଆପତ୍ତି କରି କହିଥିଲେ ଯେ ତାହା କେବଳ ବିଲାତର ଭନ୍ତ୍ରଙ୍କ ପ୍ରତି ଅବିହିତ ଅନୁଗ୍ରହ ଅଟେ ଏବଂ ସରକାରୀ ବ୍ୟୟ ବିଶେଷତଃ ସୈନିକ ବ୍ୟୟ କର୍ତ୍ତନ କରିବାର ପ୍ରସ୍ତାବ କରିଥିଲେ । ପୁଣି ତାଙ୍କର ବିଚକ୍ଷଣ ବୁଦ୍ଧି ଓ ବିବେଚନା ଏବଂ ଦେଶୀୟ ଲୋକଙ୍କ ପ୍ରତି ବିଶେଷ ଶ୍ରଦ୍ଧା ଥାଏ । ଏ ହେତୁ ଆଶା ହୁଏ ଯେ ଇଡନ୍ ସାହେବଙ୍କ ଯୋଗେ ଏ କାର୍ଯ୍ୟ ଉତ୍ତମରୂପେ ହେବ । ତାଙ୍କ କର୍ମରେ ଆଶାମର ଚିଫ୍ କମିଶନର ବେଲି ସାହେବ ଏକ୍ଟିଂ ହୋଇଅଛନ୍ତି ସେ ଦୂର କର୍ମ ନିର୍ବାହ କରିବେ । କମିଶନ କାର୍ଯ୍ୟ ପ୍ରାୟ ତିନି ମାସ ଲାଗିବ ତଦନନ୍ତର ଇଡନ୍ ସାହେବ ବମ୍ବାଇ ବା ମାନ୍ଦ୍ରାଜର ଗବର୍ଣ୍ଣର ହେବାର ଜନରବ ଶୁଣାଯାଏ । ଏହା ସତ୍ୟ ହେଲେ ଏଥିରେ ତାଙ୍କର ପଦୋନ୍ନତି ମାତ୍ର ବଙ୍ଗ ପ୍ରତି କ୍ଷତିଜନକ ହେବ । ଟେମ୍ପଲ ସାହେବ ପ୍ରାୟ ଦୁଇବର୍ଷ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ହୋଇ ବମ୍ବାଇକୁ ଗଲେ ଓ ଇଡ଼ନ୍ ସାହେବ ଅଢ଼େଇ ବର୍ଷ ହେଲା ଏ କର୍ମରେ ଅଛନ୍ତି ସେ ପୁଣି ଚାଲି ଯିବେ । ଏପରି ଅଳ୍ପ ସମୟରେ ଗବର୍ଣ୍ଣରଙ୍କର ପରିବର୍ତ୍ତନ ଦେଶ ପ୍ରତି ଅହିତକର ଅଟେ ।

---

ପଟୁଆରୀ କାଗଜ ଦାଖଲର ନିୟମ ପ୍ରବଳ ରହିବା ଅବା ରହିତ ହେବା ପକ୍ଷରେ ଚୂଡ଼ାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ ଯେସନ୍ତି ମହାଲମାନଙ୍କର କାଗଜ ଦାଖିଲ ସ୍ଥଗିତ ରହିବାର ଆଜ୍ଞା ଗବର୍ଣ୍ଣମେଣ୍ଟରୁ ଆସିବା ସମୟରେ ଆମ୍ଭେମାନେ ପ୍ରସ୍ତାବ କରିଥିଲୁଁ ଯେ ସକଳ ମହାଲ ପକ୍ଷରେ ତଦ୍ରୂପ ଆଜ୍ଞା ହେବାର ଆବଶ୍ୟକ ଓ ଉଚିତ ଏବଂ ଏଥିପାଇଁ କମିଶ୍ନର ସାହେବଙ୍କୁ ଅନୁରୋଧ କରିଥିଲୁଁ । ବର୍ତ୍ତମାନ ଶୁଣି ଆନନ୍ଦିତ ହେଲୁଁ ଯେ ବାଲେଶ୍ବରର ସୁବିବେକ କଲେକ୍ଟର ଶ୍ରୀଯୁକ୍ତ ନର୍ମାନ ସାହେବ ତଦ୍ରୂପ ପ୍ରସ୍ତାବ କରିବାରୁ ଶ୍ରୀଯୁକ୍ତ କମିଶନର ସାହେବ ଚୂଡ଼ାନ୍ତ ଆଜ୍ଞା ପର୍ଯ୍ୟନ୍ତ ସମସ୍ତ ମହାଲର ପଟୁଆରୀ କାଗଜ ଦାଖଲୀ ସ୍ଥଗିତ ରଖିବା କାରଣ ବୋର୍ଡଙ୍କୁ ଅନୁରୋଧ କରିଅଛନ୍ତି ଓ ଏଣେ କଲେକ୍ଟରମାନଙ୍କୁ ସେହିପରି ଆଜ୍ଞା ଦେଇଅଛନ୍ତି । ଭରସା ହୁଏ ଏହା ବୋର୍ଡରେ ଗ୍ରାହ୍ୟ ହେବ । ନର୍ମାନ ସାହେବଙ୍କର ଏ କାର୍ଯ୍ୟ ଅତି ପ୍ରଶଂସନୀୟ ଓ ଏହାଦ୍ୱାରା ଜମିଦାରଙ୍କର ବିଶେଷ ଉପକାର ହେବ ଯେହେତୁ ଆମ୍ଭେମାନେ ଦେଖୁଥିଲୁଁ ଯେ ଏ ଜିଲ୍ଲାରେ ଅନେକ ଜମିଦାର ସନ ୬୮୩ ସାଲର କାଗଜ ଏପର୍ଯ୍ୟନ୍ତ ଦେଇ ନ ଥିବାରୁ ସେମାନଙ୍କ ଉପରେ ଦୈନିକ ଅର୍ଥଦଣ୍ଡ ଧାର୍ଯ୍ୟ ହୋଇ ତାହା ଆଦାୟ ନିମିତ୍ତ ପ୍ରତ୍ୟହ ନୋଟିସଜାରୀ ହେଉଥିଲା । ଢାନୁନଗୋଇମାନେ ଏ ନୋଟିସ ପାଇ ସେମାନଙ୍କୁ ଅବଶ୍ୟ ଖବର କରୁଥିବେ । କମିଶ୍ନରଙ୍କ ଆଜ୍ଞାନୁସାରେ ଏସବୁ ସ୍ଥଗିତ ରହିଲା ବର୍ତ୍ତମାନ ଜମିଦାରମାନେ କିଛି ଦିନ ସକାଶେ ନିଶ୍ଚିନ୍ତ ହେଉନ୍ତୁ ପରଶେଷେ ଏ ଅନର୍ଥକ ଆପଦରୁ ରକ୍ଷା ପାଇବେ ଏପରି ଆଶା ଦିଶୁଅଛି ଓ ଆମ୍ଭେମାନେ ତାହାହିଁ ମନାସୁ ଅଛୁଁ ।

---

ସମ୍ବାଦବାହିକା ଓ ଦର୍ପଣରୁ ଅବଗତ ହେଲୁଁ ଓଲାଉଠା ନିବାରଣ ନିମିତ୍ତ ବାଲେଶ୍ୱରରେ ଗତ ସପ୍ତାହରେ ଭାରି ସମାରୋହରେ ଚଉବିଶପ୍ରହରୀ ହରିହାଟ ହୋଇଥିଲା । ଚୈତନ୍ୟଚରିତାମୃତରେ ଉକ୍ତ ଅଛି ଶ୍ରୀକୃଷ୍ଣ ଚୈତନ୍ୟାଚାର୍ଯ୍ୟ ଅନାହାର ଓ ଉତ୍ସବରେ କ୍ରମାଗତ ତିନି ଦିନ ହରିକୀର୍ତ୍ତନ କରିଥିଲେ; ବାଲେଶ୍ୱରର ହରିହାଟ ସେଥିର ଅନୁକରଣ ଅଟଇ । ହରିହାଟ ସ୍ଥାନ ଚାନ୍ଦୁଆ ପତାକା ଇତ୍ୟାଦିରେ ସୁସଜ୍ଜିତ ହୋଇଥିଲା; ଅନେକ ସଙ୍କୀର୍ତ୍ତନକାରୀ ଓ ଅସଂଖ୍ୟ ଦର୍ଶକ ସମାଗତ ହୋଇଥିଲେ ଏହି ପ୍ରକାରରେ ଅତି ଆଡ଼ମ୍ବର ହୋଇଥିଲା । ଅନେକ ଲୋକ ଭୋଜନ ପାଇଥିଲେ ଓ ଦରିଦ୍ରମାନଙ୍କୁ ଏତେ ମିଠାଇ ବଣ୍ଟନ ହେଲା ଯେ ଗୁଡ଼ିଆଙ୍କ ଦୋକାନମାନ ଶୂନ୍ୟ ହୋଇଗଲା । ମାତ୍ର ଓଲାଉଠା ସମ-

Digitized by srujanika@gmail.com

ଯୁରେ ମିଷ୍ଟାନ୍ନ ଭୋଜନ ନିଷେଧ, କିନ୍ତୁ ଅଧିକ ଲବଣ ଖାଇବାର ବଯେଯ୍ୟ ଏଥିରେ ଓଲାଉଠା ନିବାରଣ ହେବାର ଡାକ୍ତରମାନେ କହନ୍ତି ଅତଏବ ଦରିଦ୍ରଙ୍କୁ ଲବଣ ବିତରଣରେ ଉପକାରର ସମ୍ଭାବନା । ଦର୍ପଣ ବୋଲନ୍ତି ଏ ହରିହାଟଦ୍ୱାରା ବାଲେଶ୍ବର ବାସିଏ ଆମ୍ଭମାନଙ୍କର ଆଦେଶ ପାଳନ କରିଅଛନ୍ତି । କିନ୍ତୁ ଆମ୍ଭମାନେ ଶ୍ୟାମସୁନ୍ଦର ଛତ୍ରଙ୍କୁ ଆଉ ଥରେ ଅଧିକ ଆଡ଼ମ୍ବରରେ ବାହାର କରିବା ପାଇଁ ଇଙ୍ଗିତ କରିଥିଲୁଁ । ବୋଧ ହୁଏ ବାଲେଶ୍ବର ବାସିମାନେ ପ୍ରଶଂସିତ ଠାକୁରଙ୍କୁ ଓଲାଉଠା ନିବାରଣରେ ଅକ୍ଷମ ମଣି ହରିହାଟ ଅବଲମ୍ବନ କଲେ । ଭରସା ହୁଏ ବରଷା ଯୋଗେ ଏହା ଶ୍ୟାମସୁନ୍ଦର ଛତ୍ରଙ୍କ ନଗରବୁଲା ତୁଲ୍ୟ ବୃଥା ହେବ ନାହିଁ ।

ବାଲେଶ୍ବରରେ ଏ ରୋଗ ଭୟଙ୍କରରୂପେ ଏତେଦିନ ପ୍ରବଳ ରହିବାର ଅତିଶୟ ଦୁଃଖର ବିଷୟ । ବାହକ ବୋଲନ୍ତି ଏଥିର କାରଣ ଜଳକଷ୍ଟ ଓ ସୁପେୟ ଜଳର ଅପ୍ରାପ୍ତି ଅଟଇ ଏଠାପରି ବାଲେଶ୍ବରରେ କୂଅ ନାହିଁ ପୁଷ୍କରିଣୀର ପାଣି ପାନ ହୁଏ । ଅଳ୍ପବୃଷ୍ଟି ହେତୁ ଏ ବର୍ଷ ପୁଷ୍କରିଣୀ ସବୁ ପ୍ରାୟ ଶୁଷ୍କ ହୋଇ ଗଲା ଓ ଲୋକେ ଅଗତ୍ୟା ଗୋଳିଆ ପାଣି ବ୍ୟବହାର କଲେ । ଏପରି ଅବସ୍ଥାରେ ଓଲାଉଠା ପ୍ରବଳ ହେବାର ବିଚିତ୍ର ନୁହେ । ସେଠାଲୋକେ ଅନର୍ଥକ ଆଡ଼ମ୍ବରରେ ଶତଶତ ଟଙ୍କା ବ୍ୟୟ କରୁଅଛନ୍ତି ଯହିଁରେ ରୋଗର ପ୍ରକୃତ ପ୍ରତୀକାର ଓ ବ୍ୟୟ ଅଳ୍ପ ତାହା କରୁ ନାହାନ୍ତି ବଡ଼ ଆଶ୍ଚର୍ଯ୍ୟ । ମନୁଷ୍ୟ ଓ ପଶୁମାନଙ୍କର ସ୍ନାନ ଏବଂ ନାନାବିଧ ସାମଗ୍ରୀ ଧୋଇବାରେ କ୍ଷୁଦ୍ର ୨ ପୁଷ୍କରିଣୀର ଜଳ ଅବଶ୍ୟ ମନ୍ଦ ହୁଏ ଓ ସେହି ଜଳ ପାନରେ ଅନେକ ରୋଗ ଜାତ ହେବାର ସମ୍ଭାବନା । ଏହେତୁ କୂପ ଖନନ ନିତାନ୍ତ ଆବଶ୍ୟକ ଓ ଏଥିରେ ଅନେକ ଉପକାର ଓ ସୁବିଧା ହେବ । ଅତଏବ ବାଲେଶ୍ବର ବାସିଏ ଆଡ଼ମ୍ବର ଛାଡ଼ି ଏଥିରେ ମନୋଯୋଗୀ ହେଉନ୍ତୁ ।

---

## ରଥଯାତ୍ରା ।

ପୁରୀର ରଥଯାତ୍ରା ଏକପ୍ରକାର ଶେଷ ହେବାର ବୋଲିବାକୁ ହେବ କାରଣ ଯାତ୍ରିମାନେ ପ୍ରାୟ ସମସ୍ତେ ଫେରି ଆସିଲେଣି ମାତ୍ର ମହାପ୍ରଭୁଙ୍କର ବାହୁଡ଼ାବିଜେ ହୋଇ ନାହିଁ । ଗୁଣ୍ଡିଚାଯାତ୍ରା ବେଳେ ଠାକୁରମାନେ ଯଥାସମୟରେ ଗୁଣ୍ଡିଚାମନ୍ଦିରରେ ପ୍ରବେଶ ହେଲେ ଓ ଗତମାସ ତା ୨୮ ରଖ ଶନିବାର ପର୍ଯ୍ୟନ୍ତ ଅନ୍ନଭୋଗ ହେଲା । ରବିବାରଦିନ ବାହୁଡ଼ାଯାତ୍ରା ହେଲା ମାତ୍ର ରଥମାନ ଲେଉଟା ହୋଇ ନ ଥିବାରୁ ଠାକୁରମାନେ ଯଥାସମୟରେ ଜଗମୋହନରେ ବନ୍ଦୀ ହୋଇ ରହିଲେ । ରଥ ଲେଉଟାଇବା ବିଷୟରେ କର୍ତ୍ତୃପକ୍ଷମାନେ ତ୍ରୁଟି ନ କରି ବାହୁଡ଼ାଦଶମୀ ପୂର୍ବ ଶୁକ୍ରବାରଠାରୁ ସେ କାର୍ଯ୍ୟ ଆରମ୍ଭ କରିଥିଲେ । ବାହୁଡ଼ାଦଶମୀ ଦିନପର୍ଯ୍ୟନ୍ତ ସୁଭଦ୍ରା ଓ ବଳଦେବଙ୍କ ରଥ ଲେଉଟା ହୋଇ ମନ୍ଦିର ନିକଟକୁ ଆସିଥିଲା ମାତ୍ର ଚଳିତ ମାସ ତା ୧ ରଖ ଠାରୁ ଅନବରତ ବୃଷ୍ଟି ହେବାରୁ ଜଗନ୍ନାଥଙ୍କ ରଥ ଫେରି ହୋଇ ପାରିଲା ନାହିଁ ।

ଏଥର ଯାତ୍ରିମାନେ ପୁରୀରେ କୁଶଳରେ ଥିଲେ । ଓଲାଉଠା ରୋଗ ସାମାନ୍ୟରେ ଦେଖା ଯାଇଥିଲା ମାତ୍ର ବର୍ତ୍ତମାନ ସେଠାରେ ଜ୍ୱର ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇଅଛି । ପ୍ରାୟ ପ୍ରତ୍ୟେକ ଘରେ ଦୁଇ ଚାରିଜଣ ଲୋକ ଏ ପୀଡ଼ା ଭୋଗ କରୁଅଛନ୍ତି । ଭରସା କରୁଁ ଏ ରୋଗ ତେତେ ସାଂଘାତିକ ହେବ ନାହିଁ ।

---

## ବିଲାତରେ ଭାରତବର୍ଷର ଆବେଦନ ।

ବର୍ତ୍ତମାନ ପାର୍ଲିମେଣ୍ଟ ସଭାରେ ଭାରତବର୍ଷର କେତେକ ଆବେଦନ ଆଗତ ହୋଇଅଛି ଓ ସେ ସମ୍ପର୍କରେ ବିଲାତରେ ଆନ୍ଦୋଳନ ଲାଗିଅଛି । କଲିକତାର ଭାରତବର୍ଷୀୟ ସଭା କାବୁଲ ଯୁଦ୍ଧର ବ୍ୟୟ ଭାରତବର୍ଷ ଦୋଷରୁ ନିର୍ବାହ ନେବା ଆଜ୍ଞା ବିରୁଦ୍ଧରେ ଗତ ମାର୍ଚ୍ଚ ମାସରେ ଆବେଦନପତ୍ର ବିଲାତକୁ ପଠାଇଥିଲେ । ଗ୍ଲାଡଷ୍ଟୋନ ସାହେବ ଉକ୍ତ ଆବେଦନ ନିକଟରେ ପାର୍ଲିମେଣ୍ଟ ସଭାରେ ଆଗତ କରି ଇହିଁ ଲିଖିତ ବିଷୟମାନ ଚୁମ୍ବକରେ ଜଣାଇଲେ ଓ ଏଥିର ବିହିତ ବିଚାରପାଇଁ ଅନୁରୋଧ କଲେ । ମାତ୍ର ଆବେଦନରେ ଯେ ହେତୁବାଦମାନ ଲେଖା ଅଛି ସେ ସବୁ ବିଷୟରେ ଏଥି ପୂର୍ବେ ପାର୍ଲିମେଣ୍ଟ ସଭାରେ ବିଶେଷ ତର୍କ ବିତର୍କ ହୋଇ ଯୁଦ୍ଧ ବ୍ୟୟ ଭାରତବର୍ଷ ମସ୍ତକରେ ପଡ଼ିଅଛି । ଏହେତୁ ଏ ପକ୍ଷରେ ବଡ଼ ଆଶା ଦିଶୁ ନାହିଁ ।

କିନ୍ତୁ କପା ମାସୁଲ ଉଠାଇବା ବିଷୟ ଆବେଦନରେ କିଛି ଫଳ ଲାଭ ହେବାର ଆଶା ଦେଖା ଯାଏ । ଏ ସମ୍ପର୍କରେ ବମ୍ବାଇ ଓ ମାନ୍ଦ୍ରାଜରେ ଲାଗି ସଭା ହୋଇଥିଲା । ଏ ଦୁଇ ସଭାରେ କପା ମାସୁଲ ଉଠାଇ ଆଣିବାକୁ ସମସ୍ତେ ନିତାନ୍ତ ଦୋଷଯୁକ୍ତ ମଣି ପାର୍ଲିମେଣ୍ଟରେ ଆବେଦନ କରିବାର ସିଦ୍ଧାନ୍ତ କଲେ । ଏ ବିଷୟରେ କଲିକତା ଭାରତବର୍ଷୀୟ ସଭା ଲର୍ଡ ସାହେବଙ୍କ ଛାମୁରେ ଆବେଦନ କରି ଅପମାନ ପାଇଥିଲେ ମାତ୍ର ସେହି ଦିନୁ ଏ ବିଷୟର ଆନ୍ଦୋଳନ ସର୍ବତ୍ର ଲାଗିଅଛି । କେହି ୨ ବୋଲି ପାରନ୍ତି ଏ ମାସୁଲ ଉଠିଗଲେ ବିଲାତି ଲୁଗା ଅତିଶୟ ଶସ୍ତା ହେବ ଓ ଦୁଃଖୀ ଲୋକଙ୍କ ପକ୍ଷରେ ଭଲ ହେବ ମାତ୍ର ଏଥିରେ ଦେଶର ଅନେକ ଅଲାଭ । ବର୍ତ୍ତମାନ ବିଲାତି ଲୁଗା ହେତୁ ଏଠା ଲୁଗା ବ୍ୟବସାୟୀ ଓ ତନ୍ତିମାନେ ହୀନାବସ୍ଥାକୁ ପ୍ରାପ୍ତ ହେଲେଣି । ପୂର୍ବେ ସ୍ୱଳ୍ପନଗର ଲୁଗାର କେତେ ଆଦର ଥିଲା ବର୍ତ୍ତମାନ ସେ ଲୁଗା ପ୍ରାୟ ରହିତ ହେଲାଣି ଓ ସେଠା ତନ୍ତିମାନେ ଦରିଦ୍ର ପଡ଼ିଲେଣି । ବିଲାତି ଲୁଗା ଆଉ ଶସ୍ତା ହେଲେ ଦେଶୀୟ ଲୁଗା ଏକାବେଳକେ ରହିତ ହେବ ଓ ବମ୍ବାଇରେ ଯେ କଲ ଲୁଗାର ବ୍ୟବସାୟ ଆରମ୍ଭ ହୋଇଅଛି ତାହା ମଧ୍ୟ ଚଳି ନ ପାରିବ । କେବଳ ବିଲାତି ଲୁଗା ଏ ଦେଶରେ ଚଳିବ ଓ ଏ ଦେଶରୁ ଅତୁଲ ଅର୍ଥ ବିଲାତକୁ ଯିବ । ଅତଏବ କପା ମାସୁଲ ଉଠିବାରେ ଦେଶର ଅତି ଅଲାଭ ଓ ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ଅଲାଭ କେବଳ ବିଲାତର ଲାଭ । ବିଲାତସ୍ଥ ମାଞ୍ଚେଷ୍ଟରର ତନ୍ତିମାନେ ଏ ମାସୁଲ ଉଠାଇବାପାଇଁ ଅନେକ ଦିନରୁ ଉଦ୍ୟୋଗୀ ଥିଲେ ଓ ବିଲାତର ସେକ୍ରେଟରିଙ୍କ ଦ୍ୱାରେ ଆବେଦନ କରିଥିଲେ । ସେମାନଙ୍କ ଅନୁରୋଧରେ ସେକ୍ରେଟରି ମହାଶୟ ଲର୍ଡ ସାହେବଙ୍କଠାରୁ ଦଦୂଲି ସମ୍ବାଦ ଦେବାରୁ ଲର୍ଡ ସାହେବ କାହାର କଥା ନ ମାନି ମାସୁଲ ଉଠାଇ ଦେଲେ ।

ମାସୁଲ ଉଠିବା ପକ୍ଷରେ ଲର୍ଡ ସାହେବଙ୍କ ସଭାର ସଭ୍ୟମାନେ ମତ ଦେଇ ନ ଥିଲେ ଓ ବିଲାତ ସେକ୍ରେଟରିଙ୍କ ସଭାର ସଭ୍ୟମାନେ ସ୍ପଷ୍ଟ ନିଷେଧ କରିଥିଲେ ତଥାଚ ମାଞ୍ଚେଷ୍ଟର ତନ୍ତିଙ୍କ ଅନୁରୋଧ ବଳବତ୍ତର ହେଲା ବଡ଼ ଆଶ୍ଚର୍ଯ୍ୟ । ବର୍ତ୍ତମାନ ଉକ୍ତ ସଭ୍ୟମାନଙ୍କର ମତ ପ୍ରକାଶ ହୋଇଅଛି ଓ ଏହା ଯୋଗୁ ବିଲାତରେ ଘୋର ଆନ୍ଦୋଳନ ଓ ତର୍କ ବିତର୍କ ଲାଗିଅଛି । ସେଠାର ସୁବିବେକ, ନ୍ୟାୟବାନ୍, ଉଦାର ଓ ମହତ୍ ବ୍ୟକ୍ତିମାନେ ତନ୍ତିଙ୍କ ଖାତିର ନ କରି ଯଥାର୍ଥ କହୁଅଛନ୍ତି । ଗତ ମାସ ତା ୬ ରଖରେ

Split by PDF Splitter
Digitized by srujanika@gmail.com